

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୭ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 27 FEBRUARY 2024

Vol.No. 35 ■ No.57 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଓଡ଼ିଶାକୁ ବଡ଼ ଭେଟି ଦେଲେ ପ୍ରଧାନମନ୍ତ୍ରୀ ମୋଦୀ





ନୂଆଦିଲ୍ଲୀ, ୨୫/୨ : ଲୋକସଭା ନିର୍ବାଚନ ପୂର୍ବରୁ ଓଡ଼ିଶାକୁ ବଡ଼ ଭେଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଓଡ଼ିଶାର ୨୧ଟି ରେଳଷ୍ଟେସନର ଭିତ୍ତି ପ୍ରସ୍ତର ସ୍ଥାପନ ଓ ନବୀକରଣ ପ୍ରକଳ୍ପର ଉଦଘାଟନ କରିଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏ ସମସ୍ତ ଭିତ୍ତି ପ୍ରସ୍ତର ପ୍ରକଳ୍ପ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଜି ୪୧,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରାୟ ୨୦୦୦ ରେଳ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଓ ଲୋକାର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଭିଡିଓ କନଫରେନ୍ସିଂ ଜରିଆରେ ଏସବୁ ପ୍ରକଳ୍ପ ଗୁଡିକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ପ୍ରଧାନମନ୍ତ୍ରୀ। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୨୭ଟି ରାଜ୍ୟର ୫୫୪ଟି ରେଳ ଷ୍ଟେସନର ପୁନଃବିକାଶ ପାଇଁ ଶିଳାନ୍ୟାସ କରିଛନ୍ତି। ଏଥିରେ ଓଡ଼ିଶାର ୨୧ଟି ରେଳ ଷ୍ଟେସନ୍, ୫୦ଟି ରୋଡ୍ ଓଭର୍ ବ୍ରିଜ୍ ଏବଂ ଅଣ୍ଡର ପାସ୍ ରହିଛି। ପାରଳାଖେମୁଣ୍ଡି, କେନ୍ଦୁଝର, ବ୍ରଜରାଜନଗର, ସମ୍ବଲପୁର ସିଟି, ଜୟପୁର ଭଳି ଷ୍ଟେସନ୍ ରହିଛି। ଏହି ସବୁ ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ରୂପେ ପରିଣତ କରାଯିବ। ଯେଉଁଥିରେ ରହିବ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା। ଫୁଟ୍ ଓଭର ବ୍ରିଜ୍, ଫୁଡ୍ କୋର୍ଟ, ବହୁସ୍ତରୀୟ ପାର୍କିଂ, ଏସ୍କାଲେଟର୍, ରୁଫ୍ ପ୍ଲାଜା, ସପିଂ ଜୋନ୍ ଭଳି ଅନେକ ବ୍ୟବସ୍ଥା ରହିବ। ସାକ୍ଷୀଗୋପାଳ ରୋଡ ଓଭର ବ୍ରିଜ୍ ପାଇଁ ୬କୋଟି ୬୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଯାଜପୁର ରୋଡ୍ ରେଳ ଷ୍ଟେସନ ମାଲ ଗୋଦାମ ନିକଟରେ ଓଭରବ୍ରିଜ୍ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ସେହିପରି ମହାରାଷ୍ଟ୍ରର ୫୬, ଗୁଜରାଟର ୪୫, ଆନ୍ଧ୍ରପ୍ରଦେଶର ୪୬, ତାମିଲନାଡୁର ୩୪, ବିହାର ୩୩, ମଧ୍ୟପ୍ରଦେଶର ୩୩, କର୍ଣ୍ଣାଟକର ୩୧, ଝାଡଖଣ୍ଡର ୨୭, ଛତିଶଗଡର ୨୧ ଓ ରାଜସ୍ଥାନର ୨୧ ରେଳ ଷ୍ଟେସନ ପୁନଃବିକାଶ ପାଇଁ ଶିଳାନ୍ୟାସ କରିଛନ୍ତି ମୋଦି। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦି ୧୫୦୦ ରୋଡ୍ ଓଭରବ୍ରିଜ୍ ଏବଂ ଅଣ୍ଡରପାସ୍ ?ର ଭିତ୍ତି ପ୍ରସ୍ତର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏଥିରେ ଉତ୍ତରପ୍ରଦେଶର ୨୫୨, ମହାରାଷ୍ଟ୍ରର ୧୭୫, ମଧ୍ୟପ୍ରଦେଶର ୧୩୩, ଗୁଜରାଟର ୧୨୮, ତାମିଲନାଡୁର ୧୧୫, ରାଜସ୍ଥାନର ୧୦୬, ଛତିଶଗଡର ୯୦ ଏବଂ ଝାଡଖଣ୍ଡର ୮୩ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ ଅଛି।

## ୨୮ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି: ବ୍ଲୁ ବୁକ୍ ଏସଓପି ଅନୁସାରେ ଦିଆଯିବ ସୁରକ୍ଷା



ଭୁବନେଶ୍ୱର, ୨୬/୨ (ନି.ପ୍ର):ଭୁବନେଶ୍ୱର, ୨୬/୨ (ନି.ପ୍ର): ଆସନ୍ତା ୨୮ତାରିଖରେ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି ଅବସରରେ ରାଷ୍ଟ୍ରପତି ଭୁବନେଶ୍ୱର ସମେତ ମୟୂରଭଞ୍ଜ, କେନ୍ଦୁଝର, ବ୍ରହ୍ମପୁର, କଟକ ଓ ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ପ୍ରସ୍ତୁତ ଆରମ୍ଭ କରିଦେଇଛି କମିଶନରେଟ୍ ପୁଲିସ। ୪ ଦିନିଆ ଓଡ଼ିଶା ଗସ୍ତ ସମୟରେ ରାଷ୍ଟ୍ରପତି ବିଭିନ୍ନ ସ୍ଥାନରେ ଆୟୋଜନ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପୂର୍ବରୁ ବ୍ଲୁ ବୁକ୍ ଆଧାରରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ରୁଟ୍ ଲାଇନଠାରୁ ଆରମ୍ଭ କରି କାରକେଡ୍, ଟ୍ରାଫିକ ଓ ପାର୍କିଂ ପାଇଁ ବ୍ୟବସ୍ଥା ହୋଇଥିବା ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଡିସିପି କହିଛନ୍ତି ଯେ, ରାଷ୍ଟପ୍ରତିଙ୍କ ସୁରକ୍ଷା ପାଇଁ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏହାସହ ନିରୀକ୍ଷଣ ଦାୟିତ୍ୱରେ ରହିବେ ୮୫ ଜଣ ଅଫିସର୍। ୩ଟି କ୍ୱିକ୍ ରେସ୍ପନ୍ସ ଟିମ, ୨ଟି ସ୍ପେଶାଲ ଟାକ୍ଟିକାଲ୍ ୟୁନିଟ୍ ସୁରକ୍ଷା ଦାୟିତ୍ୱରେ ରହିବେ। ସେହିପରି ୧୨ ଅତିରିକ୍ତ ଡିସିପି, ୨୫ ଏସିପି, ୪୦ ଇନ୍ସପେକ୍ଟର ଓ ୧୨୦ ଜଣ ଏସ୍ ?ଆଇ ଓ ଏଏସଆଇ ଦାୟିତ୍ୱରେ ରହିବେ। ୧୬୦ ଟ୍ରାଫିକ ଓ ୧୫୦ ହୋମଗାର୍ଡ ବି ସୁରକ୍ଷାରେ ନିୟୋଜିତ ହେବେ। ରାଷ୍ଟ୍ରପତିଙ୍କ ବ୍ଲୁ ବୁକ୍ ଗାଇଡଲାଇନ୍ ମୁତାବକ ପୁରା ସହରକୁ ପୁଲିସ ଛାଉଣୀରେ ପରିଣତ କରାଯିବ।

## ଆଗାମୀ ୬ ଦିନ କୋହଲା ପାଗ: ଘଡ଼ଘଡ଼ି ସହ ହେବ ଝିପିଝିପି ବର୍ଷା

ଭୁବନେଶ୍ୱର, ୨୬/୨ (ନି.ପ୍ର): କୋହଲା ପାଗ ସାଙ୍ଗକୁ ରାଜ୍ୟର ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ଲାଗି ରହିଛି। ବଙ୍ଗୋପ ସାଗରରେ ପ୍ରବାହିତ ଥଣ୍ଡା ବାୟୁ ପ୍ରଭାବରେ ତାପମାତ୍ରା କମିବାରୁ ଗରମରୁ ଆଶ୍ୱସ୍ତି ମିଳିଛି। ମାର୍ଚ୍ଚ ୬ ତାରିଖ ଯାଏଁ ଏଭଳି କୋହଲା ପାଗ ରହିବା ସହ ୬ ଦିନ ଯାଏଁ ଲାଗି ରହିବ ବର୍ଷା। ଭିନ୍ନ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ସେହିପରି ୬ ତାରିଖ ପରେ ପାଗରେ ପରିବର୍ତ୍ତନ ଆସିବ ବୋଲି କହିଛନ୍ତି ସୋଆ ଜଳବାୟୁ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ଶରତ ସାହୁ। ନିମ୍ନ ଚାପରେଖା ସହ ବଙ୍ଗୋପ ସାଗରରୁ ଆସୁଛି ଥଣ୍ଡା ବାୟୁ ପ୍ରବାହ। ଯାହା ପ୍ରଭାବରେ ସାରା ରାଜ୍ୟରେ କମିଛି ଦିନ ତାପମାତ୍ରା। ୪ ଦିନ ପୂର୍ବରୁ ୧୦ ଜିଲ୍ଲାର ତାପମାତ୍ରା ୩୦ ଡିଗ୍ରୀ ଉପରେ ରହୁଥିବା ବେଳେ, ଏବେ କୌଣସି ଜିଲ୍ଲାରେ ୩୦ ଡେଇଁନି ତାପମାତ୍ରା। ଗଞ୍ଜାମ ସାନଖେମୁଣ୍ଡିରେ ସର୍ବାଧିକ ୧୨୩ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ପୋଲସରାରେ ୭୦ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ, ଭୁବନେଶ୍ୱର ସମେତ, ଗଞ୍ଜାମ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱରରେ ବର୍ଷା ହୋଇଛି। ଉତ୍ତର ଓଡିଶାରେ ମେଘୁଆ ପାଗ ସୃଷ୍ଟି ହେବା ସହ ମଙ୍ଗଳବାର ଦିନ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

## ହାଇକୋର୍ଟଙ୍କ ରାୟ: ଜ୍ଞାନବ୍ୟାପୀରେ ପୂଜା କରିପାରିବେ ହିନ୍ଦୁ

ନୂଆଦିଲ୍ଲୀ, ୨୬/୨ : ଜ୍ଞାନବ୍ୟାପୀରେ ଜାରି ରହିବ ପୂଜାପାଠ। ହିନ୍ଦୁମାନଙ୍କୁ ପୂଜାପାଠ ଜାରି ରଖିବାକୁ ଅନୁମତି ଦେଇଛନ୍ତି ଆହ୍ଲାବାଦ ହାଇକୋର୍ଟ। ଆଜି କୋର୍ଟ ଜ୍ଞାନବ୍ୟାପୀ ମସଜିଦ ବିବାଦ ମାମଲାର ଏକ ଶୁଣାଣି କରି ମୁସଲିମ ପକ୍ଷଙ୍କ ଆବେଦନକୁ ଖାରଜ କରିଦେବା ସହ ବାରଣାସୀ କୋର୍ଟ ଦେଇଥିବା ରାୟକୁ କାଏମ ରଖିଛନ୍ତି। ଗତ ମାସରେ ବାରଣାସୀ ଜିଲ୍ଲା କୋର୍ଟ ଜ୍ଞାନବ୍ୟାପୀର ଏକ କଠୋରୀରେ ହିନ୍ଦୁମାନଙ୍କୁ ପୂଜାପାଠ କରିବାକୁ ଅନୁମତି ଦେଇଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ଅଞ୍ଜୁମାନ ଇନ୍ତେଜାମିଆ ମସଜିଦ କମିଟି ସୁପ୍ରିମକୋର୍ଟରେ ପହଞ୍ଚିଥିଲେ। ସୁପ୍ରିମକୋର୍ଟ ଶୁଣାଣି କରିବାକୁ ମନା କରି ହାଇକୋର୍ଟଙ୍କ ନିକଟକୁ ଯିବାକୁ କହିଥିଲେ। ଏହାର କିଛି ଘଣ୍ଟା ମଧ୍ୟରେ ଅଞ୍ଜୁମାନ ଇନ୍ତେଜାମିଆ ମସଜିଦ କମିଟି ଫେବୃଆରୀ ୨ରେ ହାଇକୋର୍ଟରେ ଆବେଦନ କରିଥିଲେ। ଆଜି ଜଷ୍ଟିସ ରୋହିତ ରଞ୍ଜନ ଅଗ୍ରୱାଲଙ୍କୁ ନେଇ ଗଠିତ ଏକକ ଖଣ୍ଡପୀଠ ଏ ଉପରେ ଶୁଣାଣି କରି ମୁସଲିମ ପକ୍ଷଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ଉଭୟ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ବାରଣାସୀ କୋର୍ଟ ଦେଇଥିବା ରାୟକୁ କାଏମ ରଖିଛନ୍ତି। କୋର୍ଟ କହିଛନ୍ତି, ହିନ୍ଦୁମାନେ 'ବ୍ୟାସ ତେହଖାନା'ରେ ପୂଜାପାଠ ଜାରି ରଖିପାରିବେ। ଦୀର୍ଘଦିନ ଧରି ଜ୍ଞାନବ୍ୟାପୀ ମସଜିଦକୁ ନେଇ ବିବାଦ ଲାଗି ରହିଛି। କାଶୀ ବିଶ୍ୱନାଥ ମନ୍ଦିରରେ ମୁସଲିମ ଶାସନ ସମୟରେ ମସଦିଜ ନିର୍ମାଣ କରାଯାଇଥିବା ଦାବି କରି ଆସୁଛନ୍ତି ହିନ୍ଦୁ ପକ୍ଷ। କିନ୍ତୁ ଅଞ୍ଜୁମାନ ଇନ୍ତେଜାମିଆ ମସଜିଦ କମିଟି ଏହାକୁ ବିରୋଧ କରୁଛି। ଫଳରେ ମାମଲା କୋର୍ଟରେ ପହଞ୍ଚିଛି।




# ଏକାମ୍ର ନିର୍ବାଚନ ମଣ୍ଡଳୀରେ ଓଡ଼ିଶାବାସୀଙ୍କୁ ମୋଦୀଙ୍କ ଗ୍ୟାରେଂଟିକୁ ନେଇ ବିଜେପିର ବିଶାଳ ପଦଯାତ୍ରା

ଭୁବନେଶ୍ୱର, ୨୬/୨ (ନି.ପ୍ର): ଏକାମ୍ର ନିର୍ବାଚନ ମଣ୍ଡଳୀରେ ଓଡ଼ିଶା ବାସୀଙ୍କୁ ମୋଦୀଙ୍କ ଗ୍ୟାରେଂଟି ନାରାକୁ ନେଇ ବିଜେପିର ବିଶାଳ ପଦଯାତ୍ରା ଓଲ୍ଡଟାଉନ ସ୍ଥିତ ଗୋସାଗରେଶ୍ୱର ଛକ ରୁ ବାହାରି ପ୍ରଭୁ ଶ୍ରୀ ଲିଙ୍ଗରାଜ ଙ୍କ ମନ୍ଦିର ଦେଇ ବାବା କପିଳେଶ୍ୱର ମନ୍ଦିର ଠାରେ ସାଧାରଣସଭା କରି ପଦଯାତ୍ରା ସରିଥିଲା। ଏହି ବିଶାଳ ପଦଯାତ୍ରା ରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତଥା ଭୁବନେଶ୍ୱର ବିଜେପି ସଭାପତି ବାବୁ ସିଂ ଏହି ବିଶାଳ ପଦଯାତ୍ରା ରେ ଚାଲିଥିଲେ ଦଳୀୟ କର୍ମୀ ଙ୍କ ସହ ମିଶି।ପଦଯାତ୍ରାକୁ ମା ଭଉଣୀ ମାନେ ହୁଳ ହୁଳି ଦେଇ , ଘରୁ ପୁଷ୍ପ ବୃଷ୍ଟି କରି ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ କରିଥିଲେ ।

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ,:ଓଡିଶାର ବିକାଶ ପାଇଁ ମୋଦି ଗ୍ୟାରେଂଟି ଏକମାତ୍ର ବିକଳ୍ପ । ଓଡିଶାବାସୀଙ୍କ ସମର୍ଥନ ବଳରେ ବିଜେପି ସମସ୍ତ ବାଧା ଦୂର କରିବାରେ ସଫଳ ହେବ ଓ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ କରିବ।

ଜନ ସମ୍ପର୍କ ପଦଯାତ୍ରା ରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ସଭାପତି ବାବୁ ସିଂ କହିଛନ୍ତି ଯେ, ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି ଏବଂ ଓଡ଼ିଶାରେ ଚାଲିବ ମୋଦି ଗ୍ୟାରେଂଟି । ଚଳିତ କେନ୍ଦ୍ର ବଜେଟ୍‌ରେ ଯୁବ, ମହିଳା, ଚାଷୀ ଓ ଗରିବଙ୍କୁ ସଶକ୍ତ କରିଛି। "ବିକଶିତ ଭାରତ ଗଠନ" ଓ ମୋଦିଙ୍କ ଗ୍ୟାରେଂଟି ଲୋକଙ୍କ ମନରେ ଆତ୍ମବିଶ୍ୱାସ ବଢ଼ାଇଛି । ପୁଣି ଏଥର "ମୋଦି ସରକାର, ଓଡିଶାରେ ବିଜେପି ସରକାର" ଗଠନ ହେବ ।ଏକାମ୍ର ନିର୍ବାଚନ ମଣ୍ଡଳୀରେ ଚାଲିବ ମୋଦି ଗ୍ୟାରେଂଟି। ମୋଦି ଗ୍ୟାରେଂଟିର ସୁଲାଭରୁ ବଂଚିତ ଓଡିଶାବାସୀ । ବିଗତ ୧୦ବର୍ଷର ମୋଦି ଗ୍ୟାରେଂଟିର ସୁଲାଭ, ଓଡିଶାର ଶେଷ ପାହାଚରେ ଛିଡା ହୋଇଥିବା ବ୍ୟକ୍ତି ପାଖରେ ପହଁଚାଇବାର ଦାୟୀତ୍ୱ ହେଉଛି ବିଜେପି କାର୍ଯ୍ୟକର୍ତାଙ୍କର । ମୋଦି ଗ୍ୟାରେଂଟିର ବାଧକ ଏବଂ ବାଧା ସୃଷ୍ଟିକାରୀଙ୍କୁ କେବେ ହେଲେ କ୍ଷମା ଦେବେ ନାହିଁ ଓଡିଶାବାସୀ । ମୋଦି ଗ୍ୟାରେଂଟିର ବାଧକ ଏବଂ ବାଧା ସୃଷ୍ଟିକାରୀଙ୍କୁ ହଟାଇବାର ଦାୟୀତ୍ୱ ହେଉଛି ଓଡିଶାବାସୀଙ୍କର। ଆଜି ର ସମୟରେ ମୋଦିଜୀଙ୍କ ଗ୍ୟାରେଂଟିର ଅର୍ଥ "ଗ୍ୟାରେଂଟି ପୂରା ହେବାର ଗ୍ୟାରେଂଟି ବୋଲି ଶ୍ରୀ ସିଂ କହିଛନ୍ତି।

ଆଜିର ଏହି ପଦଯାତ୍ରା ରେ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି,ବିଜେପି ନେତା ସୁରେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ରଣସିଂହ, ଅରୁଣ କୁମାର ପୁରୋହିତ, ସ୍ୱାଗତ ମହାପାତ୍ର, ତୃପ୍ତିମଇ ମକଦ୍ଦମ, ସୁଭାଷିନୀ ପୃଷ୍ଟି,କୃଷ୍ଣଚନ୍ଦ୍ର ବଟୁ,ତାପସ ଦଳାଇ, ମଦନ ମୋହନ ପ୍ରଧାନ,ମନୋଜ ପାତ୍ର, ଜୟ ମଲ୍ଲିଆ, ସୁନିଲ ପ୍ରଧାନ, ମନୋଜ ପଶ୍ଚିମକବାଟ ପ୍ରମୁଖ ଯୋଗୋଦେଇଥିଲେ।

# ସଂଗଠନ ସଜାଡୁଛନ୍ତି କୁଶ ଆପଟ : ସରଗରମ ହେବ ଚମ୍ପୁଆ ରାଜନୀତି

ଚମ୍ପୁଆ, ୨୬/୨ (ନି.ପ୍ର): ଦୀର୍ଘ ଦିନର ଆଜ୍ଞାତବାସ ପରେ କୁଶ ଆପଟ ପୁଣି ନିଜର ସଂଗଠନ ସଜାଡୁ ଥିବା ଦେଖିବାକୁ ମିଳୁଛି। ଏକଦା ଚମ୍ପୁଆ ବିଜେଡି ର ଭାଗିରଥି କୁହା ଯାଉଥିବା କୁଶ ଆପଟଙ୍କୁ ଗତ ୨୦୦୯ ଓ ୨୦୧୪ ନିର୍ବାଚନରେ ଦଳ ଅଣଦେଖା କରିବାରୁ ସେ ଦଳ ବିରୋଧରେ ଯାଇ ସ୍ୱାଧୀନ ପ୍ରାର୍ଥୀ ହୋଇ ଥିବାବେଳେ ପରାଜୟ ର ମୁହଁ ଦେଖି ଥିଲେ। ଏନେଇ ଦଳ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପରେ ପୁଣି ଆଦୋରି ନେବା ଦେଖାଯାଇଥିଲା। ତେବେ ଗତ ନିର୍ବାଚନ ରେ ହଠାତ ରାଜନୀତି ମଇଦାନରୁ ଉଭାନ ହୋଇ ଯାଇଥିବା କୁଶ ଆପଟ ସେହି ଦିନ ଠାରୁ ଦଳୀୟ କାର୍ଯ୍ୟକ୍ରମ ରୁ ମଧ୍ୟ ଦୁରେଇ ଯାଇଥିବା ବେଳେ ରାଜନୀତି ରୁ ସନ୍ୟାସ ନେବା କଥା ମଧ୍ୟ ଆଲୋଚନା ହେଉଥିଲା। ତେବେ ୨୦୨୪ ନିର୍ବାଚନ ଯେତିକି ପାଖେଇ ଆସୁଛି ହଠାତ କୁଶଙ୍କ ବିଭିନ୍ନ କାର୍ଯ୍ୟକ୍ରମ ରେ ଭାଗ ନେବା ଦେଖିବାକୁ ମିଳୁଛି। ଯାହାକୁ ନେଇ ଆଗାମୀ ନିର୍ବାଚନ ପାଇଁ ଚର୍ଚ୍ଚା ର ଖୋରାକ ଯୋଗାଉଛି। ବର୍ତମାନ ଚମ୍ପୁଆ ବିଜେଡି ତାର ପୂର୍ବ ସ୍ଥିତି ହରାଇ ସାରି ଥିବା କାହାକୁ ଅଛପା ନାହିଁ। ଯଦି ପୂର୍ବତନ ବିଧାୟକ ସନାତନ ମହାକୁଡ଼ ୨୦୨୪ ନିର୍ବାଚନରେ ସ୍ୱାଧୀନ କିମ୍ବା ଅନ୍ୟ କୌଣସି ଦଳରୁ ପ୍ରାର୍ଥୀ ହୁଅନ୍ତି ତେବେ ତାଙ୍କୁ ଟକ୍କର ଦେବା ଭଳି ପ୍ରାର୍ଥୀ ନଜର ଆସୁ ନ ଥିବାବେଳେ ଏକ ମାତ୍ର କୁଶ ଆପଟଙ୍କ ପ୍ରାର୍ଥୀତ୍ୱ ବିଜେଡି ପାଇଁ ସହାୟକ ହେବ ବୋଲି ରାଜନୈତିକ ମହଲ ରେ ଚର୍ଚ୍ଚା ଯୋର ଧରିଛି। ଏପଟେ ବିଭିନ୍ନ କାର୍ଯ୍ୟକ୍ରମ ଓ ମେଳା ମଉଛବରେ କୁଶଙ୍କ ଭାଗିଦାରୀ ଆଗାମୀ ଦିନରେ ରାଜନୀତି କୁ ସରଗରମ କରିବାରେ ଯଥେଷ୍ଟ ଖୋରାକ ଯୋଗାଇଛି।

# ଟୁକୁଣାରେ ବ୍ରାହ୍ମଣ ସମାଜର ଜରୁରୀ ବୈଠକ

ଘଟଗାଁ, ୨୬/୨ (ନି.ପ୍ର): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୁକୁଣାଠାରେରେ ବ୍ରାହ୍ମଣ ସମାଜର ଏକ ଜରୁରୀ ବୈଠକ ସାମ୍ବାଦିକ ମଜନପାଣି ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋ ଇଯାଇଛି । ଉକ୍ତ ବୈଠକ ରେ ମୁଖ୍ୟ ଅତିଥି ଭାବେରାଜ୍ୟବ୍ରାହ୍ମଣ ମହାସଂଘ ସଭାପତି ସଦାନନ୍ଦ ଦୀକ୍ଷିତରାଜ୍ୟବ୍ରାହ୍ମଣ ମହାସଂଘକେନ୍ଦ୍ରୀୟ ସମ୍ପାଦକ ଗୋପବନ୍ଧୁ ମିଶ୍ର , ରାଜ୍ୟ ବ୍ରାହ୍ମଣ ମହାସଂଘ ଉପସଭାପତି ପ୍ରଫୁଲ୍ଲ କୁମର ଦାସ, ଭଦ୍ରକ ଜିଲ୍ଲା ବ୍ରାହ୍ମଣ ମହାସଂଘ ସମ୍ପାଦକ ବସନ୍ତ କୁମାର ଦୀକ୍ଷିତ ,ଆନନ୍ଦପୁରବ୍ରାହ୍ମଣ ମହାସଂଘ ସଭାପତି ଶରତ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ବ୍ରାହ୍ମଣ ମହାସଂଘ ସଭାପତି ଗୌରଙ୍ଗ ଚରଣ ହୋତା ,କେନ୍ଦୁଝର ଜିଲା ବ୍ରାହ୍ମଣ ମହାସଂଘ ପ୍ରସନ୍ନ କୁମାର ନନ୍ଦ ଇଂଜିନିୟର ନାରାୟଣ ଚନ୍ଦ୍ର ମିଶ୍ର ,ଦେବେନ୍ଦ୍ର ମିଶ୍ର ସଭାପତି ଆଂଚଳିକ ବ୍ରାହ୍ମଣ ମହାସଂଘ ସାଇଁ କୁଳ ପ୍ରମୁଖ ଯୋଗ ଦେଇ ଆଗାମା କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରିଥିଲେ । ଆଗାମୀ ଦିନରେ ଆନନ୍ଦପୁର ରେ ବ୍ରାହ୍ମଣ ସମାଜର ସୁରକ୍ଷା ସହିତ କମିଟି ଗଠନ ହେବା ନେଇ ଆଲୋଚନା କରାଯାଇଥିଲା ଆଖପାଖ ବ୍ରାହ୍ମଣ ଶାସନ ଖପରା ଖାଇଶାସନ , ଭୋଳ ନୂଆଗାଁ",ବୀରଗୋବିନ୍ଦପୁର, ତୁରାଣିଆପାଳ, କେଶଦୁରାପାଳ ନାହାଗୁଣା ଦେଓଗାଁ ସାଇଁ କୁଳ ଫକିରପୁର ପ୍ରମୁଖ ଅଂଚଳରୁ ୨୦୦ରୁ ଉର୍ଦ୍ଧ ବ୍ରାହ୍ମଣ ମାନେ ଉପସ୍ଥିତ ଥିବା ବେଳେ ବୈଠକ କୁ ମଜନପାଣି , ଭାଗିରଥି ଦାଶ, ପ୍ରମୁଖ ପରିଚାଳନା କରିଥିଲେ ।

# ଗନ୍ଧରେଲ ଡେମର ବିକାଶ ପାଇଁ ଭିତ୍ତିପ୍ରସ୍ତର ଦେଲେ ନରସିଂହ

ବଲାଙ୍ଗିର, ୨୬/୨ (ନି.ପ୍ର): ସହର ଉପକଣ୍ଠ ସଦାଇପାଲି ପଂଚାୟତ ଅନ୍ତର୍ଗତ ଚଣ୍ଡିଆପାଲି ଗ୍ରାମ ନିକଟରେ ଥିବା ଗନ୍ଧରେଲ ଡେମ ଏକ ବହୁମୁଖୀ ବିକାଶ କରିବା ପାଇଁ ଲୋକେ ଚାହିଁଥିଲେ, କାରଣ ଭାତ କେବଳ ଗୋଟିଏ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନ ଥିଲା, ଏହାର ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ମନୋରମ, ଏଠାକୁ ପ୍ରତ୍ୟହ ଶହ ଶହ ସଂଖ୍ୟାରେ ଲୋକେ ବଣଭୋଜି ସହ ପରିଭ୍ରମଣରେ ଆସିଥାନ୍ତି। ତେଣୁ ୨୦୨୦ ମସିହାରେ ବିକାଶ ପାଇଁ ପରିକଳ୍ପନା କରାଯାଇଥିଲା, ଯାହାର କି ଆଜି ଭିତିପ୍ରସ୍ତର ଦିଆଯାଉଛି। ଏହି ପ୍ରକଳ୍ପ ନିଶ୍ଚିତ ଭାବରେ ଜମିକୁ ଜଳସେଚନ ସହ ଲୋକଙ୍କ ଆର୍ଥିକ ଅବସ୍ଥାର ଉନ୍ନତିରେ ସାହାୟକ ହେବ ବୋଲି କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଆୟୋଜିତ ଭିତିପ୍ରସ୍ତର ପରବର୍ତୀ ସଭାରେ ମାନ୍ୟବର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କହିଛନ୍ତି। ବିଧାୟକ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ, ଏହି ଡେମ ଚାଳିଶ ବର୍ଷରୁ ଉର୍ଦ୍ଧ୍ୱ ହେବ ନିର୍ମାଣ ହୋଇଛି। ସମୟାନୁକ୍ରମେ ଏହା ଧିରେ ଧିରେ ପୋତି ହୋଇ ଏହାର କେନାଲ ଓ ଜଳନିଷ୍କାସନ ପଥରେ ପୋତି ହେବାରେ ଲାଗିଲାଣି। ତେଣୁ ଏସବୁର ନବୀକରଣ ସାଙ୍ଗକୁ ପ୍ରକଳ୍ପର ଜଳଧାରଣ କ୍ଷମତା ବଢାଯିବ। ଏହାସହ ପ୍ରକଳ୍ପର ଚାରି କଡରେ ଥିବା ପାହାଡ଼, ଜଙ୍ଗଲର ସୁରକ୍ଷା ସାଙ୍ଗକୁ ତାର ପାରିପାର୍ଶ୍ୱିକ ବିକାଶ ହେଲେ ଏ ଅଂଚଳକୁ ପର୍ଯ୍ୟଟକ ଆକୃଷ୍ଟ ହୋଇ ବୁଲିବାକୁ ଆସିବେ, ଯାହା କି ଅଂଚଳର ଲୋକେ ରୋଜଗାର ପାଇବେ ବୋଲି ବିଧାୟକ ଶ୍ରୀ ମିଶ୍ର କହିଛନ୍ତି। ଗନ୍ଧରେଲ ପ୍ରକଳ୍ପକୁ ଆସୁଥିବା ରାସ୍ତା ଉନ୍ନତି ମଧ୍ୟ ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ ବିଭାଗ ଦ୍ୱାରା କରାଯିବ ବୋଲି ଲୋକଙ୍କ ପ୍ରଶ୍ନ ର ଉତରରେ ବିଧାୟକ ଶ୍ରୀ ମିଶ୍ର କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୦ ମସିହାରେ ବଲାଙ୍ଗୀର ବିଧାୟକଙ୍କ ନିର୍ଦେଶରେ ପ୍ରକଳ୍ପ ଅଂଚଳ ଦେଖିବାକୁ ଆସିଥିବା ଉଚ୍ଚ ସ୍ତରୀୟ ପ୍ରତିନିଧି ଦଳ ପ୍ରକଳ୍ପ ପାଇଁ ୭ କୋଟି ଟଙ୍କାର ଏକ ଡି.ପି.ଆର. ପ୍ରସ୍ତୁତ ହୋଇଥିଲା। ସେଥିରୁ ଏକ କୋଟି ଅଠାଷୀ ଲକ୍ଷ ତେୟାଅସି ହଜାର ତିନିଶହ ଚଉତିରିଶ ଟଙ୍କାର ଅନୁଦାନ ମଂଜୁର ହୋଇ କାର୍ଯ୍ୟକାରୀ ସଂସ୍ଥା ନିଯୁକ୍ତ ହୋଇସାରିଛି। ଦୁଇ ଦିନ ଭିତରେ ଏହାର ମୁଖ୍ୟ କେନାଲ କାମ ଆରମ୍ଭ ହେବ ବୋଲି କାର୍ଯ୍ୟକାରୀ ସଂସ୍ଥା ସୂଚନା ଦେଇଛନ୍ତି। କାମରେ ଗୁଣବତାରେ କୌଣସି ସାଲିସ ନ କରିବା ପାଇଁ ଉପସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ଆଧିକ୍ଷଣ ଯନ୍ତ୍ରୀଙ୍କୁ ବିଧାୟକ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେବା ସହ ଅଂଚଳର ଲୋକେ ମଧ୍ୟ କାମ ଯେମିତି ଶୀଘ୍ର ସମାପନ ହେବ ସେ ଉପରେ ସହଯୋଗ କରିବେ ବୋଲି ଅନୁରୋଧ କରିଥିଲେ। ଆଜିର ଏହି ଭିତିପ୍ରସ୍ତର କାର୍ଯ୍ୟକ୍ରମରେ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ନାରୀ ନେତ୍ରୀ ଆରତିପ୍ରିତି ନାଗ, ବିଦୁରଞ୍ଜନ ନାଗ, ଫକୀର ମୋହନ ଥାଟି,ପ୍ରତାପ ବାଗ ଫିରୋଜ ସାଏ, ମନୋରଞ୍ଜନ ସାଏ,ଡ଼. ପ୍ରଶାନ୍ତ ପଧାନ, ଶିକ୍ଷା ନୋମିନି ଦାମୋଦର ମିଶ୍ର, ଅଙ୍କିତ ସାହୁ ସୁବଳ ରାଉତ ଙ୍କ ସହ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀର କୃତିତ୍ୱ

କନ୍ଧମାଳ, ୨୬/୨ (ନି.ପ୍ର): ଚଳିତ ଶିକ୍ଷାବର୍ଷ ୨୦୨୩-୨୪ ସରକାରୀ ବୃତି (୩ୟ, ୫ମ ଓ ନବମ ଶ୍ରେଣୀ)ର ଫଳାଫଳ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଛି। ଉକ୍ତ ପରୀକ୍ଷାରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩ୟ ଶ୍ରେଣୀ ଛାତ୍ର ସ୍ୱସ୍ତିକ ସ୍ୱରାଜ ରାଉତ ୧ ମ ସ୍ଥାନ ଅଧିକାର କରିଥିବା ବେଳେ ବିସ୍ମୟ ସ୍ୱରାଜ ଦିଗାଲ ତୃତୀୟ ସ୍ଥାନ, ପ୍ରିୟମ୍ବଦା ବିନ୍ଧାଣୀ ଚତୁର୍ଥ ସ୍ଥାନ, ସାଇ ସ୍ନେହା ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି କ୍ଷ ସେହିପରି ୫ ମ ଶ୍ରେଣୀର ନିଖିଲେଶ ସାହୁ ୧ ମ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱାଧୀନ ସାହୁ ଦ୍ୱିତୀୟ ସ୍ଥାନ, ଆଦ୍ୟାଶା କହଁର ଚତୁର୍ଥ ସ୍ଥାନ ଓ ଆଦ୍ୟାଶା ମହାକୁଡ଼ ଷଷ୍ଠ ସ୍ଥାନ କରିଛନ୍ତି। ସେହିଭଳି ଏନ ଆର ଟି ଏସ ରେ ନବମ ଶ୍ରେଣୀର ଅନ୍ୱେଷା ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅର୍ଚ୍ଚିତା ଲହରିଆ ଦ୍ୱିତୀୟ ସାଇ ଶ୍ରିୟା ସାହୁ ତୃତୀୟ, ଅଭିଲିପ୍ସା ମଲ୍ଲିକ ପଂଚମ, ବି. ବିଷ୍ଣୁ ପ୍ରିୟା ଷଷ୍ଠ ଓ ସ୍ୱସ୍ତିକ ସାହାଣୀ ସପ୍ତମ ସ୍ଥାନ ଅଧିକାର କରି ଅନୁଷ୍ଠାନକୁ ଗୌରବାନିତ୍ୱ କରିଛନ୍ତି। ଉକ୍ତ କୃତି ଛାତ୍ରଛାତ୍ରୀଙ୍କ ପଶ୍ଚାଦ ପଟ୍ଟରେ ଥିବା ଶୁଭେଚ୍ଛୁ ଆଚାର୍ଯ୍ୟ, ଆଚାର୍ଯ୍ୟା, ଅଭିଭାବକ, ଅଭିଭାବିକା ତଥା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀଙ୍କୁ ପରିଚାଳନା କମିଟି ତରଫରୁ ଯଥେଷ୍ଟ କୃତଜ୍ଞତା ଜ୍ଞାପନ କରିବା ସହିତ ଉକ୍ତ ଛାତଛାତ୍ରୀଙ୍କ ଉତରୋତର ଉନ୍ନତି କାମନା କରାଯାଇଛି।

# ବାଲେଶ୍ୱରରେ ପଶ୍ଚିମବଙ୍ଗର ବରିଷ୍ଠ ମନ୍ତ୍ରୀ: ଓଡ଼ିଶାରେ ପ୍ରାର୍ଥୀ ଦେବ ତୃଣମୂଳ କଂଗ୍ରେସ




ବାଲେଶ୍ୱର, ୨୬/୨ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନରେ ବାଲେଶ୍ୱର ଜିଲ୍ଲା ସମେତ ଓଡ଼ିଶାର କେତେକ ନିର୍ବାଚନମଣ୍ଡଳୀରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପ୍ରାର୍ଥୀ ଦେବ। ତେବେ ଦଳ ଏକାକୀ ଲଢ଼ିବ ନା କାହା ସହ ମେଣ୍ଟ କରିବ; ସେ ସଂପର୍କରେ ଶୀର୍ଷ ନେତୃତ୍ୱ ବିଚାରବିମର୍ଶ ଚଳାଇଛନ୍ତି ବୋଲି ରବିବାର ବାଲେଶ୍ୱର ଗସ୍ତରେ ଆସି କହିଛନ୍ତି ତୃଣମୂଳ କଂଗ୍ରେସର ମୁଖପାତ୍ର ତଥା ପଶ୍ଚିମବଙ୍ଗ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀକାନ୍ତ ମାହାତୋ। ଶ୍ରୀ ମାହାତୋ ବାଲେଶ୍ୱର ବିବେକାନନ୍ଦ ମାର୍ଗରେ ତୃଣମୂଳ କଂଗ୍ରେସର ଦଳୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ହଟାଇବା ପାଇଁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଦେଶର ସମସ୍ତ ଅଣବିଜେପି ଦଳକୁ ଏକଜୁଟ୍ ହେବାକୁ ଆହ୍ୱାନ ଦେଇଛି। ଆଗାମୀ ସାଧାରଣ ନିର୍ବାଚନ ପରେ ଦେଶରେ କିଏ ପ୍ରଧାନମନ୍ତ୍ରୀ ହେବେ ତାହା ବଡ଼ କଥା ନୁହେଁ; ପରନ୍ତୁ ଗଣତନ୍ତ୍ରର ସୁରକ୍ଷା ପାଇଁ ତୃଣମୂଳ କଂଗ୍ରେସର ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ସମଭାବାପନ୍ନ ଦଳକୁ ଏକାଠି କରି କେନ୍ଦ୍ରରୁ ବିଜେପି ସରକାର ହଟାଇବାକୁ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେ ସେ ଆହୁରି କହିଥିଲେ, ଓଡ଼ିଶାରେ ବିଜେଡି ସରକାର ସମଦୂରତ୍ୱ ନାମରେ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ସମୟରେ ସମର୍ଥନ ଦେଉଛନ୍ତି। ଦେଶର ସ୍ୱାର୍ଥ ପାଇଁ ନବୀନ ସରକାର ମଧ୍ୟ ବିଜେପିକୁ କେନ୍ଦ୍ରରୁ ହଟାଇବା ପାଇଁ ଖୋଲାଖୋଲି ଆହ୍ୱାନ ଦେବା ଆବଶ୍ୟକ। ମନ୍ତ୍ରୀ ଶ୍ରୀ ମାହାତୋଙ୍କ ପତ୍ନୀ ଅଞ୍ଜନା ମାହାତୋ ଦଳୀୟ ସଭାରେ ଯୋଗଦେଇ କହିଥିଲେ ତ୍ରିପୁରା, ଆସାମ ଭଳି ରାଜ୍ୟରେ ତୃଣମୂଳ କଂଗ୍ରେସ ସଂଗଠନର ଭଲ ସମର୍ଥନ ରହିଛି। ତେଣୁ ଓଡ଼ିଶାରେ ମଧ୍ୟ ସଂଗଠନକୁ ମଜବୁତ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ତୃଣମୂଳ କଂଗ୍ରେସର ବାଲେଶ୍ୱର ଜିଲ୍ଲା ସଭାପତି ନନ୍ଦନ ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ଉପସଭାପତି ସାଜନ୍ ଅଲ୍ଲୀ ସାହା, ରେମୁଣା ନିର୍ବାଚନ ମଣ୍ଡଳୀ ସଭାପତି ସେକ୍ ରହେମତ୍, ଭୋଗରାଇ ବ୍ଲକ୍ ସଭାପତି ରାଜେନ୍ଦ୍ର ଜେନା, ବରିଷ୍ଠ ଆଇନଜୀବୀ ରଘୁନାଥ ମହାଳିକ, ନାରୀନେତ୍ରୀ ସୁନୀତା ପାଲ ପ୍ରମୁଖ ଉପସ୍ଥିତ ଥିଲେ।

# ମୋହନଦାସ କରମଚାନ୍ଦ ଶିକ୍ଷାନିକେତନର ୧୬ ତମ ବାର୍ଷିକ ଉତ୍ସବ

କନ୍ଧମାଳ, ୨୬/୨ (ନି.ପ୍ର): ମୋହନଦାସ କରମଚାନ୍ଦ ଶିକ୍ଷାନିକେତନ ର ୧୬ ତମ ବାର୍ଷିକ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ସୃଜନଶୀଳ ମନୋଭାବର ବିକାଶରେ ଅଭିଭାବକ ଓ ଶିକ୍ଷକ ସମାଜର ଗୁରୁ ଦାୟିତ୍ୱ ରହିଥିବା ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଅତିରିକ୍ତ ବ୍ଲକ୍ ଶିକ୍ଷାଅଧିକାରୀ ଅମୂଲ୍ୟ କୁମାର ଜେନା ପିଲାଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି ଦିଗରେ ମୋବାଇଲ ଫୋନ୍‌ର କୁପ୍ରଭାବ ସମ୍ପର୍କରେ ଅଭିଭାବକଙ୍କୁ ସତର୍କ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବରିଷ୍ଠ ଆଇନଜୀବୀ ତଥା ଅନୁଷ୍ଠାନ ସଭାପତି ବିଜୟକୃଷ୍ଣ ପଟ୍ଟନାୟକ ଅଭିଭାବକ ଶିଶୁଙ୍କ ସହ ଅଧିକ ଆଳାପ କରିବା ସହ ସେମାନଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ସଂପାଦକ ଶରତଚନ୍ଦ୍ର ସାହୁ ସଂପାଦକୀୟ ବିବରଣୀ ପାଠ କରିଥିଲେ ଏବଂ ଉପସଭାପତି ଅଶୋକ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ ଦିନ ୧୧ଟାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍, ନୃତ୍ୟ, ସଂଗୀତ ପ୍ରତିଯୋଗିତା ସହ ଅଭିଭାବକଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସର୍ବଶ୍ରୀ ସଂଗ୍ରାମ ସିଂ ପଟ୍ଟନାୟକ,ପ୍ରଭାତ ଦାସ୍, ସଚ୍ଚିଦାନନ୍ଦ ମହାପାତ୍ର, ପ୍ରସନ୍ନ ବିଷୋୟୀ,ବିପିନ୍ ପଟ୍ଟନାୟକ, ସତ୍ୟବ୍ରତ ପାତ୍ର, ସନାତନ ମିଶ୍ର, ଶରତ ପଟ୍ଟନାୟକ, ଶଶୀଭୂଷଣ ପ୍ରଧାନ, ଗୋପୀନାଥ ରାଉତ, ଶିବପ୍ରସାଦ ଓ ବାଦ୍ୟଯନ୍ତ୍ର ବିଶାରଦ ମନୋଜ କୁମାରଙ୍କ ସହ ଅନେକ ଅଭିଭାବକଙ୍କ ସହଯୋଗରେ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହୋଇଥିଲା। ଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ନୃତ୍ୟ ପରିବେଷଣ ବେଶ୍ ଚିତାକର୍ଷକ ହୋଇଥିଲା

# ବୋରିଗୁମ୍ମା ମେଡିକାଲରୁ ଆସିଛି ବିରଳ ଦୃଶ୍ୟ

ଜୟପୁର, ୨୬/୨ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ମେଡିକାଲରୁ ଆସିଛି ବିରଳ ଦୃଶ୍ୟ । ତିନିଟି ଶିଶୁପୁତ୍ର କୁ ଜନ୍ମ ଦେଲେ ଜଣେ ମାଆ । ଆଶ୍ଚର୍ଯ୍ୟର ଘଟଣା ଏହି ତିନି ଶିଶୁ ପୁତ୍ର ସ୍ୱାଭାବିକ ପ୍ରସବରେ ଜନ୍ମ ହୋଇଛନ୍ତି। ମା ଏବଂ ତିନି ନବଜାତ ଶିଶୁ ପୁତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି । ତିନି ଶିଶୁ ର ଓଜନ ଯଥା ୧ କିଲୋ ୪୫୦ ଗ୍ରାମ,୧ କିଲୋ ୩୫୦ ଗ୍ରାମ, ଅନ୍ୟ ଶିଶୁ ପୁତ୍ର ର ୧କିଲୋ ୩୮୦ ଗ୍ରାମ ରହିଛି । ଏହି ତିନି ନବଜାତ ଶିଶୁ ପୁତ୍ରଙ୍କ ଅଧିକ୍ ଚିକିତ୍ସା ନିମନ୍ତେ ଜୟପୁର ଜିଲ୍ଲା ମେଡ଼ିକାଲ କୁ ସ୍ଥାନାନ୍ତର କରାଯିବା ନେଇ ମେଡ଼ିକାଲ ପକ୍ଷରୁ ସୂଚନା ମିଳିଛି। ତେବେ ତିନି ନବଜାତ ଶିଶୁ ପୁତ୍ର ଘଟଣା କୁ ସହଜରେ ବିଶ୍ୱାସ କରି ପାରୁନାହାନ୍ତି ପିତା ଚୈତନ୍ୟ ସାନ୍ତା । ଅନ୍ୟ ପଟେ ଏଭଳି ତିନି ଶିଶୁ ଜନ୍ମ ନେବା ଘଟଣା ବିରଳ ବୋଲି ମେଡ଼ିକାଲ କର୍ତୃପକ୍ଷ ଏବଂ ଆଶା ଦିଦି ମଧ୍ୟ ପ୍ରଥମ ଥର ଏଭଳି ଦୃଶ୍ୟ ଦେଖିଛନ୍ତି ବୋଲି କହିଛନ୍ତି। ବୋରିଗୁମ୍ମା ବ୍ଲକ ହରଦଲି ପଂଚାୟତ ଡ଼ାବୁଗୁଡା ଗାଁ ଫୁଲମତି ସାନ୍ତା ଦ୍ୱିତୀୟ ଥର ପ୍ରସବ କାଳୀନ ଯନ୍ତ୍ରଣା ଅନୁଭବ କରିଥଲେ । ତାଙ୍କୁ ତୁରନ୍ତ ଏକ ବେସରକାରୀ ଗାଡ଼ି ସହାୟତାରେ ସ୍ଥାନୀୟ ଆଶା କର୍ମୀ ବୋରିଗୁମ୍ମା ଭୈରବ ମେଡ଼ିକାଲ କୁ ଆଣିବା ବେଳେ ଗାଡ଼ି ରେ ହିଁ ଫୁଲମତି ତିନି ଶିଶୁ ପୁତ୍ରଙ୍କୁ ପ୍ରସବ ଦେଇଥିଲେ । ତିନି ଶିଶୁ ପୁତ୍ର ଏବଂ ମା ଙ୍କୁ ବୋରିଗୁମ୍ମା ମେଡ଼ିକାଲ ରେ ପ୍ରଥମେ ରଖା ଯାଇଥିଲା । ଅନ୍ୟ ପଟେ ଫୁଲମତି ଙ୍କ ଗର୍ଭ ଧାରଣ ସମୟରେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ମାସିକ ସ୍ୱାସ୍ଥ୍ୟବସ୍ଥା ଯାଂଚ କରାଯାଉଥିଲା । ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆଲଟ୍ରାସାଉଣ୍ଡ କରଯାଇଥିଲା । ଯେଉଁ ରିପୋର୍ଟରେ ଯାଆଁଳା ଶିଶୁ ଥିବା ନେଇ ରିପୋର୍ଟ ରେ ଦର୍ଶା ଯାଇଥିଲା କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ର ଏହି ରିପୋର୍ଟ ମଧ୍ୟ ଭୁଲ୍ ପ୍ରମାଣିତ ହେଲା । ପିତା ଚୈତାନ୍ୟ ଜଣେ ଦିନ ମଜୁରୀଆ ଥିବା ବେଳେ ସେ ନିଜର ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଫୁଲମତିଙ୍କୁ ଦ୍ୱିତୀୟ ବିବାହ କରିଥଲେ । ପ୍ରଥମ ସ୍ତ୍ରୀ ର ୪ ଗୋଟି ଝିଅ ଥିବା ବେଳେ ବର୍ତମାନ ଦ୍ୱିତୀୟ ସ୍ତ୍ରୀ ଫୁଲମତି ର ୪ଗୋଟି ପୁଅ,ଏମାନଙ୍କ ଭରୋଣ ପୋଷଣ ଚିନ୍ତା ରେ ଥିବା ବେଳେ ଏହି ନବଜାତ ତିନି ଶିଶୁ ର ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ସରକାର ସହାୟତା କରନ୍ତୁ ବୋଲି ନିବେଦନ କରିଛନ୍ତି ପିତା ଚୈତନ୍ୟ ।

# ପଣ୍ଡାପଡ଼ାରେ ବିଜେପିର ଯୁବ ଉତ୍ସାହ ସମାବେଶ

ଘଟଗାଁ, ୨୬/୨ (ନି.ପ୍ର): ବିଜେଡି ଶାସନରେ ପଣ୍ଡାପଡ଼ା ଅଂଚଳର ବିକାଶ ନୁହେଁ ବିନାଶ ହୋଇଛି। ଯୋଜନା କାର୍ଯ୍ୟକାରୀ କରିବା ନାମରେ ବିଧାୟକ ପିସି ନେଉଛନ୍ତି। ମୋଦି ଦେଉଥିବା ପ୍ରଧାନମନ୍ତ୍ରୀ ଆବାସ ଠାରୁ ଆରମ୍ଭ କରି ପାଇଖାନା ପର୍ଯ୍ୟନ୍ତ ସବୁଥିରେ ହାତଗୁଞ୍ଜା ଦେହସୁହା ହୋଇଛି। ସ୍ଥାନୀୟ ଅଂଚଳରେ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବାରେ ବଦ୍ରି ବାବୁ ବିଫଳ ହୋଇଛନ୍ତି। ୧୦ ବର୍ଷ ବିଭିନ୍ନ ବିଭାଗରେ ମନ୍ତ୍ରୀ ରହିବା ପରେ ମଧ୍ୟ ପଣ୍ଡାପଡ଼ା ଅଂଚଳର ୧୦ ପଂଚାୟତର ଯୁବକଙ୍କ ସ୍ୱପ୍ନ ଧୂଳିସାତ ହୋଇଛି। ଆଜି ବିଜେପି ପକ୍ଷରୁ ପଣ୍ଡାପଡ଼ା ହାଟ ପଡ଼ିଆ ରେ ଆୟୋଜିତ ଯୁବ ଉତ୍ସାହ ସମାବେଶରେ ଯୋଗଦେଇ ଯଜ୍ଞ ପ୍ରସାଦ ସାହୁ ଏହା କହିଛନ୍ତି। ସ୍ଥାନୀୟ ଯୁବ ବିଜେପି ନେତା ବିଷ୍ଣୁବ୍ରତ ବେହେରାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପୂର୍ବତନ ମଣ୍ଡଳ ସାଧାରଣ ସମ୍ପାଦକ ହୃଷୀକେଶ ମହାକୁଡ ସଂଯୋଜନା କରିଥିଲେ। ଏଥିରେ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ବଦ୍ରି ପାତ୍ର ସ୍ଥାନୀୟ ଅଂଚଳର କଣ ବିକାଶ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ସ୍କୁଲରେ ଶିକ୍ଷକ, ମେଡିକାଲରେ ଡାକ୍ତର ଓ କଲେଜରେ ଅଧ୍ୟାପକ ପଦବୀ କାହିଁକି ପୂରଣ କରାଯାଉ ନାହିଁ। ଏହାର ଜବାବ୍ ନିର୍ବାଚନରେ ଦିଆଯିବ ବୋଲି ଯଜ୍ଞ ପ୍ରସାଦ ସାହୁ କହିଥିଲେ।

ଏହି ସମାବେଶରେ ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ଘଟଗାଁ ବ୍ଲକର ପୂର୍ବତନ ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ସରପଂଚ ମୁକୁନ୍ଦ ମୁଣ୍ଡା, ପଣ୍ଡାପଡ଼ା ମଣ୍ଡଳର ପୂର୍ବତନ ସଭାପତି ମୁରଲୀ ମହାନ୍ତ, ଢେଙ୍କିକୋଟ ମଣ୍ଡଳର ପୂର୍ବତନ ସଭାପତି ଜିତେନ୍ଦ୍ର ପଲେଇ, ଯୁବ ସଂଗଠକ ସତ୍ୟମ୍ ଦେହୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେଡିର ଜନମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ। ରଘୁନାଥ ନାୟକ, ପରେଶ୍ ବେହେରା, ଅଧିକାରୀ ନାୟକ, କିରଣ ଖଣ୍ଡେଇ, କାହ୍ନୁ ଚରଣ ମହାରଣା, ସଂଗ୍ରାମ ନାୟକ, ଗୋବିନ୍ଦ ମହାନ୍ତ, କୈଳାସ ମହାକୁଡ, ନରହରି କାଟଜି, ବିପିନ୍ କବାଟ, ରଖାଲ ନାୟକ, ମଳୟ ନାୟକ, ଦୀନବନ୍ଧୁ ମହାପାତ୍ର, ମେନକା ନାଏକ, ଦଶରଥ ନାୟକ, ନାରାୟଣ ରାଉଳ, ଲାଲମୋହନ ମହାରଣା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପଂଚୁ ମାହାଲି, ମକରଧ୍ୱଜ ବେହେରା ପ୍ରମୁଖ ମଂଚାସୀନ ଥିଲେ। ଏହି ସମାବେଶରେ ପଣ୍ଡାପଡ଼ା ଜୋନର ୧୦ଟି ପଂଚାୟତରୁ ୨ ହଜାରରୁ ଅଧିକ ଯଜ୍ଞ ପ୍ରସାଦ ସାହୁଙ୍କ ସମର୍ଥକ ଓ ଶୁଭେଚ୍ଛୁ ସାମିଲ ହୋଇଥିଲେ।

# ବାଜିରାଉତ କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦଯାପିତ

ଭୁବନ, ୨୬/୨ (ନି.ପ୍ର): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟ ଇଂରାଜୀ ବିଭାଗ ଅଧ୍ୟାପକ ଅନିଲ କୁମାର ଧୀର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଯାପନ କରି କହିଥିଲେ ଯେ, ଆଜିର ସମାଜରେ ନାରୀ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଘରେ ହେଉ କି ବାହାରେ ସବୁ ସ୍ଥାନରେ ନାରୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ନିଜେ ନିଜର ସୁରକ୍ଷା ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଗୌରାଙ୍ଗ ଚରଣ ମହାରଣା ଯୋଗଦେଇ ସମାଜରେ ନାରୀ ମାନଙ୍କ ଭୂମିକା ଏବଂ ତାଙ୍କର ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଅନ୍ନପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମାଷ୍ଟର ଟ୍ରେନର ଭାବେ ପ୍ରମୋଦିନୀ ମାଝୀ ଯୋଗଦେଇ ୧୧୩ ଜଣ ଛାତ୍ରୀଙ୍କୁ ୩ ଟି ଗ୍ରୁପ ରେ ଜୁଡୋ, କରାଟେ ପ୍ରଶିକ୍ଷଣ ଦେଇଥିଲେ ।

# ଅବଧି ଶେଷ ପରେ ବି ସରୁନି ରାସ୍ତା କାର୍ଯ୍ୟ : ପୋଖରୀ ପାର୍ଶ୍ୱର୍ରେ ଗାର୍ଡ ୱାଲ ନିର୍ମାଣକୁ ନେଇ ଉଠିଲା ଦାବି

ସାଲେପୁର, ୨୬/୨ (ନି.ପ୍ର): ମାହାଙ୍ଗା ବ୍ଲକର କୌଣସି ଗୋଟିଏ ମୁଖ୍ୟ ରାସ୍ତାର ଅବସ୍ଥା ଭଲ ନଥିଲା ବେଳେ ନିର୍ମାଣାଧୀନ ରାସ୍ତାର ନିମ୍ନମାନର କାର୍ଯ୍ୟକୁ ନେଇ ଏବେ ଜନଅସନ୍ତୋଷ ବଢିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଖଣ୍ଡୋଳଠାରୁ ଝାଡେଶ୍ୱରପୁର ଭାୟା ଉମର ରାସ୍ତା ନିର୍ମାଣ ସମୟରେ ବାଲିଆଚକା ବଜାର ନିକଟରେ ଥିବା ଦୁଇଟି ପୋଖରୀ ପାର୍ଶ୍ୱର୍ରେ ଗାର୍ଡୱାଲ୍ ନିର୍ମାଣ କରାଯାଉନଥିବା ନେଇ ଅଭିଯୋଗ ହେଉଛି । ଯଦି ଗାର୍ଡୱାର୍ଲ ନିର୍ମାଣ କରାନଯାଏ ତେବେ ବର୍ଷାଦିନେ ଏହି ରାସ୍ତା ଧୋଇ ଯିବାର ସମ୍ଭାବନା ଅଧିକ ରହିଛି । ଏହି ରାସ୍ତା କାର୍ଯ୍ୟ ଆରମ୍ଭ ଦିବସ ୯.୯.୨୦୨୨ ରିଖ ରହିଥିଲା ବେଳେ ରାସ୍ତା କାର୍ଯ୍ୟ ଶେଷ ୮.୮.୨୦୨୩ ରିଖ ଫଳକରେ ଉଲ୍ଲେଖ ଥିଲା ବେଳେ ବର୍ତମାନ ସୁଦ୍ଧା ଏହି ରାସ୍ତାକାର୍ଯ୍ୟ ଶେଷ ହୋଇନଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ବହୁ ସମସ୍ୟା ଭୋଗୁଛନ୍ତି। ଏପରିକି ରାସ୍ତାରେ ଗାଡି ଗଲାବେଳେ ପକାଯାଇଥିବା ଡଷ୍ଟ ଗୁଣ୍ଡ ଉଡୁଥିବା ଦେଖିବାକୁ ମିଳିଛି । ଝାଡେଶ୍ୱରପୁରଠାରେ ଟାଇଲ ରାସ୍ତା ବାରମ୍ବାର ଫାଟିଯିବା ଏପରିକି ଗୋଟିଏ ପାଶ୍ୱର୍ ଭାଙ୍ଗିଯିବାକୁ ବାରମ୍ବାର ମରାମତି କରାଯିବା ଏବଂ ଶେଷରେ ରାସ୍ତାର ଉଭୟ ପାଶ୍ୱର୍ରେ ମାଟି ପକାଇ ଭାଙ୍ଗିଯାଇଥିବା ସ୍ଥାନକୁ ଲୁଚାଇବାକୁ ସଂପୃକ୍ତ ଠିକାଦାର ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି । କିନ୍ତୁ ନାମକୁମାତ୍ର ମାଟି ପକାଇ ଠିକାଦାର ଜଣକ ହାତବାନ୍ଧି ବସିଛନ୍ତି । ସଂପୂର୍ଣ୍ଣ ଭାବରେ ରାସ୍ତାର ଉଭୟ ପାଶ୍ୱର୍ରେ ମାଟି ପଡିନାହିଁ । ସାଧାରଣରେ ଦାବି ହେଉଛି ଯେ ରାସ୍ତାକାମ ଶେଷ ପରେ ରକ୍ଷଣା ବେକ୍ଷଣ ସମୟ ଆରମ୍ଭ କରାଯାଉ । ଠିକାଦାର ଜଣକ ଠିକ୍ ଭାବେ ରାସ୍ତା କାମ କରୁନଥିବାରୁ ସାଧାରଣରେ ଅସନ୍ତୋଷ ବଢିବା ସହିତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅବହେଳା ଯୋଗୁ ଏହିଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ତୁରନ୍ତ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହିତ ରାସ୍ତାକାର୍ଯ୍ୟକୁ ଶୀଘ୍ର ଶେଷ କରିବା ଲାଗି ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଖାଆନ୍ତୁ ଡାର୍କ ଚକୋଲେଟ୍: ଭଲ ହେବ ବଡ଼ ରୋଗ...ମିଳିବ ଆଶ୍ଚର୍ଯ୍ୟଜନକ ଲାଭ !

ଚକୋଲେଟ୍ କାହାକୁ ବା ଭଲ ଲାଗେନି । ସବୁବେଳେ କିଛି ଭଲ ଆରମ୍ଭ ପାଇଁ କିଛି ମିଠା ବହୁତ ଜରୁରୀ ହୋଇଥାଏ । ତେବେ ଖାଆନ୍ତୁ ଡାର୍କ ଚକୋଲେଟ୍...ଭଲ ହେବ ବଡ଼ ରୋଗ ! ଚକୋଲେଟ୍ କାହାକୁ ବା ଭଲ ଲାଗେନି । ସବୁବେଳେ କିଛି ଭଲ ଆରମ୍ଭ ପାଇଁ କିଛି ମିଠା ବହୁତ ଜରୁରୀ ହୋଇଥାଏ । ଏଥିପାଇଁ ଚକୋଲେଟ୍ ଦିବସରେ ଆପଣ ନିଜ ସାଥୀଙ୍କୁ ଚକୋଲେଟ୍ ଗିଫ୍ଟ କରିପାରିବେ । ଏହି ଦିନ ମାନଙ୍କରେ ଭିନ୍ନ ଭିନ୍ନ ଓ ବହୁତ ସୁନ୍ଦର ପ୍ୟାକିଂରେ ଚକୋଲେଟ୍ ମିଳିଥାଏ । ଆପଣଙ୍କ ସାଥୀଙ୍କୁ ଚକୋଲେଟ୍ ଦେଇ ଆପଣ ତାଙ୍କୁ ଦେଖାଇପାରିବେ ଯେ ତାଙ୍କ ପାଇଁ ଆପଣଙ୍କ ପ୍ରେମ କେତେ ସ୍ୱତନ୍ତ୍ର । ଯଦି ଆପଣ ଚାହାଁନ୍ତି ଆପଣ ଗିଫ୍ଟ ସ୍ୱରୂପ ଆପଣଙ୍କ ସାଥୀଙ୍କୁ ଡାର୍କ ଚକୋଲେଟ୍ ଦେଇପାରିବେ । ହେଲ୍ଥଲାଇନ ଖବର ଅନୁଯାୟୀ ଡାର୍କ ଚକୋଲେଟ୍ ଆମ ସ୍ୱାସ୍ଥ୍ୟ ପାଇଁ ଅନେକ ସକାରାତ୍ମକ ଲାଭ ଦେଇଥାଏ । ଏହା ରକ୍ତରେ ଶର୍କରା ଓ ହୃଦରୋଗ ଭଳି ଗମ୍ଭୀର ରୋଗକୁ ଶରୀରଠାରୁ ଦୂରରେ ରଖେ । କେବଳ ଏତିକି ନୁହେଁ ଏହାକୁ ଖାଇବା ଦ୍ୱାରା ଷ୍ଟ୍ରେସ ମଧ୍ୟ କମିଯାଏ । ଆଜିର ସମୟରେ ଏହାକୁ ୱାର୍କରୁ ହୋମ୍‌ରେ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ପ୍ରମାଣିତ ହୋଇପାରେ । ଆସନ୍ତୁ ଜାଣିବା ଡାର୍କ ଚକୋଲେଟ୍ ଖାଇ ଆପଣ କେଉଁ ରୋଗରୁ ରକ୍ଷା ପାଇପାରିବେ ।



*ଡାର୍କ ଚକ୍‌ଲେଟ୍ ଖାଇଲେ କଣ ଲାଭ ମିଳେ ?*

*ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରନ୍ତୁ ...*

ରକ୍ତରେ ଶର୍କରା ସ୍ତର ବୃଦ୍ଧି ହେଲେ ଶରୀରରେ ଅନେକ ଗମ୍ଭୀର ରୋଗ ହେବାର ଆଶଙ୍କା ମଧ୍ୟ ବଢ଼ିଥାଏ । ଡାର୍କ ଚକୋଲେଟରେ ଏପରି ଗୁଣ ଅଛି ଯାହା ଶରୀରରେ ରକ୍ତରେ ଶର୍କରା ସ୍ତରକୁ ବଜାୟ ରଖିପାରେ । ଯେଉଁ କାରଣରୁ ଆପଣ ଡାଇବେଟିସ ଭଳି ରୋଗ ହେବା କବଳରୁ ବଞ୍ଚି ପାରିବେ ।

*ହୃଦଘାତକୁ ଦୂରେଇ ପାରିବେ...*

ଡାର୍କ ଚକୋଲେଟରେ କାର୍ଡିଓପ୍ରୋଟେକ୍ଟିଭ୍ ଗୁଣ ରହିଛି । ଏହା ହୃଦୟକୁ ଅନେକ ପ୍ରକାରର ଗମ୍ଭୀର ରୋଗରୁ ରକ୍ଷା କରିଥାଏ । ହୃଦ୍‌ରୋଗରୁ ରକ୍ଷା ପାଇବା ପାଇଁ ଜଣେ ଡାର୍କ ଚକୋଲେଟ୍ ଖାଇପାରିବେ ।

*ବାର୍ଦ୍ଧକ୍ୟ ବିରୋଧୀ କାର୍ଯ୍ୟ କରେ...*

ବାର୍ଦ୍ଧକ୍ୟର ପ୍ରଭାବ ହ୍ରାସ କରିବାର ଡାର୍କ ଚକୋଲେଟର ବିଶେଷ ଗୁଣ ଅଛି । ତେଣୁ ଯେଉଁମାନେ ବୃଦ୍ଧାବସ୍ଥାର ପ୍ରଭାବକୁ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ନିଶ୍ଚିତ ଭାବରେ ଡାର୍କ ଚକୋଲେଟ୍ ଖାଇ ପାରିବେ । ଏହା ଏକ ଆଣ୍ଟି-ଏଜିଂ ଉପାଦାନ ଭାବରେ କାର୍ଯ୍ୟ କରେ ।

*ଷ୍ଟ୍ରେସ କମ୍ କରେ...*

ଷ୍ଟ୍ରେସ ହେଉଛି ଏପରି ଏକ ଜିନିଷ ଯାହା ନିଶ୍ଚିତ ଭାବରେ ମଣିଷକୁ ନିଜ ଜୀବନରେ କିଛି ସମୟରେ ବ୍ୟଥିତ କରେ । ଷ୍ଟ୍ରେସ ଅନେକ ଗମ୍ଭୀର ରୋଗର ମୁଖ୍ୟ କାରଣ ବୋଲି ବିଶ୍ୱାସ କରାଯାଏ । ଷ୍ଟ୍ରେସରୁ ରକ୍ଷା ପାଇବା ପାଇଁ ଡାର୍କ ଚକୋଲେଟ୍ ବହୁତ ସାହାଯ୍ୟକାରୀ ହୋଇଥାଏ । ବାସ୍ତବରେ ଡାର୍କ ଚକୋଲେଟରେ ଷ୍ଟ୍ରେସ ହ୍ରାସ କରିବାର ବିଶେଷ ଗୁଣ ରହିଛି ।

*ରକ୍ତଚାପ କମ୍ କରିଥାଏ...*

ବର୍ଦ୍ଧିତ ରକ୍ତଚାପ ଅବସ୍ଥାକୁ ଉଚ୍ଚ ରକ୍ତଚାପ କୁହାଯାଏ । ଯେଉଁମାନଙ୍କର ଉଚ୍ଚ ରକ୍ତଚାପ ସମସ୍ୟା ଥାଏ ସେମାନେ ଡାର୍କ ଚକୋଲେଟ୍ ଖାଇପାରନ୍ତି । ମ୍ୟାଗ୍ନେସିୟମ୍ ଡାର୍କ ଚକୋଲେଟରେ ମିଳିଥାଏ । ଯାହା ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରିଥାଏ ।

# ହଳଦୀ-ମହୁକୁ ଏମିତି ଲଗାନ୍ତୁ ମୁହଁରେ: ୫ ମିନିଟ୍‌ରେ ଚମକିବ ଚେହେରା

ସମସ୍ତେ ନିଜ ଚର୍ମରେ ଗ୍ଲୋ ଦେଖିବାକୁ ସ୍ୱପ୍ନ ଦେଖନ୍ତି । ଏନେଇ ସେମାନେ ବିୟୁଟିପାର୍ଲରର ଯାଇ ହଜାର ହଜାର ଟଙ୍କା ମଧ୍ୟ ଖର୍ଚ୍ଚ କରନ୍ତି । ଏପରି ପରିସ୍ଥିତିରେ, ଆଜି ଆମେ ଆପଣଙ୍କୁ ଏପରି ଏକ ଟିପ୍ସ୍ କହିବାକୁ ଯାଉଛୁ, ଯାହାକୁ ଆପଣ ଘରେ କରି ୫ ମିନିଟ୍‌ରେ ନିଜ ଚେହେରାଙ୍କୁ ଚକ୍‌ଚକ୍ କରିପାରିବେ ।

ସେପୁରୁଷ ହୁଅନ୍ତି କି ମହିଳା ସମସ୍ତେ ନିଜ ଚର୍ମରେ ଗ୍ଲୋ ଦେଖିବାକୁ ସ୍ୱପ୍ନ ଦେଖନ୍ତି । ଏନେଇ ସେମାନେ ବିୟୁଟିପାର୍ଲରର ଯାଇ ହଜାର ହଜାର ଟଙ୍କା ମଧ୍ୟ ଖର୍ଚ୍ଚ କରନ୍ତି । ଏତେ ସବୁ କରିବା ପରେ ମଧ୍ୟ ଫଳ ନ ମିଳିବା ଦେଖାଯାଏ । ଏପରି ପରିସ୍ଥିତିରେ, ଆଜି ଆମେ ଆପଣଙ୍କୁ ଏପରି ଏକ ଟିପ୍ସ୍ କହିବାକୁ ଯାଉଛୁ, ଯାହାକୁ ଆପଣ ଘରେ କରି ୫ ମିନିଟ୍‌ରେ ନିଜ ଚେହେରାଙ୍କୁ ଚକ୍‌ଚକ୍ କରିପାରିବେ ।

ଏଥିପାଇଁ ଆପଣଙ୍କୁ କେବଳ ମହୁ, ହଳଦୀ ଏବଂ କଞ୍ଚା କ୍ଷୀର ନେବାକୁ ପଡିବ । ଏସବୁକୁ କିପରି ସଠିକ୍ ଭାବରେ ବ୍ୟବହାର କରାଯିବ ତାହା ଜାଣିବା ଆବଶ୍ୟକ । ଏହି ତିନୋଟି ଜିନିଷ ଏକ ସୁସ୍ଥ ଚର୍ମ ପ୍ରଦାନ କରିବାରେ ଖୁବ୍ ସହାୟକ ହୁଏ ଏବଂ ଆପଣଙ୍କ ରୋଷେଇ ଘରେ ଏସବୁ ମଧ୍ୟ ସହଜରେ ମିଳିଯିବ ।



*କିପରି କରିବେ ବ୍ୟବହାର:*

ଏକ ସୁନ୍ଦର ଚେହେରା ପାଇବାକୁ ହେଲେ ଏକ ଚାମଚ ହଳଦୀ ନେବାକୁ ପଡିବ । ତେବେ ଏହି ହଳଦୀ ପ୍ୟାକେଟ୍ ବାଲା ନୁହେଁ, ପେଷା ହୋଇଥିବା ଦରକାର । ଏହା ସହିତ ଗୋଟିଏ ଚାମଚ ଭଲ ମହୁ ଏବଂ ଦୁଇ ଚାମଚ କଞ୍ଚା ଗାଈ କ୍ଷୀର ନେବାକୁ ପଡିବ । ଫୁଟା କ୍ଷୀର ନେବେନି, ନଚେତ୍ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ । ବର୍ତ୍ତମାନ ଏସବୁକୁ ଭଲ ଭାବରେ ମିଶେଇ ଦିଅନ୍ତୁ ।

ଯଦି ଆପଣଙ୍କ ଘରେ କେଶର ଅଛି ତେବେ ଆପଣ କ୍ଷୀରରେ ଏହାକୁ ମଧ୍ୟ ମିଶାଇ ପାରିବେ ଏବଂ ଯଦି ପାଖରେ ନାହିଁ ତେବେ କୌଣସି ଅସୁବିଧା ନାହିଁ । ଏହା ଭଲ ଭାବରେ ମିଶ୍ରଣ କରିବା ପରେ ମୁହଁରେ ଲଗାନ୍ତୁ ଏବଂ ଏହାକୁ ୫ ମିନିଟ୍ ପର୍ଯ୍ୟନ୍ତ ଛାଡିଦିଅନ୍ତୁ । ଏହାପରେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ । ମୁହଁରୁ ଏବେ ଗ୍ଲୋ ବାହାରିବ ।

ମନେରଖନ୍ତୁ, ଏହାକୁ ୫ ମିନିଟରୁ ଅଧିକ ସମୟ ରଖିବେ ନାହିଁ, ନଚେତ ମୁହଁ ଅତ୍ୟଧିକ ହଳଦୀ ରଙ୍ଗ ଦେଖାଯିବ ଏବଂ ଚେହେରା ଫିକା ଲାଗିବ ।

*ଦାଗହୀନ ଚମକ ଚେହେରା:*

ଏହି ଅଭ୍ୟାସକୁ ଯଦି ସପ୍ତାହରେ ତିନିଥର କରାଯାଏ ତେବେ ମୁହଁ ଦାଗହୀନ ହେବା ସହ ଚମକିବ । ମହୁ ଚର୍ମକୁ କୋମଳ କରିବା ସହ ନରମ ମଧ୍ୟ କରେ । ହଳଦୀ ପ୍ରାକୃତିକ ଚମକ ଦେଇଥାଏ ଏବଂ କଞ୍ଚା କ୍ଷୀର ଚେହେରାକୁ ସଫା କରିଥାଏ ଏବଂ ଦାଗ ଦୂର କରିଥାଏ । ଏହି କାରଣରୁ ଏହି ତିନି ପଦାର୍ଥର ମିଶ୍ରଣ ଚେହେରା ପାଇଁ ଖୁବ ପ୍ରଭାବଶାଳୀ ।

# ଘରେ ତିଆରି କରନ୍ତୁ ବରଫି



## ପ୍ରସ୍ତୁତି ପ୍ରଣାଳୀ:

ଏକ ପାତ୍ରକୁ ଗ୍ୟାସ୍‌ରେ ବସାଇ ତାହାକୁ ଗରମ କରନ୍ତୁ । ଏହାପରେ ସେଥିରେ ଗୁଆ ଘିଅ ପକାନ୍ତୁ । ଘିଅ ଗରମ ହେଲେ ସେଥିରେ ସୁଜି ପକାଇ ଧିମା ଆଞ୍ଚରେ ସୁଜିକୁ ଭାଜନ୍ତୁ । ଆସ୍ତେ ଆସ୍ତେ ସୁଜି ହାଲକା ଗୋଲଡେନ କଲର ହେବା ପର୍ଯ୍ୟନ୍ତ ତାହାକୁ ଭାଜନ୍ତୁ । ଏହାପରେ ସେଥିରେ ଚିନି ଓ ପାଣି ପକାଇ ଘାଣ୍ଟନ୍ତୁ । ଏହା ଫୁଟିବା ଆରମ୍ଭ କଲେ ଗ୍ୟାସ୍‌କୁ ସିମ୍ କରି ଦିଅନ୍ତୁ । ସେଥିରେ କିଛି ମିଲ୍କ ପାଉଡର ପକାଇ ପୂରା ଡ୍ରାଏ ହେବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ । ଏକ ଟ୍ରେରେ ଘିଅ ଲଗାଇ ତାହାକୁ ଢାଳି ଦିଅନ୍ତୁ । ଉକ୍ତ ଟ୍ରେରେ ମିଶ୍ରଣକୁ ସେଟ୍ କରି ତାହା ଉପରେ ଡ୍ରାଏ ଫ୍ରୁଟ୍ସ ଦେଇ ସଜାଇ ଦିଅନ୍ତୁ । ଏହାପରେ ତାହାକୁ ପିସ୍ ପିସ୍ କରି କାଟି ଦିଅନ୍ତୁ । ଏହି ମିଶ୍ରଣକୁ ଥଣ୍ଡା ହେବା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ । ଅଧ ଘଣ୍ଟା ପରେ ତାହାକୁ ବାହାର କରି ପରିବାର ସଦସ୍ୟଓ ଅନ୍ୟମାନଙ୍କୁ ଖାଇବାକୁ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ବରଫି ।

# ଯୁବକମାନଙ୍କ ପାଖରେ ଏହି ୫ ଗୁଣ ଥିଲେ ଝିଅମାନେ ହୋଇଥାନ୍ତି ପ୍ରଭାବିତ

ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି । ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ ।

ପ୍ରାୟ ପୁଅମାନେ ସେମାନଙ୍କର ଗର୍ଲଫ୍ରେଣ୍ଡମାନଙ୍କୁ ପ୍ରଭାବିତ କରିବା ପାଇଁ କିଛି ନା କିଛି କରନ୍ତି । ଅନେକ ସମୟରେ କିନ୍ତୁ ଦେଖାଯାଏ ଅନେକ ଯୁବକ ଝିଅମାନଙ୍କୁ ପ୍ରଭାବିତ କରିପାରନ୍ତି ନାହିଁ । କିନ୍ତୁ ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି ।

ତେବେ ଏହିସବୁ ଯୁବକମାନଙ୍କ ପାଖରେ ଏମିତି କିଛି ଗୁଣ ଥାଏ ଯାହା ପ୍ରତି ଝିଅମାନେ ଚୁମ୍ବକ ଭଳି ଆକର୍ଷିତ ହୁଅନ୍ତି ।

ତେବେ ଏହା ପଛରେ କିଛି ମୁଖ୍ୟ କାରଣ ରହିଛି । ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ ଏବଂ ସେମାନଙ୍କ ବନ୍ଧୁ କରିବାକୁ ଚାହିଁବେ । ଆସନ୍ତୁ ଏହି ୫ଟି ଗୁଣ ବିଷୟରେ ଜାଣିବା ।

ଯୁବକଙ୍କ ୫ ଗୁଣ:

ଝିଅମାନଙ୍କୁ ପ୍ରଭାବିତ କରିବା ପାଇଁ ସର୍ବପ୍ରଥମେ ଯୁବକମାନେ ସେମାନଙ୍କ ଶରୀର ପ୍ରତି ଧ୍ୟାନ ଦେବା ଉଚିତ । ଯେଉଁମାନଙ୍କର ଫିଟ୍ ଶରୀର ଥାଏ ସେମାନେ ପ୍ରାୟତଃ ଖୁବ ଆକର୍ଷଣୀୟ ଦେଖାଯାଆନ୍ତି । ଯେଉଁ ଯୁବକମାନେ ଏକ ଲକ୍ଷ୍ୟ ରଖିଥାନ୍ତି ଏବଂ ସେ ଲକ୍ଷ୍ୟ ପ୍ରତି ସମ୍ପୂର୍ଣ୍ଣ ସଚ୍ଚୋଟ ରୁହନ୍ତି, ପ୍ରାୟ ଝିଅମାନେ ସେମାନଙ୍କୁ ଅଧିକ ପସନ୍ଦ କରନ୍ତି ।

କଥାବାର୍ତ୍ତାର ଶୈଳୀ, କଥାବାର୍ତ୍ତାରେ ଭଦ୍ରତା ଏବଂ ସାମ୍ନା ଲୋକଙ୍କୁ ସମ୍ମାନ ଦେଇ ନିଜର ମତ ପ୍ରକାଶ କରିବା ଭଳି ଗୁଣକୁ ଝିଅମାନେ ଖୁବ ଭଲ ପାଆନ୍ତି ।

ସଫା-ସୁତୁରା ଖାଇବା ଏକ ଭଲ ଅଭ୍ୟାସ । ଏହା ନିଜ ଶରୀର ପ୍ରତି ଏକ ସଚେତନତା ଦର୍ଶାଏ । ଏହି ସତର୍କତା ଜଣଙ୍କୁ ଏକ ଆକର୍ଷଣୀୟ ମଣିଷ କରିଥାଏ ଏବଂ ଚେହେରାରେ ଚମକ ଆଣିଥାଏ । ଏହି କାରଣରୁ ଜଣେ ସୁନ୍ଦର ଦେଖାଯାଆନ୍ତି ଏବଂ ଲୋକମାନେ ଆକର୍ଷିତ ହୁଅନ୍ତି ।



ଦେଖାଯାଏ ଯେ କ୍ରୀଡା ପ୍ରତି ଆଗ୍ରହୀ ଯୁବକମାନେ କ୍ରୀଡ଼ାରେ ବହୁତ ଭଲ ପ୍ରଦର୍ଶନ କରନ୍ତି । ଏହା ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ କରେ ଏବଂ ଝିଅମାନେ ସେମାନଙ୍କ ପ୍ରତି ଅଧିକ ଆଗ୍ରହ ଦେଖାନ୍ତି ।

# ତରକାରୀରେ ଅଧିକ ମସଲା ପଡ଼ି ଯାଇଥିଲେ ନଫିଙ୍ଗି କରନ୍ତୁ ଏହି କାମ, ବୃଥା ଯିବନି ପରିଶ୍ରମ

ରାନ୍ଧିବା ଏକ କଳା ଏବଂ ଯେଉଁମାନେ ଭଲ ରୋଷେଇ କରନ୍ତି ସେମାନଙ୍କୁ ସମସ୍ତେ ପ୍ରଶଂସା କରନ୍ତି । ସମସ୍ତେ ଭିନ୍ନ ଭିନ୍ନ ଶୈଳୀରେ ରୋଷେଇ କରନ୍ତି । କିନ୍ତୁ ଅଧିକାଂଶ ଲୋକ ଭାବନ୍ତି ତରକାରୀରେ ଅଧିକ ତେଲ-ମସଲା ପକାଇଲେ ସ୍ୱାଦ ଟିକେ ବଢିଯାଏ । କିନ୍ତୁ ବେଳେ ବେଳେ ଏହି କାରଣରୁ ତରକାରି ଖରାପ ଲାଗିଥାଏ । ଯଦି ତରକାରୀରେ ଅଧିକ ମସଲା ପଡିଯାଉଛି, ତେବେ ନଷ୍ଟ ନକରି ସେହି ତରକାରୀକୁ କିପରି ଖାଇପାରିବେ, ଜାଣନ୍ତୁ ଟିପ୍ସ...

ଦହି: ଦହି ହେଉଛି ଏକ ଉପାଦାନ, ଯାହା ଗ୍ରେଭି ତିଆରିରେ ବହୁଳ ଭାବରେ ବ୍ୟବହୃତ ହୁଏ, ଏହା ଖାଦ୍ୟକୁ ଭଲ ସ୍ୱାଦ ଦେଇଥାଏ ଏବଂ ଆକର୍ଷଣୀୟ କରିଥାଏ । ଯଦି ତରକାରୀରେ ଅଧିକ ମସଲା ପଡିଯାଇଥାଏ ତେବେ ଏଥିରେ ଦହି ମିଶାଇ ସନ୍ତୁଳିତ(ବାଲାନ୍ସ) କରିପାରିବେ । ଦହିରେ ଥଣ୍ଡା ଗୁଣ ଥାଏ, ଯାହା ମସଲାଯୁକ୍ତ ତରକାରୀରେ ମିଶାଇଲେ ଏହାର ମସଲା ଭାଗ କମି ଯାଇଥାଏ ।

ପାଳଙ୍ଗ କିମ୍ବା ସବୁଜ ପତ୍ରଯୁକ୍ତ ପନିପରିବା : ଯଦି କୌଣସି ଗ୍ରେଭିରେ ବହୁତ ମସଲା ପଡିଯାଇଥାଏ, ତେବେ ଏଥିରେ ପାଳଙ୍ଗ କିମ୍ବା କୌଣସି ସବୁଜ ପତ୍ରଯୁକ୍ତ ପନିପରିବା ପକାଇପାରିବେ । ଯେକୌଣସି ପତ୍ରଯୁକ୍ତ ପନିପରିବାକୁ ଗ୍ରାଇଣ୍ଡିଂ କରି ତରକାରୀରେ ମିଶାଇବା ଫଳରେ ମସଲା ସନ୍ତୁଳିତ ହୋଇଥାଏ । ଏହା ତରକାରୀରୁ ମସଲାକୁ ଦୂର କରିବା ସହ ଅଧିକ ପୁଷ୍ଟିକର କରିଥାଏ ।

କାଜୁ କିମ୍ବା ବାଦାମ : ସାଧାରଣତଃ କାଜୁ କିମ୍ବା ବାଦାମକୁ ମସଲାରେ ମିଶା ଯାଇଥାଏ । ଯଦି ତରକାରୀରେ ଅଧିକ ମସଲା ହୋଇଯାଇଥାଏ, ତେବେ କାଜୁ କିମ୍ବା ବାଦାମ ମିଶାଇ ପାରିବେ । ଏହା ମଧ୍ୟ ତରକାରୀର ଗଠନକୁ ଉନ୍ନତ କରିଥାଏ ।

ନଡ଼ିଆ ରସ : ମସଲାକୁ ସନ୍ତୁଳିତ କରିବା ପାଇଁ ନଡ଼ିଆ ରସ ହେଉଛି ସର୍ବୋତ୍ତମ ବିକଳ୍ପ । ଏହାର ମୃଦୁ ମିଠା ସ୍ୱାଦ ତରକାରୀରୁ ମସଲାକୁ ଦୂର କରିବା ସହ ସ୍ୱାଦକୁ ଦ୍ୱିଗୁଣିତ କରିଥାଏ ।

ଚିନି : ମସଲାଯୁକ୍ତ ତରକାରୀରେ ଟିକେ ଚିନି ମଧ୍ୟ ମିଶାଇ ପାରିବେ, ଫଳରେ ମସଲା ପରିମାଣ ସନ୍ତୁଳିତ ହୋଇଥାଏ । ତଥାପି, ଚିନିକୁ ଅଳ୍ପ ପରିମାଣରେ ବ୍ୟବହାର କରନ୍ତୁ । କାରଣ ଅଧିକ ଚିନି ତରକାରୀକୁ ମିଠା କରିପାରେ ।

ଟମାଟୋ : ଯଦି ତରକାରୀ ଅତ୍ୟଧିକ ମସଲାଯୁକ୍ତ ହୋଇଯାଏ ତେବେ ଏଥିରେ ଟମାଟୋ ପ୍ୟୁରି କିମ୍ବା କଟା ଟମାଟୋ ମିଶାନ୍ତୁ । ଏହା ଫଳରେ ତରକାରୀରେ ମସଲାର ପରିମାଣ ସନ୍ତୁଳିତ ହୋଇଥାଏ ।



# ମଧୁମେହରେ ଦୁର୍ବଳତା ଦୂର କରେ ଏହି ସବୁ ଖାଦ୍ୟ

**ମଧୁମେହ ରୋଗୀଙ୍କର ବିଭିନ୍ନ ସମସ୍ୟା ମଧ୍ୟରେ ଆଉ ଏକ ମୁଖ୍ୟ ସମସ୍ୟା ଥାଏ ଦୁର୍ବଳତା । କାରଣ ଜଣେ ମଧୁମେହ ରୋଗୀ ଅଧିକ ଭୋକିଲା ଅନୁଭବ କରନ୍ତି ଏବଂ ସେମାନେ ଖାଇବା ପରେ ମଧ ଦୁର୍ବଳତା ଏବଂ ଥକ୍କା ଦୂର ହୁଏ ନାହିଁ । ଏହାର ମୁଖ୍ୟ କାରଣ ହେଉଛି, ରକ୍ତରେ ଶର୍କରା ବୃଦ୍ଧି ।ରକ୍ତରେ ଶର୍କରା ବୃଦ୍ଧି କାରଣରୁ ଶରୀରର ଶକ୍ତି ହ୍ରାସପାଏ । ମଧୁମେହ ରୋଗୀଙ୍କ ଶରୀରର ଶକ୍ତି ପାଇଁ ଖାଦ୍ୟ ଉପରେ ବିଶେଷ ଧ୍ୟାନ ଦେବା ଉଚିତ୍ । କେଉଁ ସବୁ ଖାଦ୍ୟ ଖାଇଲେ ମଧୁମେହ ରୋଗୀଙ୍କ ଦୁର୍ବଳତା ହ୍ରାସପାଏ, ଜାଣନ୍ତୁ...**

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ରକ୍ତରେ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଏବଂ ଶରୀରକୁ ଶକ୍ତିଶାଳୀ କରିବା ପାଇଁ ଜଣେ ମଧୁମେହ ରୋଗୀ କମ୍ ଚର୍ବିଯୁକ୍ତ ପ୍ରୋଟିନ୍ ଏବଂ କ୍ୟାଲସିୟମରେ ଭରପୂର ଖାଦ୍ୟ ଗ୍ରହଣ କରିବା ଉଚିତ୍ । ଏହା ମାଂସପେଶୀ ଏବଂ ହାଡକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ ଏବଂ ଶରୀରକୁ ଶକ୍ତି ଯୋଗାଇଥାଏ । ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ । ଚିକେନ୍, ଅଣ୍ଡା, ମାଛ ପରି ପ୍ରୋଟିନ୍ ସମୃଦ୍ଧ ଖାଦ୍ୟ ଖାଆନ୍ତୁ । ସର୍ବଦା ଧ୍ୟାନ ଦେବେ, ପ୍ରୋଟିନ ଯୁକ୍ତ ଖାଦ୍ୟ ବାଛିବା ବେଳେ ଯେପରି ଅଧିକ ଚର୍ବି ନଥିବା ଖାଦ୍ୟ ବାଛନ୍ତୁ । ତେଣୁ ସର୍ବଦା ସୀମିତ ପରିମାଣର ପ୍ରୋଟିନ ଯୁକ୍ତ ଖାଦ୍ୟ ଖାଆନ୍ତୁ । ମଧୁମେହ ରୋଗୀଙ୍କ ଏନର୍ଜି ପାଇଁ କ୍ୟାଲସିୟମରେ ଭରପୂର ଖାଦ୍ୟ ଖାଇପାରିବେ । ଏଥିପାଇଁ କମ୍ ଚର୍ବି କ୍ଷୀର, ପନିର ଏବଂ କଦଳୀ ଖାଆନ୍ତୁ । ଏହା ଶରୀରକୁ ଉଭୟ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ଯୋଗାଇବ । ସୋୟାବିନରୁ ପ୍ରସ୍ତୁତ ଟୋଫୁ ଖାଇପାରିବେ । ବାଦାମ ଏବଂ ପନିପରିବା- ଜଣେ ମଧୁମେହ ରୋଗୀ ଖାଦ୍ୟରେ ବାଦାମ ଏବଂ ଅଖରୁଟ୍ ଅନ୍ତର୍ଭୁକ୍ତ କରିବା ଉଚିତ୍ । ଏହା ଶରୀରକୁ ଭିଟାମିନ୍, କ୍ୟାଲସିୟମ୍ ଏବଂ ସୁସ୍ଥ ଚର୍ବି ଯୋଗାଇଥାଏ । ବ୍ରୋକୋଲି, କାଲେ, ପାଳଙ୍ଗ ଏବଂ କୋବି ଖାଇବା ମଧ୍ୟ ମଧୁମେହରେ ଉପକାରୀ ବୋଲି ବିବେଚନା କରାଯାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଡିଜିଟାଲ୍ ବ୍ୟାଙ୍କ୍‌କୁ ଲଗାମ...

ବ୍ୟାଙ୍କ୍ ସେବାକୁ ସ୍ୱଚ୍ଛ, ସହଜ, ସରଳ ଓ ହାତପାଆନ୍ତା କରିବା ଲକ୍ଷ୍ୟ ନେଇ ଦେଶରେ ପ୍ରଚଳିତ ଡିଜିଟାଲ କାରବାର ବା ବ୍ୟବସ୍ଥା ଏବେ ଆଉ ସ୍ୱଦେଶୀ ହୋଇ ରହିନାହିଁ। ଦେଶବାସୀ ଏହି ସେବାକୁ ଏମିତି ଗଭୀର ଭାବରେ ଆପଣେଇ ନେଇଛନ୍ତି ଯେ ତାହା ଏକ ସ୍ୱଦେଶୀ କିମ୍ବା ବିଦେଶୀ ବ୍ୟବସ୍ଥା ସେ କଥା ଚିନ୍ତା କରିବାର ସମୟ ମଧ୍ୟ ସେମାନଙ୍କଠାରୁ ବହୁଦୂରରେ। ସରକାରୀ ପ୍ରୋତ୍ସାହନରେ ପରିଚାଳିତ ଏହି ବିଦେଶୀ ଡିଜିଟାଲ ସେବା ଏତେ ଲୋକପ୍ରିୟ ହୋଇଗଲାଣି ଯେ, ପରିସ୍ଥିତି ବେଲଗାମ ହେଲେ ମଧ ଗ୍ରାହକଙ୍କ ମନରେ ସନ୍ଦେହ ସୃଷ୍ଟି ନ ହେବା ସ୍ୱାଭାବିକ। ଆମଦେଶର କେନ୍ଦ୍ରୀୟ ବ୍ୟାଙ୍କ୍ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ନିକଟରେ ଅନ୍ୟତମ ଡିଜିଟାଲ ବ୍ୟାଙ୍କ୍ ସେବା ଯୋଗାଇ ଆସୁଥିବା ପେଟିଏମ୍ ଉପରେ କଡ଼ା କଟକଣା ଜାରି କରିଛନ୍ତି। ମାର୍ଚ୍ଚ ୧୫ ତାରିଖ ପରେ ପେଟିଏମ୍ ଏହି କଡ଼ା ପ୍ରତିବନ୍ଧ ଯୋଗୁଁ ଏକପ୍ରକାର ବେସାହାରା ଓ ଅଚଳ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ବିଳମ୍ବରେ ହେଲେ ମଧ ରିଜର୍ଭ ବ୍ୟାଙ୍କର ଏହି ବିତ୍ତୀୟ ପ୍ରତିବନ୍ଧ ପେଟିଏମର ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ନିବେଶ କରିଥିବା ନିବେଶକାରୀଙ୍କ ମନରେ ଅତ୍ୟନ୍ତ ଭୟ ଓ ଅସ୍ଥିରତା ସୃଷ୍ଟି କରିଛି। କେବଳ ସେତିକି ନୁହେଁ, ପେଟିଏମ୍ ପ୍ରତିଭୂତି ବଜାରରେ ବେଶ୍ କ୍ଷତି ସହିବ ବୋଲି ଆଶଙ୍କା କରାଯାଉଛି। ପେଟଏମ୍ ବ୍ୟାଙ୍କର ପ୍ରତିଷ୍ଠାତା ତଥା ୱାନ୍ ନାଇନ୍‌ଟି ସେଭେନ୍ କମ୍ପାନୀର ଅଧ୍ୟକ୍ଷ ବିଜୟ ଶେଖର ଶର୍ମା ପେଟିଏମ୍‌ର ଏଭଳି ନିମ୍ନଗାମୀ ଅବସ୍ଥାକୁ ଗ୍ରହଣ ନ କଲେ ମଧ ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ପରବର୍ତ୍ତୀ ବିକଳ୍ପ ଉପରେ ଆଲୋଚନା କରିଛନ୍ତି। ଏହି ଆଲୋଚନାର ଫଳାଫଳ ନକାରାତ୍ମକ ହେବା କିଛି ନୂଆ କଥା ନୁହେଁ। କିଛି ନ ହେଲେ ମଧ ଫୋନ୍‌ପେ ଭଳି ପେଟିଏମ୍ ପେ ବ୍ୟବସ୍ଥାର ପ୍ରଚଳନ କରି ଡିଜିଟାଲ ବିତ୍ତୀୟ ବ୍ୟବସ୍ଥାରେ ନିଜର ସ୍ଥିତିକୁ ଅତୁଟ ରଖିବା ପାଇଁ ବିଜୟ ଶେଖର ପ୍ରୟାସ କରିଛନ୍ତି। ମୋବାଇଲ ମାଧ୍ୟମରେ ବ୍ୟାଙ୍କ୍ କାରବାର ସୃଷ୍ଟି ବା ପେଟିଏମ୍ ଅଗାମୀ ମାର୍ଚ୍ଚ ୧୬ରୁ ନୂଆ ଜମା ଗ୍ରହଣ କରିପାରିବ ନାହିଁ କି ନୂତନ ଗ୍ରାହକ ସୃଷ୍ଟି ମାଧ୍ୟମରେ କାରବାର ସୁଯୋଗ ଦେଇପାରିବ ନାହିଁ। ସେହିପରି ୱାଲଟ୍ ସେବା, ଗ୍ରାହକଙ୍କ ଖାତାରେ ଅତିରିକ୍ତ ପୁଞ୍ଜି ପ୍ରେରଣ, ପ୍ରିପେଡ୍ ସେବା, ମୋଟର ଯାନରେ ଯାଞ୍ଚ ଫାଟକରେ ଶୁଳ୍କ ପ୍ରଦାନ ପାଇଁ ବ୍ୟବହୃତ ଫାସ୍‌ଟ୍ୟାଗ୍ ଓ ଏନ୍‌ସିଏମ୍‌ଏସ୍ କାର୍ଡର ନୂତନ ପ୍ରଚଳନ ଆଦି ଡିଜିଟାଲ ସେବା ଉପରେ ରିଜର୍ଭ ବ୍ୟାଙ୍କ ପ୍ରତିବନ୍ଧ ଜାରି କରିଛି। ଏହି ପ୍ରତିବନ୍ଧ ଯେ ତତକ୍ଷଣାତ୍ ଲାଗୁ ହୋଇଛି ତାହା ନୁହେଁ। ୨୦୧୮ ରୁ ୨୦୨୪ ପର୍ଯ୍ୟନ୍ତ ଚାରି ଥର ଚେତାବନୀ ଓ ଆର୍ଥିକ ଜୋରିମାନା ଲାଗୁ କରି କେନ୍ଦ୍ରୀୟ ବ୍ୟାଙ୍କ ଏକପ୍ରକାର ନିରୂପାୟ ହୋଇଯିବା ପରେ ଦେଶର ବିତ୍ତୀୟ ସୁରକ୍ଷା ଓ ମହା ଆର୍ଥିକ ବିପଦରୁ ଦେଶକୁ ସୁରକ୍ଷା ଦେବାକୁ ଯାଇ ଏହି କଠୋର ପଦକ୍ଷେପ ଗ୍ରହଣ କରିଛି। ଏହାବ୍ୟତୀତ ଆରବିଆଇ ପାଖରେ ଅନ୍ୟ ବିକଳ୍ପ ମଧ ନଥିଲା। ମାତ୍ର ଯେଉଁଠି ଡିଜିଟାଲ ବିତ୍ତୀୟ ବ୍ୟବସ୍ଥା ବେକାବୁ ହୋଇ ମହାବିପଦ ସୃଷ୍ଟିର ଆଶଙ୍କା ଉପୁଜିଛି ସେ କ୍ଷେତ୍ରରେ ଚାରି ଥର ସତର୍କ ପଦକ୍ଷେପ ନିଆଯିବାର କାରଣ ଜଣାପଡୁନାହିଁ। ଏହି ପଦକ୍ଷେପ ବିପଦର ଆଶଙ୍କାକୁ ଘନୀଭୂତ କରିବାରେ ଏକପ୍ରକାର ପରୋକ୍ଷ ସହାୟତା ଯେ କରିବ ତାହା କହିଲେ ଅତ୍ୟୁକ୍ତି ହେବ ନାହିଁ। ୨୦୧୦ରେ ଫୋନ୍ ରିଚାର୍ଜ ପାଇଁ ପେଟିଏମ୍ ୱାଲେଟ୍ ବ୍ୟବସାୟ ଆରମ୍ଭ କରି ୨୦୧୪ ଜୁଲାଇ ମାସରେ ଅନ୍‌ଲାଇନ୍ କାରିବାର ଆରମ୍ଭ କରିଥିଲା। ସେତେବେଳେ ଏହି କାରବାର ଏତେ ଲୋକପ୍ରିୟ ହୋଇଯାଇଥିଲା ଯେ, ବ୍ୟବସାୟରେ ୧୯ ପ୍ରତିଶତ ଅଭିବୃଦ୍ଧି ସହିତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ ୧୭ ପ୍ରତିଶତ ଅନଲାଇନ୍ ସେବା ଯୋଗାଇ ଦେଉଥିଲା। ଅନ୍ୟପକ୍ଷରେ ଏୟାରଟେଲ୍ ମାତ୍ର ୫ ପ୍ରତିଶତ ବ୍ୟବସାୟ କରି ତୃତୀୟ ସ୍ଥାନରେ ରହିଥିଲା। ୨୦୧୬ ନଭେମ୍ବର ୮ ତାରିଖରେ ଦେଶରେ ବିମୁଦ୍ରାକରଣ ଭଳି ଆର୍ଥିକ ପ୍ରତିବନ୍ଧ ଲାଗୁ ହେବା ବେଳେ ପେଟିଏମ୍ ୱାଲଟ୍ ସେହି ସୁଯୋଗରେ ଏଟିଏମ୍ ପାଇଁ ହନ୍ତସନ୍ତ ଦେଶବାସୀଙ୍କୁ କାରବାରର ସୁଯୋଗ ଦେଇ ଲୋକପ୍ରିୟ ସ୍ଲୋଗାନ୍, 'ପେଟିଏମ୍ କରୋ' କୁ ଘରେ ଘରେ ପହଞ୍ଚାଇ ଦେଇଥିଲା। ଏହି ସୁଯୋଗଭିତ୍ତିକ ସଫଳତା ଓ ଅହେତୁକ ସରକାରୀ ପ୍ରୋତ୍ସାହନ ପେଟିଏମ୍ ବ୍ୟାଙ୍କ୍ ସୃଷ୍ଟି କରିବାରେ ସହାୟକ ହେଲା। ବ୍ୟାଙ୍କ୍ ପ୍ରତିଷ୍ଠା ହେବାର ବର୍ଷକ ପରେ ଅନ୍ୟତମ ନିୟାମକ ସଂସ୍ଥା- ସେବି ଦୃଷ୍ଟିକୁ କେତେକ ଅନିୟମିତତା ଆସିଥିଲା। ମାତ୍ର ୨୦୧୮ ରେ ରିଜର୍ଭ ବ୍ୟାଙ୍କର ନୀତି ନିୟମକୁ ବେଖାତିର କରି ଗୋଟିଏ ଆଧାର ମାଧ୍ୟମରେ ହଜାର ଆକାଉଣ୍ଟ ଖୋଲିବା, ଗ୍ରାହକଙ୍କ ପରିଚୟ ପାଇଁ ପ୍ରଚଳିତ କେୱାଇସି ପ୍ରକ୍ରିୟାକୁ ବେଖାତିର କରିବା, ଭାରତୀୟ ଗ୍ରାହକ ଓ ସେମାନଙ୍କ ଆର୍ଥିକ କାରବାର ସମ୍ପର୍କିତ ଡିଜିଟାଲ ସୂଚନା ଚୀନ୍‌ର ଏକ ପୁଞ୍ଜି ନିବେଶକାରୀ କମ୍ପାନୀକୁ ଯୋଗାଇଦେବା ଆଦି ବହୁ ଜାତୀୟ ସ୍ୱାର୍ଥବିରୋଧୀ କାର୍ଯ୍ୟକଳାପ ଅଡିଟ ବେଳେ ନିୟାମକ ସଂସ୍ଥାର ଦୃଷ୍ଟିଗୋଚର ହୋଇଥିଲା। ଏ ସବୁ ଜାତୀୟ ସ୍ୱାର୍ଥ ବିରୋଧୀ କାର୍ଯ୍ୟରୁ ତୁରନ୍ତ ନିବୃତ ରହିବା ପାଇଁ ରିଜର୍ଭ ବ୍ୟାଙ୍କ୍ ପେଟିଏମ୍‌କୁ ସତର୍କ ସୂଚନା ଦେବା ସହିତ ୧ କୋଟି ଟଙ୍କା ଜୋରିମାନା ଲଗାଇଥିଲା। ମିଥ୍ୟା ରିପୋର୍ଟ ପ୍ରସ୍ତୁତି ଭଳି ସଂଗୀନ୍ କାର୍ଯ୍ୟରୁ ନିବୃତ ନ ରହିବାରୁ କେନ୍ଦ୍ରୀୟ ବ୍ୟାଙ୍କ୍ ୨୦୨୨ ମାର୍ଚ୍ଚରେ ପେଟିଏମ୍‌କୁ ସତର୍କ କରାଇ ଦେବା ସହ ୨୦୨୩ ମାର୍ଚ୍ଚରେ ପୁନର୍ବାର ୫ କୋଟି ୩୯ ଲକ୍ଷ ଟଙ୍କାର ଜରିମାନା ଲଗାଇଲା। ସେତେବେଳେ ୩୫ କୋଟି ଗ୍ରାହକ ସୃଷ୍ଟି କରିଥିବା ପେଟିଏମ୍ ବ୍ୟାଙ୍କରେ ପ୍ରାୟ ୩୧ କୋଟି ଆକାଉଣ୍ଟ୍ ଅଚଳ ଅବସ୍ଥାରେ ପହଞ୍ଚିଥିଲା। ସର୍ବୋଚ୍ଚ ନିୟାମକ ସଂସ୍ଥା ରିଜର୍ଭ ବ୍ୟାଙ୍କ୍ ୨୦୧୮ ରେ ପେଟିଏମ୍ ବ୍ୟାଙ୍କର ଅନିୟମିତତା ପାଇଁ କାର୍ଯ୍ୟାନୁଷ୍ଠାନ ନେଉଥିବା ବେଳେ ଅନ୍ୟତମ ନିୟାମକ ସଂସ୍ଥା ସେବି ତାହାକୁ ପ୍ରତିଭୂତି ବଜାରରେ ପ୍ରବେଶ ପାଇଁ ଅନୁମତି ଦେଇଦେଲା। ଏପରିକି ବ୍ୟାଙ୍କର ପ୍ରତି ସେୟାର ବହୁମୂଲ୍ୟରେ ବିକ୍ରି ହୋଇଥିଲେ ମଧ ସେବି ସେଥିପ୍ରତି ତିଳେ ହେଲେ ଧ୍ୟାନ ଦେଇ ନଥିଲା। ଅନ୍ୟପକ୍ଷରେ ଅନଲାଇନ୍ କାରବାରକୁ ନିୟନ୍ତ୍ରଣ କରିବା ପାଇଁ ଅନ୍ୟତମ ନିୟାମକ ସଂସ୍ଥା ଏନ୍‌ସିପିଆଇ ମଧ ପେଟିଏମ୍ ବ୍ୟାଙ୍କ ପ୍ରତି ଅତ୍ୟନ୍ତ କୋହଳ ହୋଇଯାଇଥିଲା।



# ମନୋଜ ଦାସ: ଏକ ମହନୀୟ ଦାମ୍ପତ୍ୟ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**



ମନୋଜ ଦାସଙ୍କ ପବିତ୍ର ଜନ୍ମତିଥିରେ ଏହି ବିଷୟ ବାରମ୍ବାର ହୃଦୟକୁ ଉଦ୍‌ବେଳିତ କରୁଥିବାର କାରଣ ନିର୍ଦ୍ଧାରଣ ସହଜ ହୋଇନପାରେ। ମନୋଜଙ୍କ ସାହିତ୍ୟକୃତି ସମ୍ପର୍କରେ ଅନେକ ଆଲୋଚନା ଓ ଗବେଷଣା ହୋଇସାରିଛି ଓ ଆହୁରି ମଧ୍ୟ ବିଭିନ୍ନ ଦୃଷ୍ଟିକୋଣରୁ ତାଙ୍କ ବିଶାଳ ସାହିତ୍ୟ ଜଗତର ଅନୁଶୀଳନ କରାଯାଉଥିବ ଯୁଗଯୁଗ ବ୍ୟାପୀ। ମାତ୍ର ଏହି ଏକାଗ୍ର ସାହିତ୍ୟ ସାଧନାର ଯାହା ହେଉଛି ଭିତ୍ତି ତା' ମଧ୍ୟରୁ ଏକ ଶ୍ରେଷ୍ଠ ଦିଗ ହେଉଛି ତାଙ୍କ ଦାମ୍ପତ୍ୟ ଜୀବନର ମହାନୁଭୂତି। ଜାତିର ଜନକ ମହାତ୍ମାଗାନ୍ଧି ଓ କସ୍ତୁରବା ଯେପରି ନେଇଥିଲେ ଦିନେ ଏକ ଦୃଢ଼ ସଙ୍କଳ୍ପ, ସେପରି ଆଧ୍ୟାତ୍ମିକ ସଂପର୍କର ଦୃଷ୍ଟାନ୍ତ ହେଉଛନ୍ତି ମନୋଜ ଦାସ ଓ ତାଙ୍କ ସହଧର୍ମିଣୀ ପ୍ରତିଜ୍ଞା ଦେବୀ। ଉଭୟଙ୍କ ବୈବାହିକ ବନ୍ଧନ ସାମାଜିକ ଦୃଷ୍ଟି ହୋଇଛି। ଭିନ୍ନ ଭିନ୍ନ ବୋଲି ଅନେକ ମନେ କରିପାରନ୍ତି। ସେଥିପାଇଁ ଡ. ହରେକୃଷ୍ଣ ମହତାବଙ୍କ ପରି ସୁବିଖ୍ୟାତ ବ୍ୟକ୍ତିତ୍ୱ ମଧ୍ୟ ସହାନୁଭୂତି- ସମ୍ପନ୍ନସ୍ୱର ଲିପିବଦ୍ଧ କରି କହିଛନ୍ତି ଯେ 'ମନୋଜ ଓ ପ୍ରତିଜ୍ଞା ସାଂସାରିକ ସୁଖଭୋଗରୁ ହୋଇଯାଇଛନ୍ତି ବଞ୍ଚିତ।' ଯାହାକୁ ସାଧାରଣତଃ ଦାମ୍ପତ୍ୟ ସୁଖ ବୋଲି ମନେ କରାଯାଏ। ସେଥିରୁ ସାମାନ୍ୟ କେହି ବିଚ୍ୟୁତ୍ ହୋଇଗଲେ ମଧ୍ୟ ସଂସାର ସେମାନଙ୍କ ପ୍ରତି ଅତ୍ୟନ୍ତ ସହାନୁଭୂତିଶୀଳ ହୋଇଯାଏ। ଦିନେ ଦକ୍ଷିଣେଶ୍ୱର କାଳୀମନ୍ଦିରର ମହାନ୍ ପୂଜକ ରାମକୃଷ୍ଣ ପରମହଂସ ଯେତେବେଳେ ଶାରଦା ଦେବୀଙ୍କ ସହିତ ବୈବାହିକ ବନ୍ଧନରେ ହୋଇଯାଆନ୍ତି ଆବଦ୍ଧ, ସେତେବେଳେ ରାମକୃଷ୍ଣ ଦେଖନ୍ତି ସାରଦାଙ୍କ ମଧ୍ୟରେ ଯିଏ ମୂର୍ତ୍ତିମତୀ ସେହେଲେ ଦିବ୍ୟ ଜନନୀ ମା'କାଳୀ। ଏପରି ବି ମନସ୍ତତ୍ତ୍ୱବିଦ୍ ସମାଲୋଚକ ଅଛନ୍ତି ଯେଉଁମାନେ ରାମକୃଷ୍ଣଙ୍କ ପୌରୁଷପ୍ରତି କରିଛନ୍ତି ଉପହାସ କିମ୍ବା ଏହା ସାରଦାଙ୍କ ପ୍ରତି ଥିଲା ତାଙ୍କର ନିଷ୍ଠୁରତା ବୋଲି ପ୍ରତିପାଦନ କରିବାପାଇଁ ସଙ୍କୁଚିତ ହୋଇନାହାଁନ୍ତି।

ସାମ୍ପ୍ରତିକ ସମାଜରେ ଘଟୁଥିବା ସହସ୍ର ସହସ୍ର ପ୍ରେମ ବିବାହ କିପରି ଦାରୁଣ ବିଚ୍ଛେଦରେ ପରିଣତ ହେଉଛି ତାହା ଲକ୍ଷ୍ୟ କରୁଛୁ ଆମେ ସମସ୍ତେ ଆଉ ପ୍ରାମାଣିକ ସର୍ବେକ୍ଷଣ ଦ୍ୱାରା ମଧ୍ୟ ଏହାହିଁ ଯେ ହୋଇପାରେ ଦୁର୍ଭାଗ୍ୟଜନକ ପରିଣତି ତାହା ମଧ୍ୟ ଦର୍ଶାଇ ଦିଆଯାଇଛି। ବିଶିଷ୍ଟ ସାହିତ୍ୟସାଧକ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥ 'ପାଠକକ୍ର ଡାଏରୀ' ରଚନା ସମୟରେ ପ୍ରକାଶ କରିଛନ୍ତି ଯେ ଦାମ୍ପତ୍ୟ କଳହ ହେଉଛି ପ୍ରକୃତି ଆଧୁନିକତା ଓ ଆଧ୍ୟାତ୍ମିକତାର କିପରି ପରିପନ୍ଥୀ। ଅଥଚ ଏ ସଂସାରରେ ବିନା କଳହରେ କେଉଁଠି ଦାମ୍ପତ୍ୟ ଜୀବନ ଅତିବାହିତ ହେଉଛି ବୋଲି ବିଶ୍ୱାସ କରିବା ଏକାନ୍ତ କଷ୍ଟସାଧ୍ୟ।

ମନୋଜ ଦାସ ଓ ପ୍ରତିଜ୍ଞା ଦେବୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା ଆନନ୍ଦମୟ ପରିବେଶରେ। କୁଜଙ୍ଗର ବିଶିଷ୍ଟ ଜମିଦାର ତଥା ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତ ଓ ଶ୍ରୀମତୀ ରତ୍ନମାଳା ଜେମାଙ୍କ ସୁକନ୍ୟା ହେଉଛନ୍ତି ପ୍ରତିଜ୍ଞା ଦେବୀ। ଉଭୟଙ୍କ ବିବାହ ଅନୁଷ୍ଠିତ ହେବାପରେ ଏକ ଦିବ୍ୟ ଶିଶୁର ଆଗମନ ଘଟିଥିଲା ମାତ୍ର ଅଣତିରିଶ ଦିନ ସକାଶେ। ମନୋଜ ଓ ପ୍ରତିଜ୍ଞା ଦେବୀଙ୍କ ବାହ୍ୟ ଜୀବନ ଯାତ୍ରାର ଅନ୍ତରାଳରେ ଘଟୁଥିଲା କଣ ତାହା ଜାଣିବାର ଅବକାଶ ନଥିଲା। ସେହି ସମୟ ପୂର୍ବରୁ ହିଁ ଉଭୟେ ଏପରି ଏକ ସୂକ୍ଷ୍ମ ଜଗତ ମଧ୍ୟକୁ କରିସାରିଥାନ୍ତି ପ୍ରବେଶ ଯେଉଁଠି ଉଦ୍‌ଭାସିତ ଶ୍ରୀ ଅରବିନ୍ଦ ଓ ଶ୍ରୀମା। ୧୯୬୩ ମସିହା ଫେବୃୟାରୀ ୨୧ ତାରିଖ ଦିନ ମନୋଜ ଓ ପ୍ରତିଜ୍ଞା ଯାତ୍ରା କରନ୍ତି ପଣ୍ଡିଚେରୀସ୍ଥିତ ଶ୍ରୀ ଅରବିନ୍ଦ ଆଶ୍ରମକୁ। ସେଠାରେ ଶ୍ରୀମାଙ୍କ ଦର୍ଶନ ଲାଭ ଦ୍ୱାରା ମନୋଜଙ୍କ ଚେତନା ରାଜ୍ୟରେ ସୃଷ୍ଟି ହୁଏ ଯେଉଁ ଅନ୍ତର୍ଯାତ୍ରାର ଅଭୀପ୍ସା ତାହାରି ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ପ୍ରତିଜ୍ଞା ଦେବୀଙ୍କ ଆଗରେ କହିଦିଅନ୍ତି ଆତ୍ମଉନ୍ମୋଚନକାରୀ ଶବ୍ଦ କେତୋଟି। କହନ୍ତି- ଏହା ହିଁ ଭବିଷ୍ୟତ ପାଇଁ ଆମର ପ୍ରକୃଷ୍ଟ ସ୍ଥାନ। ପ୍ରତିଜ୍ଞାଦେବୀ ମନୋଜଙ୍କ ନିଷ୍ପତ୍ତିର ସମର୍ଥନ କରି କହି ଉଠନ୍ତି ଆହୁରି କେତେ ପାଦ ଆଗକୁ ଯାଇ ଯେ- 'ଭବିଷ୍ୟତ ପାଇଁ କାହିଁକି ? ବର୍ତ୍ତମାନଠାରୁ ? ବିସ୍ମିତ ମନୋଜ ପ୍ରତି ପ୍ରଶ୍ନ କରନ୍ତି ଯେ କାର୍ଯ୍ୟକାରୀ ଲାଭ ଏହି ନିଷ୍ପତ୍ତି।

'ଏଥିପାଇଁ କ'ଣ ତୁମେ ପ୍ରସ୍ତୁତ ଅଛ ?' ପ୍ରତିଜ୍ଞା ଦେବୀଙ୍କ ଦୁଇ ଆଖିରେ ଓ ସମଗ୍ର ମୁଖମଣ୍ଡଳରେ ମନୋଜ ଲକ୍ଷ୍ୟ କରନ୍ତି ଯେଉଁ ଅସାମାନ୍ୟ ଦ୍ୟୁତି ସେଥିରେ ପ୍ରକାଶ କରନ୍ତି ସ୍ୱଆତ୍ମାର ସାନନ୍ଦ ସ୍ୱୀକୃତି। ମନୋଜଙ୍କ ଜୀବନୀ ପାଠକ ବା ଲେଖକ- ଯିଏ ବି ହୁଅନ୍ତୁ ନାଁ କାହିଁକି, ସେମାନେ ଶ୍ରୀମାଙ୍କ ଦିବ୍ୟରୂପ ଦର୍ଶନରେ ମନୋଜ କିପରି ହୋଇଯାଇଛନ୍ତି ଅତିନ୍ଦ୍ରୀୟ ସୌନ୍ଦର୍ଯ୍ୟର ଦର୍ଶକ, ତାହା ତାଙ୍କ ସାକ୍ଷାତକାର ଭିତ୍ତିରେ ପ୍ରତିପାଦନ କରିଦେଇଛନ୍ତି। ମନୋଜ ଯାହା କହିପାରିନାହାଁନ୍ତି ତାହା ହେଲା ସେଇଦିନ ମନୋଜ କେବଳ ଗୋଟିଏ ଦିବ୍ୟ ଜନନୀଙ୍କ ରୂପ ଦେଖିନଥିଲେ। ଦେଖିଲେ ତାଙ୍କର ଦୁଇଟି ରୂପ। ଗୋଟିଏ ହେଲେ ଶ୍ରୀମା ଏବଂ ଆଉ ଜଣେ ସ୍ୱୟଂ ପ୍ରତିଜ୍ଞା। ଉଭୟେ ଶ୍ରୀ ଅରବିନ୍ଦ ଆଶ୍ରମରେ ରହି ନିୟମାନୁସାରେ ଯେଉଁ ତ୍ୟାଗପୂତ ଜୀବନ ଅତିବାହିତ କଲେ ତାହାର ଅନ୍ତରାଳର ବହୁ ସୂକ୍ଷ୍ମ ଅନୁଭବ ଅପ୍ରକଟିତ ହୋଇ ରହିଯାଇଛି। ମନୋଜ ଆଶ୍ରମରେ ଇଂରାଜୀ ସାହିତ୍ୟର ଅଧ୍ୟାପନାରେ ନିଜକୁ ନିୟୋଜିତ କରିଥିବାବେଳେ ପ୍ରତିଜ୍ଞାଦେବୀ ମନସ୍ତତ୍ତ୍ୱର ଛାତ୍ରୀ ଥିଲେ ବୋଲି ସେହି ବିଭାଗରେ ଓ ଓଡ଼ିଆ ଶିକ୍ଷାଦାନର ନିଜନିଜକୁ କରିଛନ୍ତି ସମର୍ପିତ।

ମନୋଜ ଦାସଙ୍କୁ ଯେତେବେଳେ ସାହିତ୍ୟ ସାଧନାରେ ପ୍ରତିଜ୍ଞାନ ସହଯୋଗ ସମ୍ପର୍କରେ ଜାଣିବା ନିମିତ୍ତ ଜିଜ୍ଞାସା କରାଯାଇଛି, ସେତେବେଳେ ଅତି ସଂକ୍ଷିପ୍ତରେ ସେ କହିଛନ୍ତି ଯେ, "ତାହା ଏକ ଆଧ୍ୟାତ୍ମିକ ସହଯୋଗ। ପ୍ରତିଜ୍ଞା ଦେବୀଙ୍କ ବିଷୟରେ ମନୋଜ କେଉଁଠି ହେଲେ ବର୍ଣ୍ଣନାତ୍ମକ ଅନୁଭବ ବ୍ୟକ୍ତ କରିନାହାଁନ୍ତି। ଯେତେବେଳେ ପ୍ରତିଜ୍ଞାଦେବୀଙ୍କ ଦେହାବସାନ ଘଟିଲା ୨୦୧୮ ମସିହାରେ ସେତେବେଳେ ପ୍ରତିଜ୍ଞା ଦେବୀଙ୍କ ସଂପର୍କରେ କିଛି ଲେଖିବାକୁ ଚାହୁଁଥିବା ଏ ସାମାନ୍ୟ ଲେଖକଟିକୁ ପରୋକ୍ଷଭାବରେ ସେ ଯୋଗାଇ ଦେଇଛନ୍ତି ଯେତିକି ତଥ୍ୟ ତାହା ଯାହାକୁ ବି କରିଦେଇପାରିବ ଆଚମ୍ବିତ। ପ୍ରତିଜ୍ଞାଦେବୀ ନିଜସ୍ୱ ରଚନା ବ୍ୟତୀତ ଅନୁବାଦ କାର୍ଯ୍ୟରେ ମନୋଜଙ୍କୁ କରିଛନ୍ତି ଯେଉଁ ସହାୟତା ତାହା ବର୍ଣ୍ଣନା କଲେ ହୋଇଯିବ ଏକ ସ୍ୱତନ୍ତ୍ର ପୁସ୍ତକ। ଆଧ୍ୟାତ୍ମିକ ଜଗତରେ କେହି କାହାର ସାଥିଇ ହୋଇପାରନ୍ତି ନାହିଁ। ସାଧନାର ପଥ ପ୍ରତ୍ୟେକଙ୍କ ପାଇଁ ଭିନ୍ନ ଭିନ୍ନ। ସେହି ପଥ ସ୍ୱର୍ଣ୍ଣ ଆବିଷ୍କାର କରିବାର ଦାୟିତ୍ୱ ଅର୍ପିତ ହୋଇଯାଏ ସ୍ୱତଃ ସାଧକ ସାଧିକାଙ୍କ ଉପରେ ସଂପୂର୍ଣ୍ଣ। କିଏ କିପରି କରୁଛନ୍ତି ସାଧନା, ପ୍ରାର୍ଥନା, ଧ୍ୟାନ ତାହା ତାଙ୍କି ଉପରେ ସଂପୂର୍ଣ୍ଣ। କିଏ କିପରି କରୁଛନ୍ତି ସାଧନା, ପ୍ରାର୍ଥନା, ଧ୍ୟାନ ତାହା ତାଙ୍କରି ଉପରେ ହିଁ ନିର୍ଭରଶୀଳ। ସେ ବିଷୟରେ ସଂପ୍ରତି ବିସ୍ତୃତ ବର୍ଣ୍ଣନା କରିବା ଆମର ଲକ୍ଷ୍ୟ ନୁହେଁ। ଏହି ଯେଉଁ ଆଧ୍ୟାତ୍ମିକ ଜୀବନ ଯାପନର ସମୟ ମଧ୍ୟରେ ମନୋଜ ଓ ପ୍ରତିଜ୍ଞା ପୂର୍ବାପେକ୍ଷା ପରସ୍ପରଠାରୁ ଦୂରବର୍ତ୍ତୀ ହୋଇଯାଇଛନ୍ତି ବୋଲି ପ୍ରତୀତ ହୁଏ ତାହା ନୁହେଁ। ପରସ୍ପରର ଅଧିକ ନିକଟବର୍ତ୍ତୀ ବୋଲି ଉପଲବ୍ଧି ଉଭୟେ କରିଛନ୍ତି- ତାହାହିଁ ହେଲା ଗୁରୁତ୍ୱପୂର୍ଣ୍ଣ। ଉଭୟେ କୌଣସି ସାକ୍ଷାତକାରରେ କିମ୍ବା ବ୍ୟକ୍ତିଗତ ସ୍ତରରେ କାହାକୁ କିଛି ନକହିଲେ ମଧ୍ୟ ଏହାହିଁ ସ୍ୱତଃପ୍ରୋଜ୍ଜଳ ହୋଇ ଦେଖାଯାଉଛି ଯେ, ପାରସ୍ପରିକ ସମ୍ବନ୍ଧ ଏହି ନିଷ୍କାମ ଜୀବନଯାପନ କାଳରେ କେତେ ନିମୂଢ଼ ଓ ନିବିଡ଼ ସ୍ତରକୁ ଭେଦ କରିଯାଇଛି। ଯାହା ଶବ୍ଦରେ କୁହାଯାଇପାରେନା ବୋଲି ସେମାନେ ରହିଛନ୍ତି ସମ୍ପୂର୍ଣ୍ଣ ନିରବତା ଅବଲମ୍ବନନ କରି। ଏହି ପ୍ରଶାନ୍ତ ନିରବତାରେ ହିଁ ସମାହିତ ହୋଇରହିଛି ସବୁ ଶବ୍ଦରାଶି। ତାହାକୁ ଯଥାଯଥ ଅନୁଭବ କରିବା ଯଦିଓ ସଂପୂର୍ଣ୍ଣ ସମ୍ଭବ ହୋଇନପାରେ, ତଥାପି ଗହନ, ଗଭୀର, ସ୍ଥିର ନିରବତା ହିଁ ହେଉଛି ସର୍ବୋତ୍କୃଷ୍ଟ ଉତ୍ତର- ଏଥିରେ ଆମେ ନିଃସନ୍ଦିଗ୍ଧ ହୋଇ ରହିବା ହେଲା ଉଭୟଙ୍କ ପ୍ରତି ଆମର ଶ୍ରେଷ୍ଠ ସମ୍ମାନ।

ଯେଉଁ ସମ୍ପର୍କ ସାଂସାରିକ ସେଥିରେ ଥାଏ ଅମାପ ଦୁଃଖ। ଅପରପକ୍ଷରେ ଯେଉଁ ସମ୍ପର୍କ ସମସ୍ତ ବ୍ୟକ୍ତିଗତ ଇନ୍ଦ୍ରୀୟଜନିତ ସୁଖାଭିଳାଷରୁ ଉର୍ଦ୍ଧ୍ୱକୁ ଉତ୍ତୋଳିତ ତାହାହିଁ ହେଉଛି ଚିରନ୍ତନ ବନ୍ଧନର ପ୍ରତୀକ। ମନୋଜ ଆମପାଇଁ ଯେପରି ଏକାନ୍ତ ସ୍ମରଣୀୟ, ପ୍ରତିଜ୍ଞା ଦେବୀ ସେହିପରି ହେଉଛନ୍ତି ଆମ ଭକ୍ତି ନିବେଦନ ନିମନ୍ତେ ଏକ ଦୈବୀଶକ୍ତି। ତେଣୁ ଏ ଅବସରରେ ଆଜି ପ୍ରଥମଥର ପାଇଁ ଗୋଟିଏ ଦିବସରେ ଓଡ଼ିଶାବାସୀ ଉଭୟଙ୍କୁ ଜଣାଇଛନ୍ତି ଆପଣାର କୃତଜ୍ଞତା ପୂର୍ଣ୍ଣ ପ୍ରଣତି।


+ଭିଜିଟିଂ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ: ୯୯୩୭୩୬୫୬୯୮


# ନିରାପଦ ଓ ବୈଧ ଗର୍ଭପାତ



**ଡାକ୍ତର ଶୁଭଶ୍ରୀ ମିଶ୍ର**

ଯେଉଁ ଏକଲା ରହୁଥିବା ଓ ଅବିବାହିତା ମହିଳାମାନଙ୍କର ଗର୍ଭ ଧାରଣ ୨୦ରୁ ୨୪ ସପ୍ତାହ ମଧ୍ୟରେ ରହିଛି, ସେମାନେ ସପ୍ତାହକ ଭିତରେ ନିରାପଦ ଓ ଆଇନଗତ ଗର୍ଭପାତ କରିପାରିବେ ବୋଲି ଅନୁମତି ଦେଇ ସୁପ୍ରିମକୋର୍ଟ ମହିଳାଙ୍କର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ଶୁଣାଇଛନ୍ତି। ଜଷ୍ଟିସ ଡି.ୱାଇ.ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଓ ତାଙ୍କର ଏକ ବେଞ୍ଚ ୧୯୭୧ରୁ ପ୍ରଣୀତ ଗର୍ଭନଷ୍ଟ ଆଇନାରେ ଗର୍ଭପାତ ଚାହୁଁଥିବା ବିବାହିତା ମହିଳା ଓ ଅନ୍ୟ ମାନଙ୍କ ମଧ୍ୟରେ ରହିଥିବା ଅସତ୍ୟ ପାର୍ଥକ୍ୟକୁ ହଟାଇ ଦେଇଛନ୍ତି। ୫୧ ବର୍ଷର ଉପରୋକ୍ତ ଆଇନରେ ଅବିବାହିତା ମହିଳାମାନେ ଆଇନଗତ ପଦ୍ଧତିରେ ୨୪ ସପ୍ତାହର ଗର୍ଭଧାରଣକୁ ବି ଗର୍ଭପାତ ଜରିଆରେ ଭାଙ୍ଗିବା ପାଇଁ ଅନୁମତି ନଥିଲା। ତଦ୍ୱାରା ଉକ୍ତ ଆଇନ ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଲାଗି ଏକ ଅବାସ୍ତବ ତଥା ନିଷ୍ପା ଦୋହରା ବ୍ୟବସ୍ଥା ବିବାହିତା ମହିଳା ଓ ଅନ୍ୟ ମାନଙ୍କ ମଧ୍ୟରେ ସୃଷ୍ଟି କରିଥିଲା। ଦୁର୍ଭାଗ୍ୟର ବିଷୟ ଯେ, ଆମର ସାମାଜିକ ବ୍ୟବସ୍ଥାରେ ରହି ଆସିଥିବା ପୁରୁଣାକାଳିଆ ଚିନ୍ତାଧାରା ଯେ କେବଳ ବିବାହ ପରେ ହିଁ ଗର୍ଭଧାରଣ ସମ୍ଭବ ତାକୁ ଏହାଦ୍ୱାରା ଆଇନଗତ ମୋହର ଦିଆଯାଇଥିଲା। ସମୟ ବଦଳିବା ସାଙ୍ଗକୁ ମହିଳାଙ୍କର ବ୍ୟକ୍ତିଗତ ସ୍ୱାଧୀନତା ଚଳି ଆସିଥିବା ଦୃଷ୍ଟିଭଙ୍ଗୀକୁ ବଦଳାଇ ସାରିଲାଣି। ସେ ଯାହା ହେଉ ପରିଶେଷରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗ ବାସ୍ତବବାଦୀ ଅଭାମୁଖ୍ୟ ନେଇଛନ୍ତି।

୧୯୭୧ରେ ଉପରୋକ୍ତ ଆଇନ ଏକଲା ବା ଅବିବାହିତା ଗର୍ଭବତୀ ମହିଳାଙ୍କର ବାଧତାମୂଳକ ଗର୍ଭପାତ ବିରୋଧରେ ଯାଉଥିଲା। ଏଣୁ ସେମାନେ ବେଆଇନ ଭାବରେ ଲୁଚାଇ ଗର୍ଭପାତ କରୁଥିଲେ ଯାହା ନିରାପଦ ନଥିଲା। ତଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଥିଲା। ବେଆଇନ ଗର୍ଭପାତକୁ ନେଇ ଅନେକ ଡାକ୍ତର, ଘରୋଇ କ୍ଲିନିକ ଓ ସ୍ୱାସ୍ଥ୍ୟକର୍ମୀ ଅଧିକ ଅର୍ଥ ରୋଜଗାର କରୁଥିଲେ। କାରଣ ଅବିବାହିତା ଯୁବତୀ ବା ଏକଲା ରହୁଥିବା ମହିଳା ଗର୍ଭପାତ କରାଇଲେ ବଦନାମର ଆଶଙ୍କା ବଢ଼ିଥାଏ। ଭାରତୀୟ ସମାଜରେ ଏହା ଏକ ବଡ଼ ସମସ୍ୟା। ମହିଳାଙ୍କର ପ୍ରଜନନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅପ୍ରିୟ ସତ କଥା ହେଲା ଏକଲା ଓ ଅବିବାହିତା ମହିଳା ଅନେକ ସମୟରେ କମ ବୟସରେ ଗର୍ଭଧାରଣ କରିଥାନ୍ତି। ଯାହା ପୁରୁଷବନ୍ଧୁଙ୍କ ସହ ସମ୍ପର୍କ ଯୋଗୁଁ ଇଚ୍ଛା ବିରୋଧରେ ମଧ ହୋଇଥାଏ। ସେମାନଙ୍କ ପାଇଁ ଆଇନଗତ ନିରାପଦ ଗର୍ଭପାତ ବ୍ୟବସ୍ଥା ଆବଶ୍ୟକ। ନଚେତ ପରବର୍ତ୍ତୀ କାଳରେ ଏହି ମହିଳାମାନେ କେବଳ ଯେ ସ୍ୱାସ୍ଥ୍ୟ ସମସ୍ୟା ଭୋଗିବେ ତାହା ନୁହେଁ ଅନ୍ୟାନ୍ୟ ଅପ୍ରୀତିକର ପରିସ୍ଥିତି ମଧ ସୃଷ୍ଟି ହୋଇପାରେ। ଏବେ ସେମାନେ ବୈଧ ଗର୍ଭପାତର ସ୍ୱାଧୀନତା ସୁପ୍ରିମକୋର୍ଟଙ୍କ ଦ୍ୱାରା ପାଇଛନ୍ତି। କିନ୍ତୁ ତାର ଅର୍ଥ ନୁହେଁ ଯେ ତଳସ୍ତରରେ ପରିସ୍ଥିତି ସେମାନଙ୍କ ପାଇଁ ହଠାତ ଅନୁକୂଳ ହୋଇଯିବ। ପ୍ରଜନନ ସ୍ୱାସ୍ଥ୍ୟସେବା ଉଦ୍ୟୋଗ ବିଶେଷ ଭାବରେ ଗର୍ଭପାତ କ୍ଲିନିକ ଗୁଡ଼ିକରେ କାମ କରୁଥିବା ମେଡ଼ିକାଲ ଷ୍ଟାଫ ଯଥା ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସମ୍ପର୍କରେ ସଚେତନ ହେବା ଦରକାର। ଆଇନ ଅନୁସାରେ ବିବାହ ଓ ଗର୍ଭଧାରଣ ମଧ୍ୟରେ ଆଉ କୌଣସି ସମ୍ପର୍କ ନାହିଁ ବୋଲି ସେମାନେ ସମସ୍ତେ ବୁଝି ତଦନୁସାରେ ଗର୍ଭପାତ ଲାଗି ଆସୁଥିବା ମହିଳା ମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା ଆବଶ୍ୟକ। ଜଷ୍ଟିସ ଚନ୍ଦ୍ରଚୂଡ଼ ରାୟରେ ସମ୍ବିଧାନର ୨୧ ଓ ୧୪ ଧାରାକୁ ଉଲ୍ଲେଖ କରିଥିବାରୁ ପ୍ରଜନନ ସ୍ୱାଧୀନତାର ବିଚାରଧାରା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିରେ ପ୍ରକଟିତ ହୋଇଛି। ଏହାକୁ ଭାରତ ପରି ବିକାଶଶୀଳ ଦେଶରୁ ସମୃଦ୍ଧ ବିଶ୍ୱର ଶ୍ରେଷ୍ଠ ପ୍ରତିନିଧି ଆମେରିକା ଶିକ୍ଷଣୀୟ ସନ୍ଦେଶ ଭାବେ ନେବା କଥା। କାରଣ ଗତ ଜୁନ ମାସରେ ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟ ସେଠାକାର ମହିଳାଙ୍କର ଗର୍ଭପାତ ଅଧିକାର ଓ ସ୍ୱାଧୀନତାକୁ ନେଇଯାଇଛନ୍ତି। ଯଦିଓ ଆମେରିକାରେ ୧୯୭୩ରେ ସେଠାରେ ଯୁଗାନ୍ତକାରୀ ରୋ ବନାମ ୱେଡ଼ ରାୟରେ ଗର୍ଭପାତକୁ ଆଇନଗତ ସ୍ୱୀକୃତି ଦିଆଯାଇଥିଲା କିନ୍ତୁ ଏବେ ଉକ୍ତ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସେହି ପ୍ରଗତିଶୀଳ ରାୟକୁ ଅସିଦ୍ଧ କରିଦେଇଛନ୍ତି। ତଦ୍ୱାରା ଆମେରିକୀୟ ମହିଳାମାନେ ସେମାନଙ୍କ ଗର୍ଭଧାରଣକୁ ରଖିବେ ନା ଭାଙ୍ଗି ଦେବେ ସେହି ସ୍ୱାଧୀନତା ସେମାନେ ହରାଇଛନ୍ତି। ୧୯୭୦ ଦଶକରେ ବିଶ୍ୱବ୍ୟାପୀ ନାରୀ ଆନ୍ଦୋଳନ ସହ ଗଢ଼ି ଉଠିଥିଲା ଯେଉଁଥିରେ ମହିଳାମାନେ ନିଜ ଶରୀର ଉପରେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ଦାବି କରିଥିଲେ। ଭାରତୀୟ ନ୍ୟାୟପାଳିକା ଏହି ସ୍ୱାଧୀନତାକୁ ସମ୍ପ୍ରସାରିତ କରିଥିବାବେଳେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ସେ କ୍ଷେତ୍ରରେ ପଛକୁ ଚାଲିଯାଇଛି। ଭାରତରେ ପ୍ରକୃତରେ ୧୯୭୧ରୁ ଗର୍ଭପାତକୁ ଆଇନଗତ ସ୍ୱୀକୃତି ଦିଆଯାଇଛି। ତଦନୁସାରେ ସବୁ ମହିଳା ରେଜିଷ୍ଟ୍ରିଭୁକ୍ତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଗର୍ଭଧାରଣର ୨୦ ସପ୍ତାହ ମଧ୍ୟରେ ଗର୍ଭପାତ କରିପାରିବା କଥା। ଗତବର୍ଷ ଆଇନର ସଂଶୋଧନ କରାଯାଇ ଏହି ସମୟ ସୀମାକୁ ୨୪ ସପ୍ତାହ ବଢ଼ାଯାଇଥିଲା। କିନ୍ତୁ ଏହା କେବଳ ବିବାହିତା ମହିଳା ଛାଡ଼ପତ୍ର ପାଇଥିବା ନାରୀ, ବିଧବା, ନାବାଳିକା, ଅକର୍ମଣ୍ୟ ଓ ମାନସିକ ଅସୁସ୍ଥ ମହିଳା, ଯେଉଁମାନଙ୍କର ଭ୍ରୁଣରେ ଗୁରୁତର ଅନିୟମିତତା ରହିଛି ଏବଂ ଯେଉଁମାନେ ଯୌନ ଆକ୍ରମଣ ଓ ଦୁଷ୍କର୍ମରୁ ଗର୍ଭବତୀ ହୋଇଛନ୍ତି ଯେ, ଯେଉଁ ଅବିବାହିତା ମହିଳା ସ୍ୱେଚ୍ଛାରେ କାହା ସହ ସମ୍ପର୍କ ରଖିଥିଲେ ସେ ମଧ ପ୍ରଜନନ ସ୍ୱାଧୀନତାର ଅଧିକାର ପାଇବାକୁ ହକଦାର। ଦାମ୍ପତ୍ୟ ଦୁଷ୍କର୍ମକୁ ନେଇ ବିବାଦ ଉଠିଥିଲେ ମଧ ଏଯାଏ ତାକୁ ଦେଶରେ ଅପରାଧ ବୋଲି ଧରାଯାଇନାହିଁ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଏବେକାର ନ୍ୟାୟରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଗର୍ଭପାତ ଆଇନ ଅଧିନରେ ଦୁଷ୍କର୍ମର ସଂଜ୍ଞାରେ ଦାମ୍ପତ୍ୟ ଦର୍ଶନକୁ ବି ଅନ୍ତର୍ଭୁକ୍ତ କରାଯିବା ଉଚିତ। ଦୁଷ୍କର୍ମରୁ ବଞ୍ଚିଥିବା ମହିଳାଙ୍କ ପରି ଯେଉଁ ନାରୀମାନେ ନିଜ ଇଚ୍ଛା ବିରୋଧରେ ସ୍ୱାମୀଙ୍କ ଠାରୁ ଗର୍ଭଧାରଣ କରିଛନ୍ତି ସେମାନେ ମଧ ଯୌନ ପୀଡ଼ିତାଙ୍କ ଶ୍ରେଣୀରେ ସାମିଲ ହେବାକଥା ବୋଲି କୋର୍ଟ କହିଛନ୍ତି। ସମଗ୍ର ରାୟଟି ସ୍ୱାଗତଯୋଗ୍ୟ।


+ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,
ମୋ: ୯୮୬୧୪୬୩୪୦୬





## ଆସ ସହରିଆ ଆସ

**ନିରଞ୍ଜନ ସାହୁ**

ଗାଆଁ କଥା ମୋତେ ପଚାରନା ଭାଇ
ସହରରେ ଯିଏ ଅଛ
କହିପାରିବ କି ସହରଟା ଆଗ
ଗାଆଁ କିମ୍ବା ହେଲା ପଛ ?

ଗାଆଁ କଥା ଯଦି ଏତେ ଭାବୁଅଛ
ଗାଆଁକୁ ଆଜିଠୁଁ ଚାଲ
ମାଟିମାଆ ଡାକ ଶୁଭୁଛି ନା ନାହିଁ
ପାଲଟି ଗଲ କି କାଲ
ସହର ସହିତ ସମସ୍ତ ସମ୍ପର୍କ
କରିଦିଅ ଆରେ ତୁଚ୍ଛ ।

ଗାଆଁର ପାହାଡ଼ ଧୂସର ଦିଶୁଛି
ଦୂଷିତ ପୋଖରୀ ଜଳ
ଗାଆଁରେ ପଶିକି ରାଜନୀତି କୂଟ
ଦେଖାଏ ଦଳର ବଳ
ଆସ ସହରୀଏ ଗାଆଁକୁ ସଜାଡ
ପାହାଡ଼େ ଲଗାଅ ଗଛ ।

ସହରୀଆ ବୁଢାବୁଢୀ ଯେତେ ଅଛ
ମନେପଡୁନି କି ଗାଆଁ
ଗାଆଁ କିନ୍ତୁ ସବୁ ମନେରଖିଅଛି
ଭୁଲିନାହିଁ ତୁମ ନାଆଁ
ରଜ, ଘୋଷ, ଦୋଳ,
ପଞ୍ଚକ, ଝୁଲଣ
ଭୁଲିଛି , ଏକଥା ମିଛ ।

ଆସ ସହରୀଆ ଗାଆଁକୁ ସଜାଡି
ନୂଆରୂପ ତାକୁ ଦେବା
ଭାରତର ଆତ୍ମା ଗାଆଁରେ ରହିଛି
ତାହାକୁ ପରଖି ନେବା
ଚାଷବାସ କରି , ନଈରେ ପହଁରି
ଖାଉଥିବା ଭାତମାଛ ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩


## ବସନ୍ତ ଛୁଆଁ

**ଧ୍ରୁବ ଚରଣ ବେହେରା**

ଆଦ୍ୟ ବସନ୍ତଟି ଛୁଇଁ ଦେଲା ଆସି
ପ୍ରୀତି ରଙ୍ଗ ଢାଳି ଦେଇ
ଫଗୁଣ ଫୁଆରେ ଚଗଲି ମନ ମୋ
ରହିଛି ତୁମକୁ ଚାହିଁ ।

ବଉଳ ମହକେ ପୁରପଲ୍ଲୀ ହସେ
ଯୌବନ ଜୁଆର ତୋଳି
ଚାହିଁ ତୁମ ପଥ ଏକାନ୍ତ ଚିତ୍ତରେ
ହୃଦୟ ମୋ ଖେଳେ ଦୋଳି ।

ରମ୍ୟ ସବୁଜିମା ଗାଉଛି କାହାଣୀ
ନବ ପଲ୍ଲବିତ ହୋଇ
ପଳାଶର ବାସେ ଲାଗିଛି ଗହଳି
ଅଳି ପ୍ରେମେ ଥାଇ ବାଇ ।

ଟିକି ଡେଣା ଝାଡି ଉଡେ ପ୍ରଜାପତି
ପ୍ରୀତିର ସଂଦେଶ ଦିଏ
ନବ ତରୁଣୀର ଗୋରା ତନୁ ପରେ
ଶୃଙ୍ଗାର ସୁଷମା ବହେ ।

କଳକଣ୍ଠ ନାଦେ ପୁରଇ ଅବନୀ
ପ୍ରୀତିର ନିନାଦ ସୁରେ
ବସନ୍ତର ରଙ୍ଗେ ଖେଳୁଥାଏ ମହୀ
ଆନନ୍ଦ ଭରା ଋତୁରେ ।

ପ୍ରେମର ଋତୁ ଏ ପ୍ରୀତିର ନୈବେଦ୍ୟ
ଲେଖଇ କେତେ କାହାଣୀ
ଶ୍ୟାମଳିନୀ ଧରା ଲାଗୁଥାଏ ସତେ
ବୈଦୁର୍ଯ୍ୟ ସୁଷମା ମଣି ।

କବି/କବୀ କଲମର ସରଳତା ଭାବ
ଲେଖିଦିଏ କେତେ ସ୍ମୃତି
ସତରେ ବସନ୍ତ ତୋ ପ୍ରୀତି ପସରା
ଅନନ୍ୟତା ଅନୁଭୁତି ।


+ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


## ବଞ୍ଚିବା ଆନର ପାଇଁ

**ଧ୍ରୁବ ଚରଣ ଘିବେଲା**

ମଣିଷ ଜୀବନ ନୁହଁଇ କେବଳ
ଖାଇପିଇ କରି ବଞ୍ଚିବା
ନିଜେ ବଞ୍ଚି କରି ଆନକୁ ବଞ୍ଚାଇ
ସୁନ୍ଦର ଜୀବନ ଜିଇଁବା ।

ଗତାନୁଗତିକ ଜିଇଁବା ଧାରାରେ
ନଥାଏ ବାସ ବାସନା
ନିଜେ ସୁଖେ ରହି ଆନେ ସୁଖ ଦେଇ
ଜିଇଁବା ସୁନ୍ଦର କାମନା ।

ଆନଠାରୁ ଶିଖି ଆନକୁ ପରଖି
ଆପଣେଇବା ମହତ
ଆନ ଦୁଃଖେ ଦୁଃଖୀ
ଆନ ସୁଖେ ସୁଖୀ
ହୋଇବାରେ ସୁଖ ସତତ ।

ନଈ ପିଏ ନାହିଁ ସୁଶୀତଳ ଜଳ
ଦାନରେ ତା' କେତେ ଖୁସି
ଗାଈ କ୍ଷୀର ଦିଏ ନିଜେ ସେ ନ ପିଏ
ଆନ ହିତେ ରହେ ଖୁସି ।

ପବନ ପାଲଟେ ଜୀବନ ଆମର
ତାଆରି ଯୋଗୁଁ ପରାଣ
ପବନ ବିହୁନେ ପ୍ରାଣ ଅକାରଣ
ପବନ ଅସଲ ଜୀବନ ।

ଗଛ ଦେଇଥାଏ ଫୁଲ ଫଳ ଛାଇ
ବାଟ ଅବାଟରେ ଥାଇ
ବରଷା ପବନ ଗଛ ଯୋଗୁଁ ଜାଣ
ଜଗତ କଲ୍ୟାଣେ ରହି ।

ଦୁର୍ଲ୍ଲଭ ଜନମ ମଣିଷ ଜୀବନ
ବଞ୍ଚିବା ଆନର ପାଇଁ
ଦାନ ଧର୍ମେ ରହି ପରୋପକାରରେ
ଜୀବନ ଦେବା ବିତାଇ ।


+ବଉଦରାଜ, ଜି. ବୌଦ୍ଧ
ପିନ -୭୬୨୦୧୪
ମୋ.୯୪୩୭୪୭୮୪୬୬

## ପଶାପାଲିର ଗୋଟି

### ରତ୍ନାକର ରାଉତ



ଭୟାନକ ଭୋଟ ଖେଳରେ ଭ୍ରାନ୍ତି ମୋହ୍ୟମାନ ଜନତା
ମୃଷ୍ଟିମେୟଙ୍କ ଜମିଦାରୀଙ୍କ ଆତଯାତ ସୂର୍ଯ୍ୟ ଚନ୍ଦ୍ର
ତାଙ୍କ ପାଖରେ ଠୁଳ ସବୁ ଶକ୍ତି, ସମ୍ବଳ ଓ ଜନବଳ
ତେଣୁ ତାଙ୍କୁ ହିଁ କେନ୍ଦ୍ରକରି ସୂର୍ଯ୍ୟୋଦୟ ପୁଣି ସୂର୍ଯ୍ୟାସ୍ତ ।

ଅନ୍ଧାର ଘୋଟି ଗଲେ ଛପିଯାଇଥିବା
ସେହି ପୁରୁଣା ସୂର୍ଯ୍ୟ ପୁଣି ମୁହଁ କାଢ଼େ
ନୂତନ ଆଶାର ଆଲୋକ ବୁଣି
ଊଷାର ସିନ୍ଦୁକ ଭିତରୁ
ଯେଉଁଠି ପୃଥିବୀ ଓ ଆକାଶ ମିଶିଯାଇଥାଏ
କେଉଁ ଏକ ସମତଳ ପଡ଼ିଆରେ ।

ପାସୋରି ଯାଆନ୍ତି ସଭିଏଁ
କାଲି ଏଠି ଘନଘୋର ଅନ୍ଧକାରରେ
ବିପନ୍ନ ହୋଇ ଯାଇଥିଲା ଜୀବନ ।
ସେ ସବୁଥିରୁ ପାଣି ଶୋଷେ
କିନ୍ତୁ ବର୍ଷାର ପ୍ରତିଶ୍ରୁତି ଦିଏନି
ତା' ବାଟରେ ଚାଲିଯାଏ ।

ବର୍ଷାକୁ ଅନେଇ ଅନେଇ
ଆକାଶକୁ ଦୋଷଦିଏ ଚାଷୀ
ଜନପଦର ଅଧିବାସୀ, ଅଧିଭୋକ୍ତା ।
ସେ ସୂର୍ଯ୍ୟକୁ ଦୋଷ ଦେଇ ପାରେନି
କାରଣର ତା ପାଖରେ ବିକଳ୍ପ ନଥାଏ
ସେହି ସମାଜ ସୂର୍ଯ୍ୟ
ନୂଆ, ପୁରୁଣା ପୁଣି ପୁରୁଣା ଓ ନୂଆରୂପରେ
ଯାଉଥାଏ ଅନ୍ତରାଳକୁ

ପୁଣି କେତେବେଳେ ଉହାଡ଼ରୁ ଉଠିଆସି ଉଭା ହେଉଥାଏ ।
ତେଜ ଓ ପରାକ୍ରମରୁ ବାରି ହୋଇ ପଡୁଥାଏ
କେତେ ଆତ୍ମ ବିଶ୍ୱାସ ଭରି ରହିଛି ସେମାନଙ୍କ ଭିତରେ ।
ଆଚରଣ ଓ ଉଚ୍ଚାରଣ ମଧ୍ୟରେ ଥାଏ
ଆକାଶ ଓ ପାତଳର ପ୍ରଭେଦ ।

ବହୁ ବଡ଼ବଡ଼ ସମ୍ଭାବନାର ସ୍ୱପ୍ନରେ
ବିଭୋର କରି ପାରୁଥିବା କଥା ବିକାଳିଙ୍କ ପ୍ରବଂଚନାର
ପରିସୀମାକୁ କଳି ପାରେନି ଜନତା
ମିଛ ବିଶ୍ୱାସକୁ ଆଦରିନିଏ
ଏବଂ ସେହି ସମାଜ ମୁଠାଏ ତାସ୍‌କୁ ଫେଣ୍ଟୁଥାଏ
ଓ ତା ଭିତରୁ ଭିନ୍ନଭିନ୍ନ ଚରିତ୍ରକୁ ପାଇ
ସାମୟିକ ଖୁସି ହେଉଥାଏ ।

ଦୁଷ୍ଟନୀତିର ପରିପୋଷକ ମାନଙ୍କର
ଦୁର୍ନିତୀ ବିରୋଧୀ ସ୍ଲୋଗାନ ଶୁଣି
ଆତ୍ମତୃପ୍ତିରେ ଉଲ୍ଲସି ଉଠନ୍ତି ଜନତା
ଏକ ସ୍ୱର୍ଗ ରାଜ୍ୟର ଛବି ପରିକଳ୍ପନା କରି ମନେମନେ ।

ମାତ୍ର ସ୍ୱପ୍ନ ଭଙ୍ଗ ହେବାକୁ ଖୁବ୍ ବେଶୀ ସମୟ ଲାଗେନି
ପୁଣି ସେହି ପୁରୁଣା ରୋଗ ଗ୍ରାସେ ନୂଆ ନୂଆ ଅଧିପତିମାନଙ୍କୁ
ଗାଦିରେ ଆସୀନ ହୋଇ ସାରିବା ପରେ
ତିମିରରେ ଥିବା ଜନତାଙ୍କ ପାଇଁ ଅନ୍ଧାରି କଷଣ
ଆହୁରି ଦୁର୍ବିସହ ହୋଇଯାଏ ।

ରୂପ ବଦଳିଯାଏ, ଚେହେରା ବଦଳିଯାଏ
ଲୋକ ବଦଳି ଯାଆନ୍ତି ସିଂହାସନରେ
କିନ୍ତୁ ଚରିତ୍ର ବଦଳେ ନାହିଁ
ପ୍ରତିବଦ୍ଧତା ନଥାଏ
କବଚ କୁଣ୍ଡଳ ପିନ୍ଧି ମୁକୁଟ ମଣ୍ଡିତ ହୋଇ ସାରିବା ପରେ
ନିଜ ବିଳାସୀ ବ୍ୟବସ୍ଥା ମଧ୍ୟରୁ ସମୟ ମିଳେନି
ବାହାରି ଆସି ସାମିଲ ହୋଇ ଯିବାକୁ
ଦାନମାଝି କିବା ନଗଡ଼ାର ଅପପୃଷ୍ଟି କବଳିତ
ଶିଶୁ ମାନଙ୍କ ଗହଣରେ କେତୋଟି ମୁହୂର୍ତ୍ତ
ତାଙ୍କ ସହିତ ସେହି ମାଟି ଉପରେଠିଆ ହେବାକୁ ।

ଏବେ ପରିଧିରେ ପହଣ୍ଡି କରି ବାହାରୁଥିବା
ଛଦ୍ମବେଶୀ ସେବକ ମାନଙ୍କର ପଟୁଆର ପ୍ରହସନ
ନିର୍ବାଚନୀ ମେଳା ପର୍ଯ୍ୟନ୍ତ ହିଁ କେବଳ ସୀମିତ ଥାଏ ।
ତା ପରେ ଉଆସ ଭିତରେ କେମିତି ବିତିଯାଏ
ପାଞ୍ଚବର୍ଷ ଜଣା ପଡ଼େନି
ଜନତାଙ୍କ ଦୁଃଖରେ ଅତ୍ୟନ୍ତ ଦୁଃଖୀ ହୋଇପଡୁଥିା
ବିମର୍ଷ ଚତୁର ଭୋଟ ଭିକାରିମାନଙ୍କୁ
ଜନତା ବି ପରୀକ୍ଷା ନିରୀକ୍ଷା କରିକରି ଥକି ପଡ଼ନ୍ତି
ଭାବି ପାରନ୍ତିନି ଆଗକୁ କଣ
ଏହାର ଅନ୍ତ କେଉଁଠି ?

କାହା ପାଖରେ କିଛି ଉତ୍ତର ନଥିଲା ବେଳେ
ପଶାପାଲିରେ ଗୋଟି ବଦଳେଇଲା ପରି
ଯେ ନହେଲେ ସିଏ
ସିଏ ନହେଲେ ଯେ
ଏପରି ବଦଳା ବଦଳି ହିଁ ଚାଲିଥାଏ ।

♥ ଭୁବନେଶ୍ୱର

## ନିୟତି

### ସୁଧୀର ମେହେର



କୁଆଡେ
ଭାଗ୍ୟରେ ନ ଥିଲେ କିଛି ବି ମିଳେନି ।

ବର୍ଷିବ ବର୍ଷିବ ହେଉଥିବା ମେଘଟା ବି
ଛୁ' ହେଇଯାଏ ଆଖିପିଛୁଳାକେ,
ଫୁଲ, ଫଳରେ ଭର୍ତ୍ତି ଗଛଟାବି
ଝାଉଁଳି ପଡେ ଅକାରଣେ ।

ସାତ ଜନ୍ମର ତପସ୍ୟା ବି ମାଟି ହୋଇଯାଏ,
ପୁଣି ଦୁବ କଅଁଳୁ ନ ଥିବା ମାଟି ବି
ଶସ୍ୟଶ୍ୟାମଳା ପାଲଟି ଯାଏ
କୁଆଡେ....
ଯାହା ଭୋଗିବାର ଥାଏ,
ଆଗତୁରା ଲେଖା ହୋଇଥାଏ କପାଳରେ ।

ବେଳେ ବେଳେ ଲାଗେ-ପାପୁଲିର
ରେଖାସବୁ ବି ମିଛ କହେ,
କପାଳର ରେଖା ବି ବଦଳି ଯାଏ.......
ଯେମିତି କେହି ଜଣେ ଆମକୁ

ଜଗି ବସିଥାଏ,
ଅହର୍ନିଶି ଆମ ଗତିବିଧିକୁ ନିରୀକ୍ଷଣ କରି
ତା' ଟିପାଖାତାରେ କ'ଣ ସବୁ ଟିପି
ନେଉଥାଏ
ଫୁରସତ୍ ଦେଖି ଭୁଲ୍ ଠିକ୍ ବିଚାର କରେ
କେହି ବି ତା'ଆଖିରୁ ବର୍ତ୍ତି ଯିବା ଏତେ
ସହଜ ନୁହେଁ ।

ଯେମିତି, ସବୁକିଛି ଘଟି ଚାଲିଥାଏ
ତା'ର ଅଦୃଶ୍ୟ ଇଙ୍ଗିତରେ,
ତା'ବିନା ଗଛର ପତ୍ରଟିଏ ବି
ହଲିବା ସମ୍ଭବ ନୁହେଁ ।

♥ ଚିଟୈଗୁଡା
କଳାହାଣ୍ଡି - ୭୬୬୦୧୪
ମୋ:୯୫୮୩୫୮୮୮୭

## ସବୁ ସରିଗଲା ପରେ

### ଶରତ କୁମାର ଦାସ



ତଳେ ପଡି ଚୂରମାର ହୋଇ ଯାଇଥିଲା
ସେ ଦିନ
ସନିଆ ମା'ର ମୁଣ୍ଡ ଉପର ଛାତଟା ।
ତାଆସର ଘର ପରି ଭାଙ୍ଗି
ଟୁକୁରା ଟୁକୁରା ହୋଇ ଯଉଥିଲା ତା
ପଂଜରା ହାଡ ।

ଭୋଗୁଥିଲା ସତେଯେପରି ସେ ଏକାଏକା
ସାରା ପୃଥିବୀର ଦାରୁଣତମ ଦୁର୍ଦ୍ଦଶା ।

ବୈଶାଖର ସବୁଯାକ ତାତି ନିଆଁହୁଳା ହୋଇ
ଏକାବେଳେ ଜଳିଉଠୁଥିଲା
ଫର୍ଚ୍ଚା ଜହ୍ନରାତି ଭଳି ତା ଆଖିହଳକରେ ।
ଝୁଣ୍ଟିପଡୁଥିଲା ଆକାଶ ତା ଅସରା ଲୁହରେ
ଶ୍ରାବଣର ସବୁତକ ବର୍ଷା
ବର୍ଷିଯାଉଥିଲା ଯେମିତି ତା ଶୁଖିଲା ଓଠରେ ।

କିଏ ସେ ସାଧିଲା ଦାଉ ?
ତା ବୟସ ନା ତା ଆୟୁଷ
ତା ସୌଭାଗ୍ୟ ନା ତା ସିନ୍ଥିର ସିନ୍ଦୂର ।

ଖସିଯାଇଛି ସବୁ ତା ହାତରୁ
ତା ମାଣ ଖଟୁଲି, ତା ଅମାରଯାକ ଧାନ
ତା ଗାଈ, ବଳଦ, ଛେଳି, ମେଣ୍ଢା, କୁକୁଡା

ତା ସ୍ୱପ୍ନ, ତା ଶଙ୍ଖା, ତା ସିନ୍ଦୁର
ଆଉ ତା ଛାତି ତଳର କଳିଜା ।

କୋଉଠି ଲୁଚିଥିଲା କେଜାଣି ଏ ଦୁର୍ଦ୍ଦିନ
ଛଡେଇନେଲା ହାତ ମୁଠାରୁ
ସାଇତି ରଖିଥିବା ତା ନିଃଶ୍ୱାସ ତା ବିଶ୍ୱାସ ।

ସରିଗଲା ସବୁ
ତା ସଂଚିତ ଅନ୍ଧାର ଆଉ ଆଲୁଅ
ତା ଅର୍ଜିତ ପାପ ଆଉ ପୁଣ୍ୟ

ସମର୍ପିଦେଇଛି ନିଜକୁ
ସେ ତା ଶେଷତମ ଇଚ୍ଛା ନିକଟରେ
ବାନ୍ଧି ରଖିପାରିଲାନି ତା ଦୁଇ ହାତର ଦମ୍ଭ
ସେ ଅଦୃଶ୍ୟ ଶକ୍ତିକୁ ।

ଆଖିରୁ ମୋ ଦୁଇବୁନ୍ଦା ଲୁହ ଝରି
ମାଟିରେ ଭେଦିଗଲା ।

ସନିଆ ମାଆର ଗୋଟେ
ନିଃସ୍ୱ ଓ ନିଃସଙ୍ଗ ପୃଥିବୀ

ଭିତରେ ମୁଁ ପରଖୁଥିଲି ମୋ ନିଜ ପୃଥିବୀର
ଆଦି ଆଉ ଅନ୍ତ, ମୋ ରକ୍ତର ଚେର
ଆଉ ମୂଳ ।

ସନିଆ ମା' ଲୋ, ଡରିବୁନି ଜମା,
ଭଲ ଗୁଣିଆ ଦେଖି କିଳିଦେବୁ ଦିହ
ସାବଧାନ ଥିବୁ, ଭାରି ବେଳ;
ପାରିବୁ ଯଦି ଆଉ ଥରେ ଖଂଜିଦେବୁ ସ୍ୱପ୍ନ
ତୋ ମେଲିହୋଇରହିଥିବା ଆଖିହଳକରେ,
ସଂଜ ଆସିବା ପୂର୍ବରୁ ବନ୍ଦକରିଦେବୁ
ତାଟିକବାଟ ।'

କେମିତି ଯୁଝିବ ସେ ଏକୁଟିଆ
ବାକିତକ ଆୟୁଷକୁ ମୁଣ୍ଡରେ ମୁଣ୍ଡାଇ
ତା ଦୁର୍ବଳ ଓ ଅସ୍ଥିର ପାଦରେ ?

ଆଉ କୋଉ ସିନ୍ଦୁକରେ ଲୁଚେଇ ରଖିବ
ତା ଅଧାଗଢା କାହାଣୀର ଅଶ୍ରୁସିକ୍ତ
ଗୋପାନଂଶ ?

କାହିଁକି କେଜାଣି ଅନ୍ତର୍ଦାହର
ସୁନାମୀଟା ଦାନାବାନ୍ଧୁଥିଲା ମୋ ଭାବନାର
ସମୁଦ୍ର ଭିତରେ ଧୀରେଧୀରେ ।

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ବନ୍ୟା

### ଡ. ଅନିଲ ନନ୍ଦ



କୂଳ ଲଂଘିଥିବା
ସେଇତକ ଉତ୍ତେଜନା
କା' ଆଖିରେ ବନ୍ୟା
କା' ଆଖିକି ବୟସ
କାହାର ପୁଣି
ନୂଆକରି ବିଦେଶ ଭ୍ରମଣ ।

ଶୂନ୍ୟ ଗର୍ଭ କିଛିକ୍ଷଣ ପୂର୍ଣ୍ଣ ରହେ
ବୁନ୍ଦାଏ ଶିଶିରରୁ
ଝରି ପଡୁଥାଏ ଶିହରଣ
ଓଠଧାରେ ଅଦିନିଆ ହସ
ମହମହ ବାସ୍ନାରେ
ମହକି ଯାଉଥାଏ ଚତୁର୍ଦ୍ଦିଗ ।

ଠିକ୍ ଫେରିଯିବା ବେଳକୁ
ଖୋଜା ପଡୁଥାଏ
ପରିତ୍ୟକ୍ତ ବୁଦା ଗହଳରେ
ଦୁର୍ଯୋଗର ନିତ୍ୟ ବ୍ୟବହାର୍ଯ୍ୟ
ଅଭିଶାପ ସମ୍ପର୍କରେ ଚାଲିଥାଏ
ରୀତିମତ ଆଲୋଚନା ।

♥ କ୍ୟାମ୍ପସ - ୯ , କିଟ୍
ମୋ - ୯୯୩୭୮୪୩୩୬୮

## ଖୁମାଣୀ କଣ୍ଢେଇ

### ଗୋଲାପ ରାଉତ



ବେଳେ ବେଳେ ତୁମ ଅନୁପସ୍ଥିତି
ଖୁବ୍ କଷ୍ଟ ଦିଏ,
ସେହି ମୁହୂର୍ତ୍ତରେ ମୁଁ ଭାଙ୍ଗି ଯାଏ,
ସେତେବେଳେ ମୁଁ ତୁମକୁ
ଖୋଜି ବୁଲେ ନୀରବରେ
ତୁମକୁ ପାଇବାକୁ ଚେଷ୍ଟା କରେ
ଅତୀତର ଖୁସି ଭରା
ସ୍ମୃତିମାନଙ୍କ କୋଳାହଳ ଭିତରେ ।

ମୁଁ ଖୁମାଣ କରି ବସିବାର ଦେଖି
ମୋ ଖୁସି ପାଇଁ କାରିଗରକୁ କହି
ଖୁମାଣୀ କଣ୍ଢେଇ ଗଢୁଥିଲ,
ବାପା ତୁମ ଅନୁପସ୍ଥିତିରେ
ତୁମର ଏ ଖୁମାଣୀ କଣ୍ଢେଇଟି
କିପରି ନୀରବ ରଖେ ଓଠକୁ
ହଜାର ପ୍ରଶ୍ନ ମନରେ ଚାପି ଧରି
ଆଉ କିପରି ବୁଝାଇବାକୁ ହୁଏ ନିଜକୁ
ଭାଙ୍ଗି ଯାଉଥିବା ମନରେ
ନୂଆ ସାହସ ଭରି ।

ମୁଁ ହସିଲେ କାଳେ ଘର କାନ୍ଥ ପିଣ୍ଡା
ଖୋଲି ହେଇ ଯାଏ ବୋଲି
ତୁମେ କହୁଥିଲ,
ବାପା ତୁମ ଅନୁପସ୍ଥିତିରେ

କିପରି ବୁଝିବାକୁ ବାଧ ହୁଏ ଅନ୍ୟ ମନକୁ
ନିଜ ଇଚ୍ଛା ଆଉ ଖୁସିକୁ ଭୁଲି
କିପରି ଆପଣେଇ ନେବାକୁ ହୁଏ ମହଣ
ମହଣ ଦୁଃଖକୁ,
ନିଜ ଭିତରେ ହଜମ କରିବାକୁ ହୁଏ
ଅସଂଖ୍ୟ କଷ୍ଟକୁ ।

ମୁଁ ଦେଖୁଥିବା ପ୍ରତ୍ୟେକ ସ୍ୱପ୍ନରେ
ତୁମେ ରଙ୍ଗ ଭରୁଥିଲ,
ବାପା ତୁମ ଅନୁପସ୍ଥିତିରେ
କେମିତି ଦେଖିବାକୁ ହୁଏ ଜୀବନକୁ
ରଙ୍ଗହୀନ ସ୍ୱପ୍ନରେ ନୂଆ ରଙ୍ଗ ଭରି !

ସତରେ ଏବେ ଏବେ ଜାଣୁଛି ବାପା
ତୁମ ଅନୁପସ୍ଥିତିରେ ମୋତେ ବଞ୍ଚିବାକୁ ହେବ
କଣ୍ଢେଇଟେ ପରି,
ଲୁହସବୁ ଆଖିରେ ବରଫ କରି
ଦୁଃଖର ପାହାଡ଼କୁ କାନ୍ଧେଇ
ତମାମ ଜୀବନ ।

♥ ରାହାମା, ମହାକାଳପଡ଼ା, କେନ୍ଦ୍ରାପଡ଼ା

## ଫୁଲ ସବାରୀରେ ଋତୁରାଜ ବସନ୍ତ

### ତୃପ୍ତିରାଣୀ ପାତ୍ର



ପତ୍ର ଝଡ଼ିଗଲା ପରେ ହସି ପଶିଆସ
ଋତୁରାଜ ବସନ୍ତ ହେ ତୁମେ
ସବୁଜ ସୁନ୍ଦରେ କରି ପଲ୍ଲବିତେ ରସ
ଜୀବ ଜଗତଟା ପ୍ରୀତେ ଝୁମେ ।

ରଙ୍ଗ ବେରଙ୍ଗେ ମନୋହରେ
ଦିଶେ ଧରଣୀ
ଅଙ୍ଗେ ଅପରୂପ ବେଶଧରି
ବସନ୍ତେ ହସୁଛି ପୁଷ୍ପ ପ୍ରକୃତି ବନାନୀ
କି ସୁନ୍ଦରେ ଆହା ମନଭରି ।

ସୁଗନ୍ଧ ସୁମନେ ରାଜ ଅପୂର୍ବ ସମ୍ଭାରେ
ଚାରୁ ଚମକେ ଚତ୍ୱର ଶିରୀ
ପଳାଶ ଶିମିଳି ଚମ୍ପା ଅତୀବ ସୁନ୍ଦରେ
ଅମରାବତୀ ରୂପ ମାଧୁରୀ ।

ମୃଦୁମନ୍ଦ ମଳୟ ଧିର ସମୀରରେ
ଆମ୍ର କୁଞ୍ଜବନେ ବାସ ବହେ

କୋଇଲିର କୁହୁତାନ କି ସୁନ୍ଦରେ
ହଳଦୀବସନ୍ତ ଉଡୁଥାଏ ।

ନବ ଯଉବନେ ଧରା ପ୍ରଫୁଲ୍ଲିତ ହୁଏ
ପ୍ରକୃତିର ରଙ୍ଗ ଲାସ୍ୟବର୍ଣ୍ଣ
ନାଲି କମଳାରେ ମନ ମୋହିନେଉଥାଏ
କୃଷ୍ଣଚୂଡ଼ାର ମଧୁ ଅଙ୍ଗନ ।

ନବ ଉଦ୍ଦୀପନା ଭରି ପ୍ରେମ ପ୍ରଣୟରେ
କ୍ଷୁଧାତୁର ଚାହିଁଥାଏ ସତେ
ମହୁଲ ଫୁଲର ଭୁରୁଭୁରୁ ସୁବାସରେ
ଭ୍ରମନ୍ତି ଭ୍ରମରେ ମଧୁ ସ୍ୱାଦେ ।

ନିମ୍ବ ଆମ୍ବ ବଉଳ ଚମ୍ପା ସୁବାସରେ
ଋତୁରାଜ ବସନ୍ତଟା ହସେ
ଜୀବ ଜଗତଟା ହସେ ଫୁଲ ସବାରୀରେ
ସୁରଙ୍ଗେ ସୁଆଙ୍ଗ ସମାବେଶେ ।

ଗୋଲାପ ହସେ ପ୍ରେମୀ ଯୁଗଳ ପାଶେ
ରଜନୀଗନ୍ଧା ମନ ହରଷେ
ନିବିଡ଼ ବନ୍ଧନେ ନବ କଳିକା ସ୍ପର୍ଶେ
ରାଧା କୃଷ୍ଣଚୂଡ଼ା ଧରା ବେଶେ ।

ବସନ୍ତ ବିଭବେ ହୋଇ ସଜବାଜ
ଆସିଅଛି ସତେ ଋତୁରାଜ
ନିରାଶ ଜୀବନ କରି ପଲ୍ଲବିତ
ସଜାଇଲା କୁସୁମ ସବୁଜ ।

ଚିନ୍ତା ଚେତନାରେ ହୁଏ ଜାଗରିତ
ବସନ୍ତ ଭରିଛି କି ଆନନ୍ଦ
ବସନ୍ତ ଆବେଗେ ହସେ ମହୋତ୍ସବ
ବକ୍ଷରେ ଧରି ପୁଷ୍ପ ସୌରଭ ।

♥ ସହଦେବଖୁଣ୍ଟା, ବାଲେଶ୍ୱର

## ଦୁଇଟି କବିତା

### ରବି କୁମାର ମହାନ୍ତି



**॥ କାଠହଣା ॥**

କେତେ ଛୋଟ ଆଉ କୋମଳ ଥଣ୍ଟି ତାର
ଚୋଟ ପରେ ଚୋଟ
ମାରି ଚାଲିଥାଏ
ଠିକ୍ ଛାତିରେ ନିଶ୍ୱାସର ଗୋଇଠା ପରି
ଆସ୍ତେ ଆସ୍ତେ କ୍ଷତାକ୍ତ ହେଉଥାଏ
ଶକ୍ତ କାଠ ଏବଂ ଶେଷରେ
ତାର ହିଁ ଜିତାପଟ ହୁଏ ,
ହାରିଯାଏ ପୁଞ୍ଜିଭୂତ ଦୃଢ଼ତା
ସେ ଲେଖେଇନିଏ ଇତିହାସ
ସିଏ ହେଇପାରେ ଛୋଟ
ଅଥଚ ଭାରି ଗହନ
ଏ ଲାଗି ରହିବାର ପାଠ

**॥ ଗ୍ରହାନ୍ତର ॥**

କାଲି ଖଡିପକେଇ ନାହାକ କହିଲା
ଲଗ୍ନରେ ରାହୁ, ଭାରି ଜବର ତା ନଜର
ପଞ୍ଚମରେ ଶନି, ଅଷ୍ଟମରେ କେତୁ
ଯେ ଯେତେ ଅଶୁଭର ଚିହ୍ନ
ସ୍ୱୟଂ ବ୍ରହ୍ମା ବି ଜାଣିନାହାନ୍ତି ଏୟାର ହେତୁ

ମୁଁ କହିଲି ହେ ପଣ୍ଡିତେ ଆପଣେ
ମୋ ରାଶି ଚକ୍ରରେ
କେଉଁ ସ୍ଥାନରେ ଅଛି
କବିତା ଲେଖିବାର ଶ୍ରଦ୍ଧା
କୁହ, କେଉଁଠି ପାପୁଲିର ରେଖା ମାନଙ୍କ
ଭିଡରେ ଲୁଚିଛି ସନ୍ୟାସୀ ହେବାର କଳା
ଶୁଣ ପଣ୍ଡିତେ, ପ୍ରତିକାର ମୋ ହାତରେ
ମୋ କଲମ ନିର୍ମାଣି ପାରେ ଗ୍ରହ ପରେ ଗ୍ରହ
ଅଜସ୍ର ନକ୍ଷତ୍ର ଆଉ ଅସଂଖ୍ୟ ଜହ୍ନ ତାରା
ଉଲ୍କାର ସହର
ମୁଁ ପା ଆପଣା ଇଚ୍ଛାରେ ଜନ୍ମ ହୋଇ ମରେ
କହିପାର କବି ମୋତେ
ନତୁବା ଦ୍ୱିତୀୟ ଈଶ୍ୱର

♥ ମାତୃନୀଡ, କମାରିଆ, ଭଦ୍ରକ
ମୋ-୭୦୬୪୭୭୮୨୪୭

## ସବୁଠାରୁ ବେଶି ପର

### ତାରାପ୍ରସାଦ ଜେନା



ନିଜ ଲୋକ ମୋତେ
ବେଳେବେଳେ ଲାଗେ
ସବୁଠାରୁ ବେଶି ପର
ଯନ୍ତ୍ରଣାରେ ଯେତେ କଷ୍ଟ ହୁଏ ନାହିଁ
କଷ୍ଟ ଲାଗେ କଲେ ଦୂର
ନିଜ ଲୋକ ମୋତେ
ବେଳେବେଳେ ଲାଗେ..... !

ଆପଣାର ଦୁଃଖ କହିଦେଲେ ଆଗେ
ବୁଲାଅନ୍ତି ପଛେ ମୁଖ
ନିଜ ସୁଖ କଥା ବାଡ଼ିଦେବେ ବୋଲି
ଅହଙ୍କାର ଥାଏ ପାଖ,
କାନ୍ଦ କାନ୍ଦ ଭାରି ଦେଖିଦେଲେ ରୀତି

କୋହ ଉଠେ ଘନ ଘୋର
ନିଜ ଲୋକ ମୋତେ
ବେଳେବେଳେ ଲାଗେ..... !

ଭାବ ମିଛ ମାୟା ଈର୍ଷା ନାଟକରେ
ପର ମନ ହୀନ କାର୍ଯ୍ୟ
ଭଲ ଭୁଲି ସବୁ ମନ୍ଦ ମନାସିବା
କଦର୍ଯ୍ୟର ମାନ ଧାର୍ଯ୍ୟ,
ଭେଦ ଖୋଲିଯାଉ ଅନ୍ତରରେ ଅଛି
ଶତ୍ରୁଠାରୁ ଅତି ଡର
ନିଜ ଲୋକ ମୋତେ
ବେଳେବେଳେ ଲାଗେ..... !

ଅର୍ଥ ପାଉଥିଲେ ନାମ ଜପୁଥାନ୍ତି
ନମିଳିଲେ ପାପ ଚିନ୍ତା
ଘୃଣା ଫଳାଇବା ସଜ ମାଛେ ପୋକ
ବିଶ୍ୱାସର ବଡ଼ ହନ୍ତା,
ଏମାନଙ୍କ ପ୍ରତି ସତର୍କତା ମୋର
ଭାଙ୍ଗିଦେବେ ସ୍ୱପ୍ନ ଘର
ନିଜ ଲୋକ ମୋତେ
ବେଳେବେଳେ ଲାଗେ..... !

♥ ସା.-ରଣପୁର (ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର, ଜିଲ୍ଲା - ନୟାଗଡ଼,
ପିନ୍- ୭୫୨୦୨୬, ଓଡ଼ିଶା
ମୋ: ୯୩୪୮୦୫୪୩୦୦

## ମଲାପରେ

### ପ୍ରଭାତ କୁମାର ଆଚାର୍ଯ୍ୟ



ମୋ ଘରୁ ମୋତେ ଅଲଗା
କରିଦେଲା ପରେ
ନିଷ୍ଚୟ ଆଉ କେଉଁଠି ଜାଗାଖଣ୍ଡେ
କରି ରଖିଥିବ ମୋ ନାଆଁରେ ।
ଯେଉଁଠି ମୁଁ ପୁଣିଥରେ କାଠି କୁଟା ନେଇ
ଅପୂର୍ଣ୍ଣ ଆଶାଗୁଡିକୁ ସାଉଁଟି
ତୋଳି ନେବି ଘର ।
ହେ ଈଶ୍ୱର !
ଶୈଶବର ସୁଖ ମେଣ୍ଟାଇବା ପାଇଁ
ରଖିଛକି ସେଠାରେ
ସରଳ, ନିରୀହ ସାଙ୍ଗସାଥୀ,
ଘନ ସବୁଜ କ୍ଷେତ, ଗାଈଆଳ ଗୀତ,
ଅଙ୍କାବଙ୍କା ନଈ, କାଶତଣ୍ଡି ଫୁଲ
କ୍ରୀଡ଼ାର ପ୍ରାନ୍ତର, ସ୍ନେହ ଓ ଆଦର ?
ଅପରିଚିତ ଡାକବାଲା

ଚିଠି ଦେଇ ପାରିବ ତ
ନୂଆ ଠିକଣା ଖୋଜି ?
ସନ୍ଧ୍ୟା ସକାଳେ ଚା ପିଏ ବୋଲି
ନୂଆ ପରିବାର ଜାଣିବେ ବା କେମିତି ?
ଏ ଦେହରୁ ନିଃଶ୍ୱାସ ଛାଡ଼ିଗଲା ପରେ
ମୁଁ ତ ଅନ୍ଧାରର ଛାଇ
ଏଇ ଅଛି ଏଇ ନାହିଁ
କେମିତି ବା ଫେରିପାରିବି
ମୋ ପୁରୁଣା ଜାଗାକୁ ?
କେମିତି ବା ଦେଖିବି
ମୋ ଅବର୍ତ୍ତମାନରେ

ଝରୁଥିବା ଲୁହର ମୂଲ୍ୟ କେତେ ?
ସତ କେତେ,ମିଛ କେତେ ?
ମୋ ପରିବାରର ଦହଗଞ୍ଜ କେତେ ?
ମୁଁ ସଞ୍ଚିଥିବା ବିଷୟ ସମ୍ପତ୍ତିର
ଭାଗବଣ୍ଟା କେତେ ?
ଟୁକୁରା କାଗଜ ପରି ଉଡ଼ିବୁଲୁଥିବ
ମୋ ଅଧୁରା ସ୍ୱପ୍ନମାନେ ।
ବେଳାଭୂମିରେ ମଥା ପିଟୁଥିବ
ମୋର ସବୁ ଆଶା ଓ କଳ୍ପନା ।
ମୁଁ କିନ୍ତୁ ନିରୁପାୟ-----
କାଠର ଖେଳନା ତାଙ୍କ ହାତରେ ।
ପୁଣି ଆରମ୍ଭ କରିବି କସରତ
ନୂଆ ଘରଟିଏ ତୋଳିବା ପାଇଁ,
ସେଥିରୁ ବା ମୁକ୍ତି କାହିଁ ?
ଖାଲି ଯାହା କଷ୍ଟ ଥଇଥାନ କରିବାରେ ।

♥ ସଂସ୍କୃତ ଶିକ୍ଷକ, ସିଦ୍ଧେଶ୍ୱର କଲୋନୀ,
ଜାନୁଗଞ୍ଜ, ବାଲେଶ୍ୱର

# ଡେରାବିଶ ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର



ଡେରାବିଶ, ୨୬/୨ (ନି.ପ୍ର): ଡେରାବିଶ ଡିଗ୍ରୀ ମହାବିଦ୍ୟାଳୟର ଅନ୍ତସ୍ଥ ଗୁଣବତା ଆଶ୍ୱାସନ ପ୍ରକୋଷ୍ଠ ( ଆଇ କ୍ୟୁ ଏ ସି ) ଏବଂ ଅର୍ଥନୀତି ବିଭାଗ ସହଯୋଗରେ ' ଗବେଷଣା ପଦ୍ଧତି ଏବଂ ଶୈକ୍ଷଣିକ ଲିଖନ' ବିଷୟ ଉପରେ ଏକ ଦୁଇଦିନ ବ୍ୟାପୀ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଅଛି । ଉକ୍ତ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ନାୟକ ଅଧ୍ୟକ୍ଷତା କରିଥିଲେ । ବିଷୟ ବିଶେଷଜ୍ଞ ଭାବେ ଜବାହର ନେହ୍ରୁ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଇନଫରମାଲ ସେକ୍ଟର ଆଣ୍ଡ ଲେବର ଷ୍ଟଡିଜ୍ ର ପ୍ରଫେସର ଏବଂ ଚେୟାରପର୍ସନ ଡ. ମୀନକେତନ ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଡିପାର୍ଟମେଣ୍ଟ ଅଫ୍ ଆନାଲିଟିକାଲ ଆଣ୍ଡ ଆପ୍ଲାଏଡ୍ ଇକୋନୋମିକସର ଆସୋସିଏଟ୍ ପ୍ରଫେସର ଡ. ଶିବଶଙ୍କର ମହାନ୍ତି ଯୋଗ ଦେଇଥିଲେ । ପ୍ରଫେସର ଡ. ମୀନକେତନ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ସମ୍ପ୍ରତି ବିଶ୍ୱରେ ବିକାଶ ଧାରା ଅବ୍ୟାହତ ରଖିବାପାଇଁ ଗବେଷଣାର ଆବଶ୍ୟକତା ରହିଛି । ଏଥିପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣା ଉପରେ ଗୁରୁତ୍ୱ ଦିଆଯାଉଛି । ଗବେଷଣା କଣ ପାଇଁ, ଗବେଷଣା କଣ ଏବଂ ଗବେଷଣା କେଉଁ ପଦ୍ଧତିରେ କରାଗଲେ ସଫଳତା ମିଳି ପାରିବ ଗବେଷକ ତାହା ନିରୂପଣ କରିବା ଉଚିତ୍ । ଜଣେ ଗବେଷକ ତୃଣମୂଳ ସ୍ତରରେ ଥିବା ସାଧାରଣ ମଣିଷର ସମସ୍ୟା ବୁଝିଲେ ତା'ର କାରଣ ଓ ନିରାକରଣ ଖୋଜି ପାଇପାରିବ। ଅନ୍ୟତମ ସମ୍ମାନିତ ବକ୍ତା ଡ. ଶିବଶଙ୍କର ମହାନ୍ତି ଗବେଷଣାର ଶୈକ୍ଷଣିକ ଲିଖନ ଏଭଳି ହେବା ଦରକାର ଯେପରି ଜଣେ ଗବେଷକର ଚିନ୍ତା , ଧାରଣା ଓ ସୂଚନା ପରସ୍ପର ମଧ୍ୟରେ ବିନିମୟ ହୋଇପାରିବ । ଏହାଦ୍ୱାରା ଜ୍ଞାନ ପରିବ୍ୟାପ୍ତ ହୋଇପାରିବ । ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟିର ସଭାପତି ତଥା ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଶରତ କୁମାର କର ଏବଂ ଆଇକ୍ୟୁଏସି ସଂଯୋଜକ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟି ଆଲୋଚନାଚକ୍ରର ବିଷୟବସ୍ତୁ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବିଭିନ୍ନ ମହାବିଦ୍ୟାଳରୁ ତିରିଶ ଜଣରୁ ଉର୍ଦ୍ଧ୍ୱ ଅଧ୍ୟାପକ ଅଧ୍ୟାପିକା ଏବଂ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ମାନେ ବହୁ ସଂଖ୍ୟାରେ ଯୋଗଦେଇ ବିଷୟ ସମ୍ପର୍କିତ ସନ୍ଦର୍ଭ ପାଠ କରିଥିଲେ । ଅଧ୍ୟାପିକା ଡ. ରୁଦ୍ରାଣୀ ପଟ୍ଟନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଏବଂ ଆବାହକ ଅଧ୍ୟାପକ ବିଶ୍ୱଜିତ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ସଂଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ନେହେରୁ ଯୁବ କେନ୍ଦ୍ର ସଂଗଠନ ପକ୍ଷରୁ ରାଜ୍ୟ ଯୁବ ସଂସଦ ଉତ୍ସବ ଆୟୋଜିତ

ନୂଆଦିଲ୍ଲୀ, ୨୬/୨ (ନି.ପ୍ର): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଫେବୃୟାରୀ ୨୫, ୨୦୨୪ ଦିନ ରାଜ୍ୟସ୍ତରୀୟ ଯୁବ ସଂସଦ ଉତ୍ସବ ଆଭାସୀ ଜରିଆରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତଟ ରେଳବାଇର ମୁଖ୍ୟ ଯାତ୍ରୀ ପରିବହନ ପରିଚାଳକ ଶ୍ରୀ ଜ୍ୟୋତି ପ୍ରକାଶ ମିଶ୍ର ଓଡିଶାର ୬୦ଜଣ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହନ ଦେଇଥିଲେ । ନେହେରୁ ଯୁବ କେନ୍ଦ୍ର ସଂଗଠନର ଆଞ୍ଚଳିକ ନିର୍ଦ୍ଦେଶିକା ଶ୍ରୀମତୀ ହନି ସିହ୍ନା, କେନ୍ଦ୍ର ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ବ୍ୟୁରୋ, କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ସ୍ମୃତିରଞ୍ଜନ ଦାଶ, ଉତ୍କଳ ବିଶ୍ୱ ବିଦ୍ୟାଳୟ ଓଡିଶା ଭାଷା ଓ ସାହିତ୍ୟ ସ୍ନାତକୋତ୍ତର ବିଭାଗ ସଂଯୋଜକ ଡକ୍ଟର ରମେଶ ଚନ୍ଦ୍ର ମଲ୍ଲିକ, ଭୁବନେଶ୍ୱର ସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ ଉପ ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ଜାଲି, ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ ହିନ୍ଦି ବିଭାଗ ମୁଖ୍ୟ ଡକ୍ଟର ସ୍ନେହଲତା ଦାସ ଓ ଭୁବବେଶ୍ୱର କମଳା ନେହେରୁ ମହିଳା ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ମୁଖ୍ୟ ମଧୁସ୍ମିତା ଦାସ ବିଚାରକ ମଣ୍ଡଳୀ ଭାବେ ଯୋଗ ଦେଇଥିଲେ । ଭୁବନେଶ୍ୱର ଏନଏସଏସ୍ ଯୁବ ଅଧିକାରୀ ଶ୍ରୀ ଅଜିତ କୁମାର, କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ମହେନ୍ଦ୍ର ଜେନା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଜିଲ୍ଲା ସ୍ତରୀୟ ଯୁବ ସଂସଦ ପକ୍ଷରୁ ଆୟୋଜିତ ଯୁବ ସାଂସଦ ପ୍ରତିଯୋଗିତାରେ ପ୍ରତି ଜିଲ୍ଲାରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ମୋଟ ୬୦ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ । ପୁରୀ ଜିଲ୍ଲାର କୁମାରୀ ସୁଶ୍ରୀ ସଂଗୀତା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ, ବରଗଡ ଜିଲ୍ଲାର କୁମାରୀ ଅର୍ଚ୍ଚିତା ମିଶ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ନୂଆପଡା ଜିଲ୍ଲାର ଅନ୍ୱେଷ ପାଢୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ତିନିଜଣ ବିଜେତା ମାର୍ଚ୍ଚ ୪ ଓ ୫, ୨୦୨୪ ଦିନ ନୂଆଦିଲ୍ଲୀ ସଂସଦ ଭବନଠାରେ ଆୟୋଜିତ ହେବାକୁ ଥିବା ୨୦୨୩-୨୪ ଜାତୀୟ ଯୁବ ସଂସଦ ଉତ୍ସବରେ ଓଡିଶାର ପ୍ରତିନିଧିତ୍ୱ କରିବେ ।

# ସେତୁ ଓ ରାସ୍ତା ନିର୍ମାଣ ନେଇ ଭିତ୍ତିପ୍ରସ୍ତର ଦେଲେ ବିଧାୟକ

ଜୟପୁର, ୨୬/୨ (ନି.ପ୍ର): ଜୟପୁର ବ୍ଲକରେ ସେତୁ ଓ ରାସ୍ତା ନିର୍ମାଣ ନେଇ ଆଜି ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଜୟପୁର ଗ୍ରାମ ଉନ୍ନୟନ ବିଭାଜନ ତରଫରୁ ୨ଟି ରାସ୍ତା ୩ଟି ସେତୁ ନିର୍ମାଣ ହେବ । ଏନେଇ ଆଜି ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିତିପ୍ରସ୍ତର ଦେଇଛନ୍ତି । ଜୟପୁର ଆଇନ ମହାବିଦ୍ୟାଳୟ ଠାରୁ ଢେପମାଳିଗୁଡା ରାସ୍ତା, ଫାମ୍ପୁଣି-କୁମୁଲିପୁଟ ପି.ଏମ.ଜି.ଏସ ୱାଇ ରାସ୍ତା ଠାରୁ ଝାଡଙ୍ଗ ପିଏମଜିଏସୱାଇ ରାସ୍ତାରେ କୋଲାବନଦୀ ଉପରେ ସେତୁ, ମହୁଲଭଟ୍ଟା ଠାରୁ ସିଙ୍ଗିବନ୍ଧ ସେତୁ, ବୋଡିଗୁଡା ଠାରୁ ଚଢେଇପଦର ଏନ.ଏଚ. ଭାୟା ଲକ୍ଷ୍ମୀ ପଦର-ଲାଠିଗୁଡା ରାସ୍ତା, ଡଙ୍ଗାଘାଟ ଠାରୁ ଲଡିଆଲପାଲି ବ୍ରିଜ ନିର୍ମାଣ ହେବ । ଏନେଇ ଆଜି ଭିତିପ୍ରସ୍ତର ଦିଆଯାଇଛି ।

# ବଦଳୁଛି ପୁରୀ ବଦଳୁନି ବାଙ୍କିମୁହାଣ ନର୍ଦ୍ଦମା ଅବସ୍ଥା

ପୁରୀ, ୨୬/୨ (ନି.ପ୍ର): ପୁରୀ ହେବ ବିଶ୍ୱ ଐତିହ୍ୟ ସହର । ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଝିଲିମିଲି ଆଲୁଅରେ ଝଲସୁଛି । ଶ୍ରୀସେତୁରୁ କୋଠା ଛାତ ଦେଇ କାର୍ ଓ ଅନ୍ୟାନ୍ୟ ଗାଡ଼ି ବଲ୍ଲଭରେ ପାର୍କିଂ କରୁଛି । ସହରର ଚିତ୍ର ଦିନିକୁ ଦିନ ବଦଳୁଥିବା ବେଳେ ସମୁଦ୍ର ଓ ବାଙ୍କି ମୁହାଣ ନର୍ଦ୍ଦମା ଜଳର ମିଳନ ସ୍ଥଳ ଗତ ୩୦ ବର୍ଷ ଧରି ବଦଳି ପାରିନାହିଁ । ଜଣେ ବଙ୍ଗୀୟ ପର୍ଯ୍ୟଟକ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଅଭିଯୋଗ କରିବା ପରେ ବାଙ୍କି ମୁହାଣ ଠାରେ ଟ୍ରିଟମେଂଟ ପ୍ଲାଂଟ ପ୍ରତିଷ୍ଠା କରାଯାଇଥିଲା । ଜନସ୍ୱାସ୍ଥ୍ୟ ବିଭାଗ ଏହାର ଦାୟୀତ୍ୱ ନେଇଥିବା ବେଳେ ଧର୍ମକୁ ଆଖି ଠାର ପରି ନର୍ଦ୍ଦମା ଜଳ ସିଧାସଳଖ ସମୁଦ୍ରରେ ମିଶୁଛି । ବାଙ୍କି ମୁହାଣର ଦୁଇ ପାର୍ଶ୍ୱରେ ଗଢି ଉଠିଥିବା ବସ୍ତି ଗୁଡ଼ିକର ପାଇଖାନା ପାଇପ୍ ସିଧାସଳଖ ବାଙ୍କି ମୁହାଣ ନାଳରେ ମିଶିଛି । କିଛି ମେସିନ ବସାଇ ସଫା କରାଯାଉଛି ବୋଲି ଡ଼ିଣ୍ଡିମ ପିଟୁଥିବା ବେଳେ ପ୍ରକୃତ ପକ୍ଷରେ ଏହି ପାଣି ଏତେ ବିଷାକ୍ତ ଯେ ତାହା ଗୋଡ଼ରେ ବାଜିଲେ ଚର୍ମ ରୋଗ ଧରୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ନିଳାଦ୍ରୀ ପାର୍କ ନିକଟରେ ଏକ ଚଲାପଥ ପାଇଁ ୪ଟି ଶଙ୍ଖ ନିର୍ମାଣ କରି ଜଳ ନିଷ୍କାସନ କରାଯାଉଛି । ରାଜ୍ୟ ପ୍ରଦୂଷଣ ନିରାକରଣ ବୋର୍ଡ଼ ବାଙ୍କି ମୁହାଣ ପାଣି ବୋତଲରେ ନେଇ ପରୀକ୍ଷା କରି ଠିକ ଅଛି ବୋଲି ରିପୋର୍ଟ ଦେଉଛି । ବାଙ୍କି ମୁହାଣ ନଳା ବସ୍ତି ନିକଟରେ ପ୍ରତିଦିନ କୁଂଇଟାଲ କୁଂଇଟାଲ ପଲିଥିନ, ବର୍ଜ୍ୟବସ୍ତୁ ପାର୍ଶ୍ୱରେ ଭାସିଯାଇ ଜମାଟ ବାନ୍ଧୁଥିବା ଦେଖିବାକୁ ମିଳୁଛି । ଏହି ପାଣିକୁ ପ୍ରୟୋଗ କରି ପାର୍କର ଗଛ ବଂଚାଇବା ପାଇଁ ବ୍ୟବସ୍ଥା କରିବାକୁ କିଛି ବର୍ଷ ତଳେ କୁହାଯାଉଥିଲେ ମଧ ତାହା କରାଯାଇ ପାରିନାହିଁ । ନର୍ଦ୍ଦମା ଜଳ ସମୁଦ୍ରରେ ମିଶିବା ଫଳରେ ସମୁଦ୍ରଜଳ ବିଷାକ୍ତ ହେଉଛି । ପର୍ଯ୍ୟଟକ ମାନେ ସେଠାରେ ସ୍ନାନ କରି ଚର୍ମ ରୋଗରେ ପୀଡ଼ିତ ହେଉଛନ୍ତି । ବାଙ୍କି ମୁହାଣର ଏଭଳି ଅସ୍ୱାସ୍ଥ୍ୟକର ଅବସ୍ଥା କେବେ ବଦଳିବ ବୋଲି ଅଂଚଳବାସୀ ଆଶା ବାନ୍ଧି ବସିଛନ୍ତି । ଏହି ପାଣିକୁ ଫେଂଟି ପଙ୍କ ପାଣି ଅଲଗା କରିବା ପାଇଁ ଏକ ଜଳଚକ୍ରୀ ନାମକୁ ମାତ୍ର ସ୍ଥାପନ କରାଯାଇଛି । ନର୍ଦ୍ଦମା ଜଳ ସମୁଦ୍ରରେ ମିଶିବା ଫଳରେ ସ୍ୱର୍ଣ୍ଣାଭ ବାଲି କଳା ପଡ଼ି ଗଲାଣି । ନଳା ପାଣି ଓ ସମୁଦ୍ର ମିଳନ ସ୍ଥଳରୁ କେତେକ ଜୀବଜନ୍ତୁ, କୁକୁର, ଛେଳି, ଗାଇ, ବଳଦ, ପାଣି ପିଇ ଅସୁସ୍ଥ ହୋଇ ପଡୁଥିବା ଦେଖିବାକୁ ମିଳୁଛି । ପର୍ଯ୍ୟଟକ ମାନେ କୂଳରେ ଚାଲି ଚାଲି ଯିବା ସମୟରେ ଏହି ପାଣିରେ ପଶି ଆର ପଟକୁ ଯାଉଛନ୍ତି । ପୁରୀ ସହର ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ବାଙ୍କି ମୁହାଣ ଅବସ୍ଥା ବଦଳୁନାହିଁ ।

# ବୋଟଲିଂ ପ୍ଲାଂଟରେ ସୁରକ୍ଷା ଓ ନିରାପତା କର୍ମଶାଳା

ବଲାଙ୍ଗିର, ୨୬/୨ (ନି.ପ୍ର): ଭାରତୀୟ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ ଏଲପିଜି ବୋଟଲିଂ ପ୍ଲାଂଟ ବଲାଙ୍ଗିର ସହର ସଦାଇପାଲି ପାଖରେ ଥିବା ସୁରକ୍ଷା ଓ ନିରାପତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବୋଟଲିଂ ପ୍ଲାଣ୍ଟ ର ମ୍ୟାନେଜର ବ୍ରଜେଶ ସିଂହ ଗୁଜର ଙ୍କ ସଭାପତିତ୍ୱ ଓ ଅତିରିକ୍ତ ମ୍ୟାନେଜର ତଥା ପ୍ଲାଣ୍ଟ ର ସେଫଟି ଅଧିକାରୀ ପ୍ରଶାନ୍ତ ସିଂହଙ୍କ ସଂଯୋଜନା କାର୍ଯ୍ୟକ୍ରମରେ ତାଲିମଦାତା ଭାବରେ ପ୍ରାଥମିକ ଚିକିତ୍ସା ଅଧ୍ୟାପକ ରବିଚନ୍ଦ୍ର ପଶାୟତ, ଫାଷ୍ଟ ଏଡର ତଥା ରାଜ୍ୟ ବିପତି ଓ ବିପର୍ଯ୍ୟୟ ସାଧନାକର୍ମୀ ରାମନାରାୟଣ ଦାଶ, ନିରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ । ନିଆଁରୁ ରକ୍ଷା ପାଇବାର ଉପାୟ, ଏଲପିଜି ସିଲିଣ୍ଡର ବିସ୍ଫୋରଣ ହେଲେ କଣ କରିବା ନ କରିବା, ଅଗ୍ନି ନିରାପତା କୌଶଳ, ଧୂଆଁରୁ ରକ୍ଷା ପାଇବା ପାଇଁ ଉପାୟ, ସକ୍, ମୁର୍ଚ୍ଛା, ରକ୍ତଶ୍ରାବ, ଅସ୍ଥିଭଙ୍ଗା, ସିପିଆର, ବେଣ୍ଡେଜ, ସ୍ଥାନାନ୍ତରଣ ଆଦି ଅନେକ ବିଷୟବସ୍ତୁ ଗୁଡିକୁ ଡେମୋଷ୍ଟ୍ରେସନ ମାଧ୍ୟମରେ ତାଲିମଦାତାମାନେ କାର୍ଯ୍ୟକ୍ରମ କରିଥିଲେ । ଏଡଭୋକେଟ ଚନ୍ଦନ କୁମାର ମହାନ୍ତିଙ୍କର ମାର୍ଗଦର୍ଶନ କାର୍ଯ୍ୟକ୍ରମରେ ପର୍ଯ୍ୟାୟକ୍ରମରେ ବୋଟଲିଂ ପ୍ଲାଂଟ ର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ଲାଂଟ ଅଧିକାରୀ ଅମିତ ରାଜ ପରିଚାଳନା କରିଥିବା ବେଳେ ସୁରକ୍ଷା ଅଧିକାରୀ କରନ ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜୁ ଯୁବ ଛାତ୍ର ଓ ମହିଳା ଜନତା ଦଳର କର୍ମୀ ସମ୍ମିଳନୀ

ମାଲକାନଗିରି, ୨୬/୨ (ନି.ପ୍ର): କାଲିମେଳା ବ୍ଲକ ଅନ୍ତର୍ଗତ ବଦଲି ପଂଚାୟତ ଏମଭି ୪୦ ଗ୍ରାମ ଠାରେ ଆଜି ଜିଲ୍ଲା ଯୁବ ଜନତା ଦଳ ସଭାପତି ଆଡମା ରାବାଙ୍କ ନେତୃତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇ ହଜାରରୁ ଉର୍ଦ୍ଧ ସଂଖ୍ୟାରେ ଯୁବ ଛାତ୍ର ମହିଳା ଏବଂ ବରିଷ୍ଠ କର୍ମୀ ଯୋଗଦେଇଥିଲେ। ଆଜିର ଏହି ସଭାରେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ଜିଲ୍ଲା ବରିଷ୍ଠ ବିଜେଡି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ତପନ ସେନା, ସୁବାଷ ବାନାର୍ଜୀ ପ୍ରମୁଖ ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ। ପ୍ରଥମେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜେଡି ଜିନ୍ଦାବାଦ ନାରାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି କର୍ମୀ ସମ୍ମିଳନୀରେ ନବୀନ ପଟ୍ଟନାୟକ ତଥା ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ତାହା ସହ ଫାଇଭ-ଟି ଅଧକ୍ଷ ଭି.କେ. ପାଣ୍ଡିଆନ, ବବି ଦାସଙ୍କ ମାଲକାନଗିରି ଗସ୍ତ ଦ୍ୱାରା ଜିଲ୍ଲାର ଅନେକ ଉନ୍ନତି ଘଟିଥିବା ବିଷୟରେ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ଯୁବ ଛାତ୍ର ମହିଳା ସଙ୍ଗଠନ ଓ ଦଳୀୟ ଆଲୋଚନା ମଧ ହୋଇଥିଲା । ତେବେ ଏହି କାର୍ଯ୍ୟକ୍ରମରେ କିଛି କର୍ମୀ ଅସନ୍ତୁଷ ଥିବାର ଦେଖିବାକୁ ମିଳିଥିଲା ଓ ସେମାନେ ସ୍ୱଷ୍ଟ ଭାବରେ କହିଥିଲେ ଯେ, ଏପର୍ଯ୍ୟନ୍ତ ବିଜୁ ଜନତା ଦଳ ପକ୍ଷରୁ କୌଣସି ପାର୍ଥି ଘୋଷଣା ସରିନି, କିନ୍ତୁ କିଛି ବରିଷ୍ଠ କର୍ମୀ ବ୍ୟକ୍ତିଗତ ଭାବେ ଜଣଙ୍କ ନା ପ୍ରଚାର କରୁଛନ୍ତି ଏବଂ ତାହା କେତେଦୂର ଉଚିତ୍ ତାହାକୁ ନେଇ ମତଭେଦ ଥିବା ଦେଖିବାକୁ ମିଳିଥିବା ବେଳେ ଏହାର ଉତର ରଖିବା ଲାଗି ବିଜେଡି ସଭାପତି ଓ ବରିଷ୍ଠ କର୍ମକର୍ତାଙ୍କୁ ଦାବି କରାଯାଇଛି । ଏହି ସଭାରେ ଅନ୍ୟ ମାନଙ୍କ ମଧରେ ଏମଡି ଫାରୁକ୍, ପରିତୋସ ସରକାର, ଗଣେଶ ମଣ୍ଡଳ, ଗୌର ମଜୁମଦାର, ସୁରଭି ଭୌମିକ, ଶ୍ରୀନିବାସ ରାଓ, ହିମଙ୍ଗସୁ ସାମଲ, ମୋହନ ଛତ୍ରି, ଭବେନ୍ ବାଚଡ୍, ମନୀନ୍ଦ୍ର ନାଥ ମଣ୍ଡଳ, ଅନୁପ ମିସ୍ତ୍ରୀ, ବିପ୍ଳବ ବିଶ୍ୱାସ, ଅଞ୍ଜନ ବିଶ୍ୱାସ, ଲାଲମୋହନ ମଣ୍ଡଳ, ମେଶକ ମାଦ୍ରି, ଦେବା ମାଡକମି, ଇର୍ମା କବାସି , ମିରିକଙ୍କ ମଣ୍ଡଳ,ମନତୋସ ବିଶ୍ୱାସ, ପ୍ରେମାନନ୍ଦ ବାଛାଡ,ଅଜିତ୍ ଖୋସଲା, ଚିରଞ୍ଜିତ ବାଲା, ସଞ୍ଜୁ ସରକାର ,ରାକେଶ ମଣ୍ଡଳ, ବିଷ୍ଣୁ ମଣ୍ଡଳ, ନିର୍ମଳ ମଣ୍ଡଳ, ଲଡୁ ମାଡକାମି ସମେତ ଅଂଚଳର ଯୁବ ନେତା ପ୍ରମୁଖ ଉପସ୍ଥିତ ଥିଲେ।

# ଭବାନୀପାଟଣାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସ୍ୱତନ୍ତ୍ର ବୈଠକ

ଭବାନୀପାଟଣା, ୨୬/୨ (ନି.ପ୍ର): କଳାହାଣ୍ଡି କଳା, ସଂସ୍କୃତି ଓ ଐତିହ୍ୟ ତଥା ପରମ୍ପରାକୁ ପିଢ଼ି ପରେ ପିଢ଼ି ବଂଚାଇ ରଖିଥିବା ଆଦିବାସୀ, ଜନଜାତିର ଅସ୍ମିତା ଓ ଆତ୍ମସମ୍ମାନ ରକ୍ଷା କରିବା ସହିତ ସେମାନଙ୍କ ଜୀବନ ଜୀବିକାରେ ସୁଧାର ପାଇଁ ରାଜ୍ୟ ସରକାର ପ୍ରତିଶୃତିବଦ୍ଧ, ଏ ଦିଗରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଆଗାମୀ ଦିନରେ ସଶକ୍ତ ଆଦିବାସୀ ସମାଜ ଗଠନ ସହିତ ସମୃଦ୍ଧ ରାଜ୍ୟ ଗଠନରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସ୍ଥାନୀୟ ଟାଉନହଲ ଠାରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଶିବାଜୀ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ମୌଶଧି ବାଗ, ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, କଳାହାଣ୍ଡି ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀ, ଜିଲ୍ଲା ପରିଷଦ ଉପାଧକ୍ଷା ସୁଧୀରା ମେହେର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷ ସ୍ୱର୍ଣ୍ଣ ଚମ୍ପା ମାଝୀ, ଭବାନୀପାଟଣା ପୌର ପରିଷଦ ଅଧକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ହଲବା ସମାଜର ଜିଲ୍ଲା ସଭାପତି ସହଦେବ ନେଗୀ, ବିଞ୍ଝାଲ ସମାଜ ସଭାପତି ସମ୍ପଦ ବରିହା, କନ୍ଧ ସମାଜର ଜିଲ୍ଲା ସଭାପତି ରାଜେନ୍ଦ୍ର ଭୋଇ, ଭତ୍ରା ସମାଜର ସଭାପତି କୈଳାସ ଚନ୍ଦ୍ର ମାଝୀ, ମିର୍ଦ୍ଧା ସମାଜର ସଭାପତି ସ୍ୱୟଂମ୍ବର ମିର୍ଦ୍ଧା, ଧୁବଗଣ୍ଡ ସମାଜର ସଭାପତି ଜଗମୋହନ ମାଝୀ, ଗଣ୍ଡ ସମାଜର ସଭାପତି ପଦ୍ମନ ପାତ୍ର, ଆଦିବାସୀ ସଙ୍ଘର ସଭାପତି ପ୍ରକାଶ ମାଝୀ, ସମ୍ପାଦକ ଋତୁରାଜ ମାଝୀ, ବଂଜାରା ସମାଜର ସଭାପତି ଲଳିତ ନାଏକ ଏହି ଅବସରରେ ମଂଚାସୀନ ଥିଲେ। ଜିଲ୍ଲା ଯୋଜନା ସମ୍ମନ୍ୱୟ ବିଭାଗ ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ବିଭିନ୍ନ ବର୍ଗର ଆଦିବାସୀ ଜନଜାତି ସମୁହର ବହୁସଂଖ୍ୟକ ନେତୃସ୍ଥାନୀୟ ପୁରୁଷ, ମହିଳା ଯୋଗଦେଇଥିଲେ।

# ନୂତନ ଜିଲ୍ଲା କଂଗ୍ରେସ କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା

କନ୍ଧମାଳ, ୨୬/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ମହକୁମା ସ୍ଥିତ ସ୍ଥାନୀୟ ମାଷ୍ଟରପଡା ନିକଟସ୍ଥ ନେତାଜୀ କ୍ଲବ ଠାରେ ନୂତନ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡାଙ୍କ ପ୍ରତିନିଧିତ୍ୱରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ୟାଦିକ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସମଗ୍ର କନ୍ଧମାଳ ଜିଲ୍ଲା କଂଗ୍ରେସର ବରିଷ୍ଠ ଉପ ସଭାପତି ୯ ଜଣ, ଉପ ସଭାପତି ଭାବେ ୮ଜଣ, ସାଧାରଣ ସମ୍ପାଦକ ଭାବେ ୧ ୧ ଜଣ, ସମ୍ପାଦକ ୧୮ ଜଣ, କାର୍ଯ୍ୟକାରୀ ସଦସ୍ୟ ଭାବେ ୧ ୨ ଜଣ, ନିମନ୍ତ୍ରିତ ସଦସ୍ୟ ସମସ୍ତ ଫ୍ରଂଟ ସଂଗଠନ ଏବଂ ବ୍ଲକ ସଭାପତି ଭାବେ ୧ ୨ ଜଣ, ନଗର ସଭାପତି ଭାବେ ୩ ଜଣଙ୍କ ସହ ୧୮ ଜଣ ଯୋନ ସଭାପତିଙ୍କ ସହ କାର୍ଯ୍ୟକର୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ସାଂସଦ ଓ ବିଧାୟକଙ୍କ ନିଷ୍କ୍ରିୟତା, ନିର୍ବାଚନ କମିସନରଙ୍କ ଗାଇଡ ଲାଇନ ଅନୁସରଣ କରିବା ଉପରେ ଆଲୋକପାତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଡିସିସି ସଭାପତି ଅନାମ ନାୟକ,ବରିଷ୍ଠ ନେତା ହେମନ୍ତ କର, ଆଇନଜିବି ବିଜୟ କୁମାର ମହାନ୍ତି, ନନ୍ଦ କିଶୋର ଦାସ,ରଜତ କୁମାର ମହାନ୍ତି ଗୌର ଚରଣ ବେହେରା, ସଞ୍ଜୟ କୁମାର କହଁର, ଏ ଆଇ ସି ସି ସଦସ୍ୟ ଘନ କୁମାର ଶବର, ଆଇନଜିବୀ ରଜତ କୁମାର ମହାନ୍ତି, ସାଧାରଣ ସମ୍ପାଦକ ବସନ୍ତ ପାଢୀ,ନଗର ସଭାପତି ଶିବ ଶଙ୍କର ବେହେରା, ସୋସିଆଲ ମିଡିଆ ଜିଲ୍ଲା କଂଗ୍ରେସ କମିଟି ଅଧକ୍ଷ କନ୍ଧମାଳ ବଳଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଯମୁନାକୋଟରେ ସାପ୍ତାହିକ ଭାଗବତ ପାରାୟଣ ଉଦ୍ଯାପିତ

ଭୁବନ, ୨୬/୨ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଯମୁନାକୋଟ ଭାଗବତ ଟୁଙ୍ଗୀ ଆନୁକୁଲ୍ୟରେ ଗତ ୧୮ ତାରିଖ ଠାରୁ ଆରମ୍ଭ ହୋଇଥିବା ସାପ୍ତାହିକ ଭାଗବତ ପାରାୟଣ ଗତକାଲି ସନ୍ଧ୍ୟାରେ ଉଦଯାପନ ହୋଇଯାଇଛି । ବ୍ୟାସ ଭାବେ ପଣ୍ଡିତ ନୀଳମଣି ପଣ୍ଡା, ଧାରକ ଭାବେ ନିରଞ୍ଜନ ମିଶ୍ର, ପରିକ୍ଷିତ ଭୂମିକାରେ ଗତିକୃଷ୍ଣ ନାୟକ ଯୋଗଦାନ କରିଥିଲେ। ପଣ୍ଡିତ ଜ୍ୟୋତି ପ୍ରକାଶ ମିଶ୍ର, ପଣ୍ଡିତ ପ୍ରମୋଦ ଦାଶ, ପଣ୍ଡିତ ସୁବୋଧ ପଣ୍ଡା ଓ ପଣ୍ଡିତ ରବୀନ୍ଦ୍ର କୁମାର ଦାଶ ବହୁ ତାତ୍ୱିକ ଭାଗବତ ପ୍ରବଚନ ପ୍ରଦାନ କରି ଶ୍ରୋତା ମାନଙ୍କୁ ଅଭିଭୂତ କରିଥିଲେ। ପଣ୍ଡିତ ସୁବୋଧ ପଣ୍ଡା ବ୍ୟାସ କୃତ ସଂସ୍କୃତ ଭାଗବତ ଓ ବିଭିନ୍ନ ସଂସ୍କୃତ ପୁରାଣ, ସଂହିତାର ଶ୍ଳୋକକୁ ଅନର୍ଗଳ ଉଦାତ କଣ୍ଠରେ ଗାନ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ନନ୍ଦୋତ୍ସବ ଓ ନଗର ପରିକ୍ରମା ପାରାୟଣର ମାନବୃଦ୍ଧି କରିଥିଲା। ପ୍ରତି ସନ୍ଧ୍ୟାରେ କେଶବ ଠାକୁର, ସତ୍ୟସାଇ, ଗାୟତ୍ରୀ ଓ ସଂକୀର୍ତନ ମଣ୍ଡଳୀ ଭଜନ ପରିବେଷଣ କରିଥିଲେ। ଅନ୍ତିମ ଦିନ ବାଲଭୋଗ, ମହାପୂଜା, ଯଜ୍ଞ, ପ୍ରବଚନ, ବ୍ୟାସ ଶୁକ ପୂଜା କରାଯାଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାଣି ପାରାୟଣର ଐତିହ୍ୟ, ଭାଗବତ ଟୁଙ୍ଗୀର ସ୍ଥିତି ଜଣାଇ ଲୋକ ମାନେ ପାରାୟଣକୁ ଅକୁଣ୍ଠିତ ଭାବରେ ସାହାଯ୍ୟ କରୁଥିବା ଓ ଗୁରୁ ଭାଇ ବ୍ରଜବନ୍ଧୁ ରାଉତ ପ୍ରେରଣା ପ୍ରଦାନ କରୁଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଭାକର ପୋଇ ଓ ସାଥି ମାନେ ହରିନାମ ଉଚ୍ଚାରଣ କରି ଆଧାତ୍ମିକ ମାହୋଲ୍ ସୃଷ୍ଟି କରି ହରିବୋଲ ହୁଳହୁଳି ଧ୍ୱନୀରେ ପାରାୟଣ ସମାପନା କରିଥିଲେ। ଦିନ ୧୧ ଟାରୁ ରାତି ୧୧ ପର୍ଯ୍ୟନ୍ତ ଅନ୍ନଭୋଗ ପ୍ରଦାନ କରାଯାଇଥିଲା। ଭାଗବତ ଟୁଙ୍ଗୀ ର ଗୁରୁଭାଇମାନେ ଯଥା ଅଦ୍ୱୈତ ସାହୁ, ଅଚ୍ୟୁତାନନ୍ଦ ସାହୁ, ଭୀମସେନ ସାହୁ, ଶୁକ ରାଉତ, ଶଙ୍କର୍ଷଣ ନାୟକ, ଅନନ୍ତ ସାହୁ, କେଶବ ମଲିକ, ବିକ୍ରମ ବେହେରା, ବ୍ରଜବନ୍ଧୁ ରାଉତ, ମଦନ ବେହେରା, ଚକ୍ରଧର କାଣ୍ଡି, ରଞ୍ଜନ ସାହୁ ପ୍ରମୁଖ ଗୁରୁ ଭାଇମାନେ ସହଯୋଗ କରିଥିଲେ। ସାମଗ୍ରିକ ଭାବରେ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାଣି ପାରାୟଣ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଦେଶବାସୀଙ୍କୁ ପ୍ରେରଣା ଯୋଗାଉଛି : ମନମୋହନ ସାମଲ

ଭୁବନେଶ୍ୱର, ୨୬/୨ (ନି.ପ୍ର): ଜଣେ ସାଧାରଣ ଲୋକଟି ନିଜର ଅସାଧାରଣ କାର୍ଯ୍ୟ ପାଇଁ ସମାଜରେ ବିଶେଷ ସ୍ଥାନ ଅର୍ଜନ କରିବା ସହିତ ନିଜ ଅଂଚଳ ତଥା ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥାଏ । ଏଭଳି ମହାନ ବ୍ୟକ୍ତିତ୍ୱଙ୍କୁ ଲୋକଲୋଚନକୁ ଆଣିବା ପାଇଁ 'ପ୍ରଧାନମନ୍ତ୍ରୀ ମନ୍ କି ବାତ୍' କାର୍ଯ୍ୟକ୍ରମ ଏକ ବଡ ମାଧ୍ୟମ ସାଜିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ମାସର ଶେଷ ରବିବାର ଦିନ 'ମନ କି ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କୁ ମନର କଥା କହିଥାନ୍ତି। ୨୦୧୪ମସିହାରେ ମୋଦିଜୀ ପ୍ରଥମଥର ପାଇଁ 'ମନ କି ବାତ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯେଉଁ ଭଳି ଭାବେ ସାଧାରଣ ଦେଶବାସୀଙ୍କ ମନର କଥାକୁ ବାଖ୍ୟା କରୁଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ। ମୋଦିଜୀ ଏହି କାର୍ଯ୍ୟକ୍ରମର ଲୋକପ୍ରିୟତା ଦେଶ ତଥା ସାରା ବିଶ୍ୱରେ ପ୍ରତିଷ୍ଠା ଲାଭ କରିଛି । ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା ଏବଂ ଲୋକମାନଙ୍କ ସଫଳତାକୁ ପରିଚିତ କରିବା କାର୍ଯ୍ୟଟି ବିଶ୍ୱରେ କୌଣସି ରାଷ୍ଟ୍ରମୁଖ୍ୟ କରିନାହାନ୍ତି। ମୋଦିଜୀ ସାହିତ୍ୟ, କଳା, ସଂସ୍କୃତି, ପରମ୍ପରା, ବିଜ୍ଞାନ ପରିପ୍ରକାଶ କରିବା ଦ୍ୱାରା ଲୋକେ ପ୍ରେରଣା ପାଇବା ସହ ସ୍ୱାବଲମ୍ବି ହୋଇ ଉଦାହରଣ ସୃଷ୍ଟି କରିଛନ୍ତି। ମୋଦିଜୀ 'ମନ କି ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ସମାଜକୁ ଜାଗ୍ରତ କରିବା ସହ ଲୋକଙ୍କୁ ଜାଗ୍ରତ କରିପାରିଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ଆଜି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ଏକାମ୍ର ନିର୍ବାଚନ ମଣ୍ଡଳୀର ୧୯୬ ନମ୍ବର ବୁଥ୍‌ରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ୧୧୦ତମ "ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍" କାର୍ଯ୍ୟକ୍ରମ ଶୁଣିଛନ୍ତି। ଓଡିଶାବାସୀଙ୍କ ସମେତ ପ୍ରତ୍ୟେକ ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିବା ପାଇଁ ବ୍ୟାକୁଳତାର ସହ ଅପେକ୍ଷାରତଥାନ୍ତି । ମୋଦିଜୀ 'ମନ କି ବାତ୍'ରେ ଓଡ଼ିଶା ରାଜ୍ୟର କଳାହାଣ୍ଡିର ଦମ୍ପତୀ ଜୟନ୍ତୀ ମହାପାତ୍ର ଓ ବୀରେନ ସାହୁ ନିଜେ ସ୍ୱାବଲମ୍ବୀ ହେବା ସହ ଗ୍ରାମର ଅନ୍ୟ ଲୋକଙ୍କୁ ମଧ ନିଯୁକ୍ତି ଦେବାରେ ସକ୍ଷମ ହୋଇଥିବା ତାଙ୍କ ସଂଘର୍ଷ କାହାଣୀ ବଖାଣିଛନ୍ତି ଏବଂ ଓଡିଆଙ୍କୁ ପ୍ରଶଂସା କରିଛନ୍ତି। କଳାହାଣ୍ଡିର ଦମ୍ପତିଙ୍କ ସଂଘର୍ଷ କାହାଣୀକୁ ଲୋକଲୋଚନକୁ ଆଣିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ରାଜ୍ୟ ସଭାପତି ଶ୍ରୀ ସାମଲ। ସେହିପରି ଦେଶର ବିକାଶ କ୍ଷେତ୍ରରେ ମାତୃଶକ୍ତି ଏବଂ ଯୁବଶକ୍ତିର ଯୋଗଦାନକୁ ପ୍ରାଧାନ୍ୟ ଦେବା ସହିତ ସୁଦୃଢ ଗଣତାନ୍ତ୍ରୀକ ବ୍ୟବସ୍ଥା ଏବଂ ବିକଶିତ ଭାରତ ଗଠନରେ ସେମାନଙ୍କ ଅଗ୍ରଣୀ ଭୂମିକାକୁ ମନେ ପକାଇଛନ୍ତି । ବାସ୍ତବରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ପ୍ରତ୍ୟେକ ଦେଶବାସୀଙ୍କୁ ପ୍ରେରଣା ଯୋଗାଉଛି ବୋଲି ଶ୍ରୀ ସାମଲ କହିଛନ୍ତି ।

ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ, ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ସୁବାଷିନୀ ପୃଷ୍ଟି, ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ବୁଥ୍ ସଭାପତି ବୁଲୁ ସିଂହ, ପ୍ରଶାନ୍ତ ନାୟକ, ତାପସ ଦଳାଇଙ୍କ ସମେତ ଅନେକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ତହଁକ କୁଟୁମ ତରଫରୁ ବଲାଙ୍ଗିରଠାରେ କୋଶଳୀ ସ୍ୱାଭିମାନ ଦିନ୍ ପାଳିତ

ବଲାଙ୍ଗିର, ୨୬/୨ (ନି.ପ୍ର): କୋଶଲ ରତ୍ନ ପଣ୍ଡିତ ପ୍ରୟାଗଦତ ଯୋଶୀଙ୍କ ଜନ୍ମ ଜୟନ୍ତୀ । ଏହି ଅବସରରେ ଦୀର୍ଘ ବର୍ଷ ହେବ ସାରା ଓଡିଶାରେ ଏହି ଦିନକୁ କୋଶଳୀ ସ୍ୱାଭିମାନ ଦିନ୍ ଭାବରେ ପାଳନ କରାଯାଉଛି। ଏହି କ୍ରମରେ ପଶ୍ଚିମ ଓଡିଶାରେ କୋଶଳୀ ଭାଷା ସାହିତ୍ୟକୁ ଆଗକୁ ନେଉଥିବା ବଲାଙ୍ଗିରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ତହଁକ କୁଟୁମ ତରଫରୁ ବଲାଙ୍ଗିର ଠାରେ କୋଶଳୀ ସ୍ୱାଭିମାନ ଦିନ୍ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଯୋଶୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରାଜୀବ ପ୍ରସାଦ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ସଭାରେ କବି ଦିଲୀପ କୁମାର ମିଶ୍ର ବକ୍ତା ଭାବରେ ଯୋଗଦେଇ ଓଡିଆ ଏବଂ କୋଶଳୀ ଭାଷାର ସମୃଦ୍ଧ ପାଇଁ ପଣ୍ଡିତ ଯୋଷୀଙ୍କ ଅବଦାନ ଅତୁଳନୀୟ ବୋଲି ମତ ରଖିଥିବାବେଳେ ତହଁକ୍ ସମ୍ପାଦକ ରାଜେଶ ଦଣ୍ଡସେନା ଆମେ ଯଦି ଆଜି କୋଶଳୀ ଭାଷା ବୋଲି ଏକ ସ୍ୱତନ୍ତ୍ର ପରିଚୟ ପାଇଛେ ସେଇଟା କେବଳ ପଣ୍ଡିତ ଯୋଶୀଙ୍କର ପ୍ରଚେଷ୍ଟାରେ ହିଁ ସମ୍ଭବ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କବି ଅର୍ଜୁନ କୁମାର ସାହୁ ପରିଚାଳନା କରିଥିବା ବେଳେ କବିତା ଆସରକୁ ପ୍ରଭାସିନି ଭୋଇ ସଂଯୋଜନା କରିଥିଲେ। ସୁଦେଷ୍ଣା ମିଶ୍ର, ସାଲିନି ସା, ମିଳନ ପଣ୍ଡା, ପୁଷ୍ପାଞ୍ଜଳି ମେହେର, ଗୋପାଳ ଚନ୍ଦ୍ର ମେହେର ପ୍ରମୁଖ ସହଯୋଗ କରିଥିବାବେଳେ ନାଟ୍ୟକାର ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ହସ୍ପିଟାଲର ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାସୁଦେବପୁର, ୨୬/୨ (ନି.ପ୍ର): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭର୍ଚୁଆଲ ମାଧମରେ ଆମ ହସ୍ପିଟାଲର ରୂପାନ୍ତର କରଣ କାର୍ଯକ୍ରମ ର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌର ପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ବିଡ଼ିଓ ସଞ୍ଜୀବ କୁମାର ସାହୁ, ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ, ସମାଜ ସେବୀ ଶୁଭେନ୍ଦୁ ଭୂଷଣ ବେହେରା, ଡାକ୍ତର ସୁଶାନ୍ତ ସାମନ୍ତ, ପୌର ପାଳିକା ଉପାଧକ୍ଷ ଉତ୍ତମ ବାରିକ, ବ୍ଲକ ସହକାରୀ ଯନ୍ତ୍ରୀ ଅନିମେଶ ସୁବୁଦ୍ଧି ରାୟ । ସ୍ୱାସ୍ଥ୍ୟ ସେବା ସବୁଠୁ ଗୁରୁତ୍ୱ ପୂର୍ଣ୍ଣ । ସମସ୍ତ ଜୀବନ ମୂଲ୍ୟବାନ ।

# ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର, ୨୬/୨ (ନି.ପ୍ର): ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଚତୁର୍ଦ୍ଦଶ ରାଜ୍ୟ ସ୍ତରୀୟ ସମ୍ମିଳନୀ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ହିଲ୍ ପାଟନା ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଓଡିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଆବାହକ ରବିନ୍ଦ୍ର କୁମାର ପ୍ରଧାନଙ୍କ ଆହ୍ୱାନ କ୍ରମେ ଓଡ଼ିଶାର ସମସ୍ତ ଜିଲ୍ଲାରୁ ବିଭିନ୍ନ ବିଭାଗରେ କାର୍ଯ୍ୟ ରତ କର୍ମଚାରୀ ଓ କର୍ମକର୍ତା ଯୋଗଦାନ କରିଥିଲେ । ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଉପ ସଭାପତି ଲକ୍ଷ୍ମୀ ନାରାୟଣ ସେଠୀ ସଭାପତିତ୍ୱ କରିଥିଲାବେଳେ ପ୍ରସନ୍ନ କୁମାର ତ୍ରିପାଠୀ, ପୁର୍ବତନ କାର୍ଯ୍ୟକାରୀ ସଭାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ସାଂସଦ ଶ୍ରୀମତୀ ପ୍ରମିଳା ବିଷୋୟୀ, ବିଧାୟକ ବିକ୍ରମ କୁମାର ପଣ୍ଡା, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଯୋଜନା ବୋର୍ଡ ସଦସ୍ୟ , କାଜୁ ନିଗମ ଅଧକ୍ଷ ସୁବାସ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟତଃ କର୍ମଚାରୀ ମାନଙ୍କର ସମୂହ ୧୬ ଦଫା ନ୍ୟାର୍ଯ୍ୟ ଦାବି ବିଧାୟକ , ସାଂସଦ , ଅନ୍ୟ କର୍ମଚାରୀ ନେତା ଓ ମିଡ଼ିଆ ବନ୍ଧୁ ମାନଙ୍କ ଜରିଆରେ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ମୁଖ୍ୟତଃ ପୁଣା ପେନସନ୍ ଲାଗୁ କରିବା, ପୁରୁଣା ନିୟମ ଅନୁଯାୟୀ ନିଯୁକ୍ତି , ବ୍ଲକ ଠାରୁ ସଚିବାଳୟ ପର୍ଯ୍ୟନ୍ତ ସମାନ କାମକୁ ସମାନ ଦରମା ନୀତି, ସମାନ ଷ୍କେଫିଙ୍ଗି ପ୍ୟାଟର୍ଣ୍ଣ, ଜିଲ୍ଲା ସ୍ତରୀୟ ଅମଲାଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ କନିଷ୍ଠ ସହାୟକ ଦରମା ଲେଭଲ-୯, ସରକାରୀ କର୍ମଚାରୀ ମାନଙ୍କୁ ୨୦ ଲକ୍ଷ୍ୟ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ, କେନ୍ଦ୍ରୀୟ ହାରରେ ୨୦୧୬ ମସିହାରୁ ଘର ଭଡା ପ୍ରଦାନ, ସରେଣ୍ଡର ଲିଭ୍ ପୁନଃ ପ୍ରଚଳନ, ଜନସଂଖ୍ୟା ଓ ବିଭିନ୍ନ ପ୍ରକାରର ଯୋଜନା ଅନୁଯାୟୀ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି,ପ୍ରତ୍ୟେକ କର୍ମଚାରୀମାନଙ୍କୁ ୪ ବର୍ଷରେ ପ୍ରୋମୋସନ ଦିଆଯାଉ ଅଥବା ବର୍ଦ୍ଧିତ ବେତନ ପ୍ରଦାନ ସହିତ କ୍ୟାଡର ପୁନର୍ଗଠନ, କର୍ମଚାରୀ ମାନଙ୍କ ପରିବାର ସହିତ ଦେଶ ମଧରେ ବୁଲିବା ପାଇଁ ଆର୍ଥିକ ସହାୟତା ପ୍ରଦାନ, ଆଉଟସୋର୍ସିଂ ନିଯୁକ୍ତି ବନ୍ଦ ସହିତ ନିଯୁକ୍ତି ପାଇଥିବା କର୍ମଚାରୀ ମାନଙ୍କୁ ସରକାରୀ ପଦରେ ନିଯୁକ୍ତି କରିବାକୁ ମୁଖ୍ୟମନ୍ତ୍ରୀ ମହୋଦୟଙ୍କୁ ଅନୁରୋଧ କରିଥିଲେ। ଶେଷରେ ମୁଖ୍ୟ ଉପଦେଷ୍ଟା ଭାବେ ଜଗବନ୍ଧୁ ପାତ୍ର, ଅଧକ୍ଷ ଭାବେସୁନନ୍ଦ କାନୁନଗୋ, ନାରାୟଣ ଦାଶଙ୍କୁ ରାଜ୍ୟ ସଭାପତି, ରବୀନ୍ଦ୍ରନାଥ ପ୍ରଧାନଙ୍କୁ ସାଧାରଣ ସମ୍ପାଦକ ଓ କାର୍ଯ୍ୟକାରୀ ସଭାପତି ରୂପେ ଜ୍ଞାନ ରଞ୍ଜନ ଦାସଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପାଇଁ ମନୋନୀତ କରାଯାଇଥିଲା ।

# ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ




ନୀଳଗିରି, ୨୬/୨ (ନି.ପ୍ର): ନୀଳଗିରି ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣୀ ଶିବିରରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ, ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଦୁଲାଲ ସେନ ଜଗଦେବ, ପଞ୍ଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ତହସିଲଦାର ଦିପ୍ତିମୟୀ ବେହେରା, ବିଡ଼ିଓ ରାହୁଲ ମଣ୍ଡଳ ଯୋଗଦେଇ ଅଭିଯୋଗକାରୀ ମାନଙ୍କ ଅଭିଯୋଗର ଶୁଣାଣୀ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ଅଧିବାସୀ ସେମାନଙ୍କର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ମୋଟ ୪୭ ଗୋଟି ଅଭିଯୋଗ ମଧ୍ୟରୁ ଜମିଜମା, ରାସ୍ତାଘାଟ, ଜଳ ସମସ୍ୟା, ବିଦ୍ୟୁତ୍ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ଡାକ୍ତରୀ ଚିକିତ୍ସା ସମ୍ପର୍କିତ ଅଭିଯୋଗ ଶୁଣାଣୀ କରିଥିଲେ। ଏହି ଶିବିରରେ ୨ଜଣଙ୍କୁ ୧୦ହଜାର ଟଙ୍କା ଏବଂ ଜଣଙ୍କୁ ୫ହଜାର ଟଙ୍କା ଡାକ୍ତରୀ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ ସହିତ ଅନ୍ୟ ଅଭିଯୋଗ ଗୁଡିକ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଉପଖଣ୍ଡ ଏବଂ ଜିଲ୍ଲା ସ୍ତରୀୟ ବିଭାଗୀୟ ସମସ୍ତ ପଦାଧିକାରୀ, କର୍ମକର୍ତ୍ତା, ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଯୋଗକାରୀ ସମେତ ଗଣମାଧମର ପ୍ରତିନିଧି ଯୋଗ ଦେଇଥିଲେ।

# ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଓ ସହାୟକ ଉପକରଣ ବିତରଣ

ଭୁବନେଶ୍ୱର, ୨୬/୨ (ନି.ପ୍ର): ରାଜ୍ୟରେ ପ୍ରାୟ ୪ ଲକ୍ଷ ଭିନ୍ନକ୍ଷମ ରହିଥିବାବେଳେ ସେମାନଙ୍କୁ ଆବଶ୍ୟକୀୟ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ତଥା ଅନ୍ୟାନ୍ୟ ସହାୟକ ସରଞ୍ଜାମ ଯୋଗାଇ ଦିଆଯିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବିସ୍ତୃତ ଯୋଜନା ପ୍ରସ୍ତୁତ ହୋଇଛି ବୋଲି ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ସୋମବାର ୟୁନିଟ୍-୬ସ୍ଥିତ ବିଏମ୍‌ସି କଲ୍ୟାଣମଣ୍ଡପରେ ଆୟୋଜିତ ଏକ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ଜୟପୁରସ୍ଥିତ ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତିର ଶାଖା ବିଜୁ ମହାବୀର ଜୟପୁର ଫୁଟ୍ ସେଂଟର ଖୋର୍ଦ୍ଧାଠାରେ କାର୍ଯ୍ୟକରୁଛି ଏବଂ ଏହି ସଂସ୍ଥା ସାରା ରାଜ୍ୟରେ ବିଭିନ୍ନ କେନ୍ଦ୍ର ତଥା ଭ୍ରାମ୍ୟମାଣ ଶିବିର ଜରିଆରେ ଭିନ୍ନକ୍ଷମମାନଙ୍କୁ ସହାୟକ ଉପକରଣ ଯୋଗାଇଦେବ।

ଗତ ୧୯ ତାରିଖଠାରୁ ଆରମ୍ଭ ହୋଇଥିବା କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିତରଣ ସପ୍ତାହର ଉଦ୍‌ଯାପନୀ ଅବସରରେ ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ୭୨ଟି କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ, ୫ଟି ହୁଇଲ୍ ଚେୟାର, ୨ଟି ଟ୍ରାଇ-ସାଇକେଲ୍, ୫ ହଳ ସହାୟକ ଆଶାବାଡ଼ି ଏବଂ ୨ଟି ଏଲ୍‌ବୋ କ୍ରଚ୍ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପଣ୍ଡାଙ୍କ ସମେତ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, ଡାକ୍ତର ଶୀତିକଣ୍ଠ ଦାସ ଯୋଗଦେଇଥିଲେ। ଏହା ବ୍ୟତୀତ ଅତିରିକ୍ତ ମହାନିର୍ଦ୍ଦେଶକ (କ୍ରାଇମ୍) ଅରୁଣ ବୋଥ୍ରାଙ୍କ ସମେତ ୩୨୬୨ ଜିଲ୍ଲା ରୋଟାରୀ ସଂଗଠନର ବରିଷ୍ଠ କର୍ମକର୍ତାମାନେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ ଯେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ବିଜୁ ମହାବୀର ଜୟପୁର ଫୁଟ୍ ସେଂଟର ମିଳିତ ଭାବେ ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରେ ୨୮ରୁ ଅଧିକ ଭ୍ରାମ୍ୟମାଣ ଶିବିର ଆୟୋଜନ କ୍ରମେ ସହାୟକ ଉପକରଣ ବିତରଣ କରିସାରିଛନ୍ତି ଓ ପୂର୍ବରୁ ଅନୁଷ୍ଠିତ ଏହି ଶିବିରଗୁଡ଼ିକ ମାଧ୍ୟମରେ ୫୦୦ରୁ ଅଧିକ ହିତାଧିକାରୀ ଉପକୃତ ହୋଇଛନ୍ତି। ସାରା ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁରୂପ ଭାବରେ କୃତ୍ରିମ ଉପକରଣ ବିତରଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# ବିଜେଡ଼ିରେ ଯୋଗଦେଲେ ବ୍ରହ୍ମପୁର ମହାନଗର ନିଗମର ୪ ବିଜେପି କର୍ପୋରେଟର

ଭୁବନେଶ୍ୱର, ୨୬/୨ (ନି.ପ୍ର): ବ୍ରହ୍ମପୁର ମହାନଗର ନିଗମର ୪ ବିଜେପି କର୍ପୋରେଟର ସୋମବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ତଥା ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ମାନସ ମଙ୍ଗରାଜ, ସାଂସଦ ଡକ୍ଟର ସସ୍ମିତ ପାତ୍ର, ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ୪ ବିଜେପି କର୍ପୋରେଟରଙ୍କୁ ଶ୍ରୀ ମଙ୍ଗରାଜ ଓ ଡଃ ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଜେପି କର୍ପୋରେଟରଙ୍କ ଯୋଗଦାନ ଫଳରେ ବିଶେଷକରି ବ୍ରହ୍ମପୁର ମହାନଗର ନିଗମ ଓ ଗଞ୍ଜାମ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ମଙ୍ଗରାଜ ଓ ଡଃ ପାତ୍ର କହିଥିଲେ। ଏହି ମିଶ୍ରଣ ପର୍ବରେ ବ୍ରହ୍ମପୁର ମହାନଗର ନିଗମ ୨୦ନଂ ୱାର୍ଡ଼ କର୍ପୋରେଟର ଶ୍ରୀମତୀ ରଞ୍ଜିତା ବେହେରା, ୨୧ନଂ ୱାର୍ଡ଼ କର୍ପୋରେଟର ଡି. କରୁଣାକର, ୨୨ନଂ ୱାର୍ଡ଼ କର୍ପୋରେଟର ପ୍ରଦୀପ କୁମାର ଶତପଥୀ ଓ ୨୭ନଂ ୱାର୍ଡ଼ କର୍ପୋରେଟର ନୀଳକଣ୍ଠ ସାହୁ ବିଜେଡ଼ିରେ ସାମିଲ୍ ହୋଇଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପିର ୪ କର୍ପୋରେଟର ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ଦୀର୍ଘବର୍ଷ ହେଲା ଆମେ ବିଜେପି ଦଳ ପାଇଁ ଦିନରାତି କଠିନ ପରିଶ୍ରମ କରିଥିଲୁ, ହେଲେ ଯେଉଁ ଦଳ ପାଇଁ ବହୁ କଷ୍ଟ କରିଥିଲୁ ସେ ଦଳ ଆମକୁ ଅଣଦେଖା କଲା । ଗରିବ ଯୁବକ ଓ ଯୁବତୀଙ୍କ ଠାରୁ ଚାକିରି ନାଁରେ ଠକେଇ କରିଥିବା ଜନବିରୋଧୀ ନେତା ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେପି କୋଳେଇ ନେଇଛି। ଏହାକୁ ଆମେ ବିରୋଧ କରି ବିଜେପି ଦଳରୁ ବାହାରିଯିବା ପାଇଁ ନିଷ୍ପତି ନେଲୁ । ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ନୀତି ଆଦର୍ଶ ଓ ନୂଆ ଓଡ଼ିଶା ଗଠନ ଦିଗରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ ।

# ପୁଣି ଚର୍ଚ୍ଚାରେ ଶ୍ରୀନାଥ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ : ବିଦ୍ୟାଳୟ, ଏସ୍‌ଏମ୍‌ସି ଓ ପ୍ରଧାନ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଜଳେଶ୍ୱର , ୨୬/୨ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିର ଶାନ୍ତିଆଠାରେ ଥିବା ଶ୍ରୀନାଥ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ୫ଟି ଯୋଜନାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । ସର୍ବଶ୍ରେଷ୍ଠ ବିଦ୍ୟାଳୟ, ସର୍ବଶ୍ରେଷ୍ଠ ପରିଚାଳନା କମିଟି ଓ ସର୍ବଶ୍ରେଷ୍ଠ ପ୍ରଧାନ ଶିକ୍ଷକଭାବେ ପୁରସ୍କୃତ କରାଯାଇଥିବା ବେଳେ ମୋଟ ୧୪ଟି ପୁରସ୍କାର ହାତେଇବାରେ ସଫଳ ହୋଇଛନ୍ତି । ଶନିବାର ଦିନ ବାଲେଶ୍ୱର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ, ଜିଲା ଶିକ୍ଷାଧିକାରୀ ପ୍ରଭାତୀ ମଂଜରୀ ଦାସ, ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସ୍ୱରୂପ ଦାସ, ଜିଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଉପଲକ୍ଷେ ଆଜି ସୋମବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଫଳତା ଲାଗି ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଶିକ୍ଷକ ବଳରାମ ପ୍ରଧାନ, ଅଜିତ୍ ନନ୍ଦୀ, ବିନୋଦବିହାରୀ ଡଗର, ବୁଦ୍ଧେଶ୍ୱର ପାଳ, ହେମନ୍ତ ଦାସ, ସତ୍ୟରଂଜନ ଦାସ, ସମୀର ନନ୍ଦୀ, ଶଶାଙ୍କ ସୁର, ଶତୃଘ୍ନ ମହାନ୍ତି, ସନତ କୁମାର କର, ଗଗନ କୁମାର ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଭୂସମ୍ପତି ମୂଲ୍ୟ ପୁନଃ ନିର୍ଦ୍ଧାରଣ ସମ୍ପର୍କୀୟ ଆପତି ଅଭିଯୋଗ ଶୁଣାଣି

କେନ୍ଦ୍ରାପଡ଼ା, ୨୬/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ଭୂସମ୍ପତିର ମୂଲ୍ୟ ପୁନଃ ନିର୍ଦ୍ଧାରଣ ସଂମ୍ପର୍କୀୟ ଆପତି ଅଭିଯୋଗ ଶୁଣାଣି ପାଇଁ ଆହ୍ୱାନ କରାଯାଇଛି । ଓଡିଶା ଷ୍ଟାମ୍ପ (ସଂଶୋଧନ) ଆଇନ ୨୦୦୧ ଧାରା ୪୦(୧) ମୁତାବକ ଜିଲ୍ଲା ସ୍ତରୀୟ ମୂଲ୍ୟ ନିର୍ଦ୍ଧାରଣ କମିଟି ପକ୍ଷରୁ ସମସ୍ତ ପ୍ରକାର ଭୂସମ୍ପତି ମୂଲ୍ୟ ପୁନଃ ନିର୍ଦ୍ଧାରଣ କରାଯାଇଛି । ନିଜ ନିଜର ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ନିବନ୍ଧନ କାର୍ଯ୍ୟାଳୟ ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ରେ ଏହାର ତଥ୍ୟ ଉପଲବ୍ଧ ହେଉଛି । ଏହି ପୁନଃ ନିର୍ଦ୍ଧାରଣ ମୂଲ୍ୟ ସଂପର୍କରେ ଯଦି କାହାର କିଛି ଆପତି ଅଭିଯୋଗ ଥାଏ ତାହେଲେ ମାର୍ଚ୍ଚ ୧୪ ତାରିଖ ୫ଟା ୩୦ ମିନିଟ୍ ସୁଦ୍ଧା ନିକଟସ୍ଥ ନିବନ୍ଧନ କାର୍ଯ୍ୟାଳୟ, ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟ କିମ୍ବା ଜିଲ୍ଲାପାଳ କେନ୍ଦ୍ରାପଡାଙ୍କ କାର୍ଯ୍ୟାଳୟରେ ଆପତି ଅଭିଯୋଗ କାଗଜପତ୍ର ଦାଖଲ କରିପାରିବେ ବୋଲି କେନ୍ଦ୍ରାପଡା ଜିଲ୍ଲା ଉପ ନିବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଇସ୍ପାତ ଜେନେରାଲ ହସ୍ପିଟାଲର ଡାକ୍ତର ଏବଂ କର୍ମଚାରୀ ସାବାସ ଯୋଜନା ଅଧୀନରେ ପୁରସ୍କୃତ



ରାଉରକେଲା, ୨୬/୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲର ଡାକ୍ତର, ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ୨୧ ଜଣଙ୍କୁ ଫେବୃଆରୀ ୨୧ ତାରିଖରେ ଆୟୋଜିତ ଏକ ସମାରୋହରେ ସାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି କେ ହୋତା ଏହି ଉତ୍ସବରେ ଅଧକ୍ଷତା କରିଥିଲେ। ଏହି ଅବସରରେ ସିଏମଓ ଡାକ୍ତର ଏନ ପି ସାହୁ, ଡାକ୍ତର ଏଲ୍ କେ ବିଶ୍ୱାଳ, ଡାକ୍ତର ଜେ କେ ଆଚାର୍ଯ୍ୟ ଏବଂ ଡାକ୍ତର ପି କେ ମହାପାତ୍ର, ମଞ୍ଚାସୀନ ଥିଲେ । ଏହି ଅବସରରେ ଆଇଜିଏଚ୍ ର ଅନ୍ୟ ବରିଷ୍ଠ ଡାକ୍ତର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏହି ପୁରସ୍କାର ପ୍ରଦାନ କରିଥିଲେ। ଡାକ୍ତର ହୋତା କର୍ମଚାରୀଙ୍କ ଉଦାହରଣୀୟ ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଥିଲେ ଯାହା ଆଇଜିଏଚରେ ସାମଗ୍ରିକ ରୋଗୀ ସେବା ବ୍ୟବସ୍ଥାରେ ଉନ୍ନତି ଆଣିବାରେ ସାହାଯ୍ୟ କରିଛି । ଏହିପରି ସ୍ୱୀକୃତି ଅନ୍ୟମାନଙ୍କ ମଧ୍ୟରେ ଉତ୍କର୍ଷତାର ସଂସ୍କୃତି ବିସ୍ତାର କରିବ ବୋଲି ସେ ଆଶା ପ୍ରକଟ କରିଥିଲେ। ପୁରସ୍କାର ବିଜେତାଙ୍କ ମଧ୍ୟରେ ଆଇଜିଏଚ୍ ର ଡାକ୍ତର, ନର୍ସିଂ ଶିଷ୍ଟର, ଅଧିକାରୀ ଏବଂ ଅନ୍ୟ ପାରା ମେଡିକାଲ୍ ଷ୍ଟାଫ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମକୁ କାର୍ମିକ ବିଭାଗର ଜିଏମ ଶ୍ରୀ ଜି ଆର ଦାସ ସଂଯୋଜନା କରିଥିବାବେଳେ ଡେପୁଟି ମ୍ୟାନେଜର ଶ୍ରୀ ଏସ୍ ସି ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ କୃଷକକଲ୍ୟାଣକାରୀ ଯୋଜନାକୁ ନେଇ ୧୦ହଜାର ଗାଁକୁ ଯିବ କୃଷକମୋର୍ଚ୍ଚା

ଭୁବନେଶ୍ୱର, ୨୬/୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଚାଷୀମାନଙ୍କର ଆୟକୁ ଦୁଇଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନାରେ ଦେଶର ସମସ୍ତ ରାଜ୍ୟ ଚାଷୀମାନେ ଉପକୃତ ହେଉଥିବାବେଳେ ଓଡିଶାର ଚାଷୀ ଏଥିରୁ ବଂଚିତ ହେଉଛନ୍ତି। ଓଡିଶା ସରକାର କୃଷି ଯନ୍ତ୍ରପାତି କିଣାରେ ବ୍ୟାପକ ଦୁର୍ନୀତି, ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଓ ଧାନ କିଣାରେ ୫କିଲୋ ରୁ ୧୦କିଲୋ କଟନି ଛଟନି କରୁଥିବା, ଶୀତଳ ଭଣ୍ଡାର କରିବାରେ ବିଫଳତା, ଚାଷ ଜମିକୁ ଜଳସେଚନ କରିବାରେ ସଂପୂର୍ଣ୍ଣ ବିଫଳତା, କୃଷି ଋଣ କାରବାରରେ ବ୍ୟାପକ ଜାଲିଆତି, ଚାଷୀ ଆତ୍ମହତ୍ୟା ବିଷୟରେ ବିଜେପି କୃଷକମୋର୍ଚ୍ଚା ଓଡିଶାର ୧୦ହଜାର ଗ୍ରାମକୁ ଯାଇ କୃଷକ ପଂଚାୟତ କରିବା ସହିତ ଘର ଘର ସମ୍ପର୍କ କାର୍ଯ୍ୟାକ୍ରମ ବ୍ୟାପକଭାବେ କରି ଜନମତ ଜାଗ୍ରତ କରିବ। ଓଡ଼ିଶାରେ ଆଗାମୀ ନିର୍ବାଚନରେ ବିଜେପି ସରକାରକୁ ଆସିଲେ ଧାନ କୁଇଂଟାଲ ପ୍ରତି ୩୧ ଶହ ଟଙ୍କାରେ ଚାଷୀମାନଙ୍କଠାରୁ କିଣିବ। କୃଷି ପାଇଁ ବ୍ୟବହୃତ ବିଦ୍ୟୁତକୁ ମାଗଣାରେ ଚାଷୀମାନଙ୍କୁ ପ୍ରଦାନ କରାଯିବ। ଚାଷୀ ତାର ଫସଲର ଲାଭକାରୀ ମୂଲ୍ୟ ପାଇବା ପାଇଁ ବ୍ୟବସ୍ଥା କରାଯିବ। ପ୍ରାକୃତିକ ବିପର୍ଯ୍ୟୟରେ ଫସଲହାନିର ଶତପ୍ରତିଶତ କ୍ଷତିପୂରଣ ଚାଷୀକୁ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଓଡିଶା ରାଜ୍ୟର ସମସ୍ତ ପଂଚାୟତରେ ଗ୍ରାମ ପରିକ୍ରମା ଚାଲ ଅଭିଯାନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଜେପି କୃଷକମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ସୋମବାର ରାଜ୍ୟ କାର୍ଯ୍ୟାଳୟଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ ମହାନ୍ତି ଉପସ୍ଥିତ ରହି ସାରା ରାଜ୍ୟରେ ଗ୍ରାମ୍ୟ ପରିକ୍ରମା ଚାଲ ଅଭିଯାନ କାର୍ଯ୍ୟକ୍ରମକୁ ବ୍ୟାପକଭାବେ କରାଯିବା ସହିତ, କୃଷକମାନଙ୍କର ଆୟକୁ ଦୁଇଗୁଣା କରିବା ପାଇଁ ଭାରତ ବର୍ଷର ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଶାସନ କାଳରେ କୃଷକ କଲ୍ୟାଣକାରୀ ଯୋଜନା ବିଷୟରେ କୃଷକ ପଂଚାୟତ କରି ଲୋକମାନଙ୍କୁ ଅବଗତ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୧୨ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ବ୍ୟାପକଭାବେ କରିବା ପାଇଁ ପରାମର୍ଶ ଦେଇଥିଲେ। ନବୀନ ପଟ୍ଟନାୟକ ୨୪ବର୍ଷ ଶାସନରେ ବ୍ୟାପକ ଦୁର୍ନୀତି, ଭ୍ରଷ୍ଟାଚାର ଓ ଚାଷୀ ବିରୋଧୀ ନୀତି ବିରୁଦ୍ଧରେ ଜନମତ ଜାଗ୍ରତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ବିଜେପି କୃଷକ ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ଉପସଭାପତି ହୃଷୀକେଶ ଜେନା, ପ୍ରଦୀପ କୁମାର ପତ୍ରି, ହଳପାଣି ମାଝୀ, ବିପଦ ଭଞ୍ଜନ ଦାସ, ଅଶୋକ କୁମାର ରଥ, ଜଗନ୍ନାଥ ମହାପାତ୍ର, ମନୋଜ କୁମାର ସାହୁ, ଉପେନ୍ଦ୍ର ରାଉଲ, କୈଶିକ ଚାନ୍ଦ, ଅଜୟ କୁମାର ପ୍ରଧାନ, ଭାଗିରଥି ସିଂ, ଶ୍ରୀନିବାସ ପ୍ରଧାନ, ବିକ୍ରମ କୁମାର ପ୍ରଧାନ, ବିକ୍ରମ କେଶରୀ ରାଉତରାୟ, ଶିବ ମିଶ୍ର, ବିଶ୍ୱଜିତ୍ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ପୁରାତନ ଛାତ୍ରୀ ସମାବେଶ

କେନ୍ଦ୍ରାପଡ଼ା, ୨୬/୨ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟର ପରିସରରେ ପୁରାତନ ଛାତ୍ରୀମାନଙ୍କର ଏକ ସମାବେଶ ପୁରାତନ ଛାତ୍ରୀ ପରିଷଦର ସ୍ଥାୟୀ ସଭାପତି ଶ୍ରୀମତୀ ସୁଲୋଚନା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ଅଧକ୍ଷା ଡ଼ ପ୍ରମିଳାରାଣୀ ବେହେରା , ପୂର୍ବତନ ଅଧକ୍ଷ ରଞ୍ଜିତ୍ ରଞ୍ଜନ ସାହୁ, ପ୍ରାଧାପିକା ଜ୍ୟୋସ୍ନାମୟୀ ପତି, ପ୍ରାକ୍ତନ ପ୍ରାଧାପିକା ଡ଼ ଶାନ୍ତିଲତା କର ଓ ପ୍ରାଧାପିକା ପ୍ରତିଜ୍ଞା ସାମଲ, ପୁରାତନ ଛାତ୍ରୀ ସଂସଦର ସମ୍ପାଦିକା ପ୍ରାଧାପିକା ସବିତା ଦାସ ମଂଚାସୀନ ଥିଲେ। ସମ୍ପାଦିକା ପ୍ରାଧାପିକା ଦାସ ବିବରଣୀ ପାଠ କରିବା ସହିତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପୁରାତନ ଛାତ୍ରୀମାନେ ମହାବିଦ୍ୟାଳୟର ସାମଗ୍ରୀକ ବିକାଶରେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବାକୁ ମଂଚାସୀନ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରାକ୍ତନ ପ୍ରାଧାପିକା ଡ଼ ଶାନ୍ତିଲତା କର , ପ୍ରାଧାପିକା ପ୍ରତିଜ୍ଞା ସାମଲ ଓ ପୁରାତନ ଛାତ୍ରୀ ସୋନମ୍ ଦାସ ଏବଂ ମୋନାଲିସାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ରୀମାନେ ନିଜ ନିଜ କଲେଜ ଜୀବନୀର ଅଭୁଲା ଅନୁଭୂତି ପ୍ରକାଶ କରିବା ସହ ମହାବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ବର୍ତମାନ କଲେଜରେ କାର୍ଯ୍ୟରତ ସଦସ୍ୟା ଅବନ୍ତୀ କୁମାରୀ ପୃଷ୍ଟି , ଆରତୀ ଚୌଧୁରୀ, ମୋନାଲିସା ସାହୁ, ସୁଭଦ୍ରା ସାମଲ , ଜ୍ୟୋର୍ତିମୟୀ ଦାସ, ବର୍ଷାରାଣୀ ଜେନା ପ୍ରମୁଖ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଏହି ସମାବେଶରେ ପ୍ରାୟ ଏକଶହ ରୁ ଉର୍ଦ୍ଧ ପୁରାତନ ଛାତ୍ରୀ ଯୋଗଦେଇଥିଲେ।

ମଙ୍ଗଳବାର, ଫେବୃଆରୀ ୨୭, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବସ୍ତାରେ ଆମ ହସ୍ପିଟାଲକୁ ଉଦ୍ଘାଟନ କଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ବସ୍ତା, ୨୬/୨ (ନି.ପ୍ର): ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ଆଉଟିକେ ଆଗକୁ ନେବାପାଇଁ ବସ୍ତା ଠାରେ ଆଜି ଆମ ହସ୍ପିଟାଲ କୁ ଭିଡିଓ କଫରେନ୍ସ ଯୋଗେ ଉଦ୍ଘାଟନ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଅନ୍ୟମାନଙ୍କ ମଧ୍ୟରେ ଆଜିର ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ,ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଯଶିରକେ ,ବସ୍ତା ବ୍ଲକ୍ ଅଧକ୍ଷା ଅଞ୍ଜଳି ଦାସ,ବସ୍ତା ବିଡ଼ିଓ ମୋହିନୀ କୁମାର୍ ନାୟକ,ବସ୍ତା ତହସିଲଦାର ରାଧାରଂଜନ ଦାସ,ବସ୍ତା ଡାକ୍ତରଖାନା ସୁପରିଟେଣ୍ଡେ ଡ଼ା ଦେବବ୍ରତ ଜେନା,ଅତିରିକ୍ତ ତହସିଲଦାର ସୃତିରଞ୍ଜନ ଟୁଡୁ,ରୋଗୀ କଲ୍ୟାଣ ସମିତି ସଦସ୍ୟ ଅନିଲ କୁମାର ମହାନ୍ତି,ମହାଦେବ ଦାସ, ସତ୍ୟନାରାୟଣ କରନାନି,ଶଙ୍କର କୁମାର୍ କର,ଜିଲ୍ଲା ଆଶା ମ୍ୟାନେଜର ସୁରଜିତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆମ ହସ୍ପିଟାଲ କୁ ଉଦ୍ଘାଟନ କରିବା ସହିତ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ କ୍ଷେତ୍ର ଭିତ୍ତିଭୂମି କୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପ ନେଇଥିବା ବେଳେ ଆଜି ଆମ ହସ୍ପିଟାଲ ର ଦ୍ୱିତୀୟ ପର୍ଯ୍ୟାୟ ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି । ଆଗକୁ ରାଜ୍ୟରେ ଏମିତି ସବୁ ବ୍ଲକ୍ ମୁଖ୍ୟାଳୟ ରେ ଆମ ହସ୍ପିଟାଲ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଘୋଷଣା କରିଥିଲେ। ଅନୁପମ



ମହାନ୍ତି,ରାକେଶ କୁମାର ମୁଦୁଲି,ଅଜୟ କୁମାରଦାସ ଚିନ୍ନ ରାଉଳ,ରାଜୀବ ଗାନ୍ଧି ସଚ୍ଚିଦାନନ୍ଦ ଦେ,ରାକେଶ ବେହେରା,ରାଜୀବ ବେହେରା,ଯୋଗେଶ ସାହୁ, ବିନୋଦ ଜେନା,ହୃଦାନନ୍ଦ ମହନ୍ତ, ଅଶୋକ ଦେ, ମନୀଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଉଦଳାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

## ବାପା- ମା' ଛେଉଣ୍ଡ ପିଲାଙ୍କ ଦୁଃଖ ବର୍ଣ୍ଣନା କଲେ ସାମାଜିକ କର୍ମୀ ସୁବ୍ରତ



ଉଦଳା , ୨୬/୨ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଚଳିତ ଫେବୃଆରି ମାସ ୨୬ ତାରିଖ ସୋମବାର ଦିନ ଉଦଳା ଠାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି । ଏହି ଶୁଣାଣି ସମୟରେ କପ୍ତିପଦା ଉପଖଣ୍ଡ ମଧ୍ୟରେ ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବା, ଅଧାରୁ ପାଠ ପଢ଼ା ଛାଡୁଥିବା ଓ ବାପା-ମା' ଛେଉଣ୍ଡ ପିଲାମାନେ କିପ୍ରକାର ଦୁଃଖ ଯନ୍ତ୍ରଣା ମଧ୍ୟରେ ଦିନ ବିତାଉଛନ୍ତି ସେ ସମ୍ପର୍କରେ ସାମାଜିକ କର୍ମି ସୁବ୍ରତ କୁମାର ମହାନ୍ତି ବିସ୍ତୃତ ବର୍ଣ୍ଣନା କରିବା ସହ ଏକ ଲିଖିତ ଦରଖାସ୍ତ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଏହି ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି ।

# ଡାକ କର୍ମଚାରୀ ସଂଘର ଦ୍ୱାଦଶତମ ଦ୍ୱିବାର୍ଷିକ ସମ୍ମିଳନୀ ଅନୁଷ୍ଠିତ

ବାଲେଶ୍ୱର, ୨୬/୨ (ନି.ପ୍ର): ଅଖିଳ ଭାରତୀୟ ଡାକ କର୍ମଚାରୀ ତୃତୀୟଶ୍ରେଣୀ, ପୋଷ୍ଟମେନ୍ ଓ ଏମ୍‌ଟିଏସ୍‌ମାନଙ୍କର ଦ୍ୱାଦଶତମ ଦ୍ୱିବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଗତକାଲି ସହଦେବଖୁଣ୍ଟାସ୍ଥିତ ଜୀବନକୃଷ୍ଣ ଭବନରେ କାର୍ଯ୍ୟକାରୀ କମିଟି ଓ ଆଜି ବାଲେଶ୍ୱର ପ୍ରଧାନ ଡାକଘର ପ୍ରାଙ୍ଗଣରେ ଖୋଲା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ତୃତୀୟଶ୍ରେଣୀ ସଂଘର ସଭାପତି ସାଥୀ ଅଜୟ ନାରାୟଣ ଦାସ ଏବଂ ପୋଷ୍ଟମେନ୍ ସଂଘର ସଭାପତି ସାଥୀ ରବିନାରାୟଣ ଧଳ ମିଳିତଭାବେ ସଭାପତିତ୍ୱ କରିଥିଲେ। ପୂର୍ବତନ ଡାକକର୍ମଚାରୀ ସଂଘର କେନ୍ଦ୍ରନେତା ସାଥୀ ନିରଞ୍ଜନ ରାଉତ ସମ୍ମିଳନୀକୁ ଉଦ୍‌ଘାଟନ କରି ତାଙ୍କର ଉଦ୍‌ଘାଟନୀ ବକ୍ତବ୍ୟ ରଖିଥିଲେ। ତୃତୀୟଶ୍ରେଣୀ ସଂଘର ସମ୍ପାଦକ ସାଥୀ ରାଜେନ୍ଦ୍ର ମଲ୍ଲିକ ଓ ପୋଷ୍ଟମେନ୍ ସଂଘ ସମ୍ପାଦକ ସାଥୀ ରବୀନ୍ଦ୍ର କୁମାର ସାହୁ ନିଜ ନିଜ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ତୃତୀୟଶ୍ରେଣୀ ସଂଘର କୋଷାଧ୍ୟକ୍ଷ ସାଥୀ କାର୍ତ୍ତିକ ଚନ୍ଦ୍ର ଦାସ ଓ ପୋଷ୍ଟମେନ୍ ସଂଘର କୋଷାଧ୍ୟକ୍ଷ ସାଥୀ ଗୋବିନ୍ଦ ଚନ୍ଦ୍ର ଘୋଷ ଗତ ୨ ବର୍ଷ ଆୟବ୍ୟୟର ଅଡିଟ୍ ରିପୋର୍ଟ ଗୃହରେ ଉପସ୍ଥାପନ କରିଥିଲେ। ତାହା ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା। ଓଡ଼ିଶା ସର୍କଲର ତୃତୀୟ ଶ୍ରେଣୀ ସଂଘର ସମ୍ପାଦକ ସାଥୀ ରାଜେଶ ବହିଦାର ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟର ବିଭିନ୍ନ ଦାବି ବିଶେଷତଃ ଡାକବିଭାଗକୁ ଘରୋଇକରଣ ବନ୍ଦ କରିବା, ଅନ୍ୟାୟ ଭାବେ ତୃତୀୟଶ୍ରେଣୀ ସଂଘର ପ୍ରତ୍ୟାହାର କରିନେଇଥିବା ମାନ୍ୟତାକୁ ତୁରନ୍ତ ପ୍ରଦାନ କରିବା, ନୂତନ ପେନସନ୍ ଉଚ୍ଛେଦ କରି ପୂର୍ବରୁ ଥିବା ପେନସନ୍ ଲାଗୁ କରିବା, ଖାଲି ପଡ଼ିଥିବା ପଦ ଶୀଘ୍ର ପୂରଣ କରିବା, ବାକିଥିବା ୧୮ମାସର ମହଙ୍ଗା ଭତ୍ତା ଅବିଳମ୍ବେ ପ୍ରଦାନ କରିବା, ଅଷ୍ଟମ ବେତନ କମିଶନ୍ ଶୀଘ୍ର ବସାଇବା ଇତ୍ୟାଦି ଦାବି ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଭାରପ୍ରାପ୍ତ ଡାକ ଅଧୀକ୍ଷକ କୁଶାଳ ମାହାଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂଘର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ଡାକ କର୍ମଚାରୀମାନେ ଡାକବିଭାଗ ଦ୍ୱାରା ହେଉଥିବା ବିଭିନ୍ନ ଯୋଜନାରେ ସହଯୋଗ କରିବା ପାଇଁ କହିଥିଲେ। ରିସେପ୍‌ସନ୍ କମିଟିର ଚେୟାରମେନ୍ ତଥା ପୂର୍ବତନ ସାଧାରଣ ସମ୍ପାଦକ ସାଥୀ ଅକ୍ଷୟ କୁମାର ତ୍ରିପାଠୀ, ଅବସର ଗ୍ରହଣ କରିଥିବା କର୍ମଚାରୀ ସାଥୀ ଧୀରେନ୍ କୁମାର ଗଙ୍ଗାଇ, ମହେଶ୍ୱର ନାୟକ, ଲୋକନାଥ ସିଂ, ରବୀନ୍ଦ୍ର ମହାନ୍ତି ଓ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ପାଇଥିବା ସାଥୀ କ୍ରିଷ୍ଣା ରାଓଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରିବାରେ ସହଯୋଗ କରିଥିଲେ। ପୂର୍ବତନ ତୃତୀୟ ଶ୍ରେଣୀ ସଂଘର ସଭାପତି ସାଥୀ ଗୋପାଳ ଚନ୍ଦ୍ର ପଢ଼ିଆରୀ ମଞ୍ଚାସୀନ ହୋଇ କର୍ମଚାରୀଙ୍କ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡାକ ଅଧୀକ୍ଷକ କୁଶାଳ ମାହାଲ ଓ ବାଲେଶ୍ୱର ପ୍ରଧାନ ଡାକଘରର ପୋଷ୍ଟମାଷ୍ଟର ରତ୍ନପ୍ରଭା ଅଗଷ୍ଟିଙ୍କୁ ସଂଘ ତରଫରୁ ପୁଷ୍ପଗୁଚ୍ଛ ତଥା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧିବେଶନରେ ତୃତୀୟ ଶ୍ରେଣୀ ସଂଘର ସଭାପତି ସାଥୀ ଅଜୟ ନାରାୟଣ ଦାସ, ସମ୍ପାଦକ ସାଥୀ ରାଜେନ୍ଦ୍ର ମଲ୍ଲିକ, କୋଷାଧ୍ୟକ୍ଷ ସାଥୀ କାର୍ତ୍ତି ଚନ୍ଦ୍ର ଦାସ ଓ ପୋଷ୍ଟମେନ୍ ଓ ଏମ୍.ଟି.ଏସ୍ ସଂଘର ସଭାପତି ସାଥୀ ରବୀନ୍ଦ୍ର କୁମାର ଧଳ, ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ଓ କୋଷାଧ୍ୟକ୍ଷ ସାଥୀ ଗୋବିନ୍ଦ ଚନ୍ଦ୍ର ଘୋଷ ସର୍ବସମ୍ମତି କ୍ରମେ ଆଗାମୀ ୨ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ। ଶେଷରେ ସାଥୀ ଦୈପାୟନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ସଭାପତି ସଭାସାଙ୍ଗ କରିଥିଲେ।

# ଭୋଟରଙ୍କୁ ସଚେତନ କରିବ ବ୍ୟାଙ୍କ ଓ ଡାକଘର

ନୂଆଦିଲ୍ଲୀ, ୨୬/୨ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଭୋଟରଙ୍କ ପ୍ରସାର ତଥା ସଚେତନତା ପ୍ରୟାସକୁ ବୃଦ୍ଧି କରିବା ପାଇଁ ନିର୍ବାଚନ ଆୟୋଗ (ଇସିଆଇ) ଭାରତୀୟ ବ୍ୟାଙ୍କ ଆସୋସିଏସନ (ଆଇବିଏ) ଏବଂ ପୋଷ୍ଟ ବିଭାଗ (ଡିଓପି) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଭୋଟର ଶିକ୍ଷା ତଥା ପ୍ରସାରଣରେ ବ୍ୟାଙ୍କ ଏବଂ ଡାକଘର ନିର୍ବାଚନ ଆୟୋଗକୁ ସାହାଯ୍ୟ କରିବ। ଆୟୋଗର ବାର୍ତ୍ତା ଦେଶରେ ୧.୬ ଲକ୍ଷ ବ୍ୟାଙ୍କ ଶାଖା, ୨ ଲକ୍ଷରୁ ଅଧିକ ଏଟିଏମ୍ ଏବଂ ୧.୫୫ ଲକ୍ଷ ଡାକଘର ମାଧ୍ୟମରେ ବ୍ୟାପକ ଜନସାଧାରଣଙ୍କ ନିକଟରେ ପହଞ୍ଚିବ। ସୂଚନାଯୋଗ୍ୟ ଯେ, ଦେଶରେ ନିର୍ବାଚନ ସଚେତନତା ବୃଦ୍ଧି ପାଇଁ ଆୟୋଗ ନିରନ୍ତର ଉଦ୍ୟମ କରିଥାଏ। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଶିକ୍ଷାଗତ ପାଠ୍ୟକ୍ରମରେ ଆନୁଷ୍ଠାନିକ ଭାବେ ନିର୍ବାଚନ ସାକ୍ଷରତା ଯୋଗାଇବା ପାଇଁ ଆୟୋଗ ଶିକ୍ଷା ମନ୍ତ୍ରଣାଳୟ ସହିତ ଏକ ଏମଓୟୁ ସ୍ୱାକ୍ଷର କରିଥିଲେ। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏବଂ ନିର୍ବାଚନ କମିଶନର ଅରୁଣ ଗୋୟଲଙ୍କ ଉପସ୍ଥିତିରେ ଆଜି ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ପୋଷ୍ଟ ବିଭାଗର ସଚିବ ଭିନୀତ ପାଣ୍ଡେ, ଆଇବିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁନୀଲ ମେହେଟ୍ଟା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବେତନଟୀ ରେଲୱେ ଷ୍ଟେସନର ପୁନର୍ବିକାଶ ଶିଳାନ୍ୟାସ ଉତ୍ସବ

ବେତନଟୀ , ୨୬/୨ (ନି.ପ୍ର): ଭାରତ ସରକାରଙ୍କ ରେଳମନ୍ତ୍ରାଳୟ ଦ୍ୱାରା ଅମୃତ ଭାରତ ଷ୍ଟେସନ ଯୋଜନାରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଲୱେ ଷ୍ଟେସନ ଅନ୍ତର୍ଭୁକ୍ତ ହୋଇଅଛି। ଏହି ଅବସରରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ଆଜି ବେତନଟୀ ଷ୍ଟେସନ କୁ ଶିଳାନ୍ୟାସ କରିଛନ୍ତି। ବେତନଟୀ ଷ୍ଟେସନ ପରିସରରେ ଅନୁଷ୍ଠିତ ହୋଇଥିବା ଏ ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବରେ ବାଲେଶ୍ୱର ସାଂସଦ ଙ୍କ ପ୍ରତିନିଧି ପ୍ରଦୀପ ପରିଡା, ଦକ୍ଷିଣପୂର୍ବ ରେଳପଥ ର ଖଡକପୁର ଡ଼ିଭିଜନ ର ବି.ଏମ.ଇ ସଚିନ କୁମାର, ଡେପୁଟି ପ୍ରୋଜେକ୍ଟ ମ୍ୟାନେଜର



ଏ.କେ ହରିତ , ୩୫ ନମ୍ବର ଜୋନ୍ ର ମଣ୍ଡଳ ସଭାପତି ରାଜକିଶୋର ଶାହା ମଞ୍ଚାସୀନ ରହି ବେତନଟୀ ରେଳ ଷ୍ଟେସନ କୁ ଅମୃତ ଭାରତ ଷ୍ଟେସନ ଯୋଜନା ବିଷୟରେ ସୂଚନା ପ୍ରଦାନ କରିଥିଲେ। ବେତନଟୀ ରେଳ ଷ୍ଟେସନ ବିଗତ ବର୍ଷ ପୂର୍ବରୁ ଉନ୍ନତିକରଣ ଚାଲୁଥିବା ବେଳେ ଏହି ଯୋଜନାରେ ପୂର୍ଣ୍ଣବିକାଶ କରାଯିବ ବେଳେ ଷ୍ଟେସନ ର ନୂତନ ବିଲଡିଙ୍ଗ, ୱେଟିଙ୍ଗ ହଲ, ଅତ୍ୟାଧୁନିକ ଶୌଚାଳୟ, ଡିଜିଟାଲ ଡିସପ୍ଲେ ବୋର୍ଡ, ଅଣ୍ଡରପାସ, ପ୍ଲାଟଫର୍ମ ର କଭର ସେଡ ଓ ଅଧିକ ଉଚ୍ଚତା ବିଶିଷ୍ଟ ହେବ ବୋଲି ଜଣାପଡିଛି। ଏହି ପୂର୍ଣ୍ଣବିକାଶ ପାଇଁ ୪୧ ହଜାର କୋର୍ଟ ପ୍ରକଳ୍ପ ହେବା ପାଇଁ ଅର୍ଥ ମଞ୍ଜୁର ହୋଇଛି। ଏହି ଅବସରରେ ବେତନଟୀ ଦ୍ୱୈହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ବିଭିନ୍ନ ପ୍ରତିଯୋଗିତା ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଅମ୍ବିକା ବାରିକ, ନାରୀ ନେତ୍ରୀ ସାହୁ, ବଡ଼ସାହି ଜିଲ୍ଲା ପରିଷଦ ସଦସ୍ୟ ଜଗନ୍ନାଥ ମଲ୍ଲିକ , ଖଗେନ୍ଦ୍ର ସାହୁ, ରଞ୍ଜିତ ପ୍ରଧାନ, ସଞ୍ଜୟ ବେହେରା , କୁନା ମହାନ୍ତ , ତପନ ନାୟକ ପ୍ରମୁଖ ବିଜେପି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରାଂଚିର କୁଡୁମୀ ହୁଙ୍କାର ମହାରାଲିରେ କୁଡୁମୀ ସେନା ସାମିଲ

ବେତନଟୀ, ୨୬/୨ (ନି.ପ୍ର): ଦିନକୁଦିନ କୁଡୁମୀ ଜାତି କୁ ଆଦିବାସୀ ମାନ୍ୟତା ଦାବି ତେଜିବାରେ ଲାଗିଥିବାବେଳେ ବ୍ୟାପକ ହେବାରେ ଲାଗିଛି ଜନଆନ୍ଦୋଳନ । ଓଡିଶା ସମେତ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଆସାମ ସମେତ ଦେଶ ର ଅନ୍ୟାନ୍ୟ ରାଜ୍ୟମାନଙ୍କ ରେ ବସବାସ କରୁଥିବା କୁଡୁମୀ ସମ୍ପ୍ରଦାୟ ଏକାଠି ହେବାର ଲାଗିଥିବାବେଳେ ଆନ୍ଦୋଳନ ଆଗକୁ ଉଗ୍ରରୂପ ନେବାର ସମ୍ଭାବନା ଉଜ୍ଜଳ ହୋଇଛି । ଏନେଇ ରବିବାର ୨୫ ଫେବୃୟାରୀ ଝାଡ଼ଖଣ୍ଡ ରାଜ୍ୟର ରାଜଧାନୀ ରାଞ୍ଚି ର ମୋରାବାଦି ମଇଦାନ ରେ କୁଡୁମୀ ହୁଙ୍କାର ମହାରାଲୀ ସାମିଲ ହେଲେ



କୁଡୁମୀ ସେନା । ଝାଡ଼ଖଣ୍ଡ କୁଡୁମୀ ବିକାଶ ମୋର୍ଚ୍ଚା ର ଅଧକ୍ଷ ଶୀତଲ ଆହେଦାର ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଝାଡ଼ଖଣ୍ଡ ସମେତ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଆସାମ ରାଜ୍ୟ ର ନେତୃମଣ୍ଡଳୀ ମହରାଲୀ ରେ ସାମିଲ ହୋଇଥିଲେ । ଏହି ଅବସର ରେ କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ତାଲିକା ଭୁକ୍ତ କରିବା ପାଇଁ ଆଗକୁ ଆନ୍ଦୋଳନ କିପରି ଭାବେ ଭୟଙ୍କର ରୂପ ନେବ ସେ ନେଇ କୁଡୁମୀ ସେନା ଅଧକ୍ଷ ଜୈମୁନି କୁମାର ମହାନ୍ତ ନିଜର ତଥ୍ୟଭିତ୍ତିକ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

# 'ଆମ ହସ୍‌ପିଟାଲ' ଯୋଜନାରେ ଜିକେ ଭଟ୍ଟର ହସ୍‌ପିଟାଲ

## ୨କୋଟି ୫୬ଲକ୍ଷ ଟଙ୍କାର ରୂପାନ୍ତରିକରଣ : ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଜଳେଶ୍ୱର , ୨୬/୨ (ନି.ପ୍ର): ସ୍ୱାସ୍ଥ୍ୟ ସେବାର ବିକାଶ ଲାଗି ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଆଜି ଜଳେଶ୍ୱର ଜିକେଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୂପାନ୍ତରିକରଣ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡିଏମ୍ ପ୍ରିୟଦର୍ଶିନୀ ମଲ୍ଲିକ, ମନ୍ତ୍ରୀ ଅଶ୍ୱିନୀ ପାତ୍ର, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌରପାଳ ପ୍ରତୀପ ପ୍ରଧାନ, ଜିଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ବିଡିଓ ପୁନମ ରାଉତ, ହସ୍‌ପିଟାଲ ସୁପରିଟେଣ୍ଡେଣ୍ଟ ଡା. ଦିଲ୍ଲିପ ପାତ୍ର, ଡା. ଅରୂପ ଅଭିଷେକ, ସଂଚିତା ସେନାପତି, ପୁଷ୍ପପ୍ରିୟା କାମିଲା, ଲେଲିନ ପ୍ରଧାନ, ଏସ୍‌କେ ଆବାସ ଅଲ୍ଲି, ସଂଜୟ ମହାନ୍ତି, ସତ୍ୟବତୀ ଗିରି, ସତ୍ୟରଂଜନ ମହାପାତ୍ର ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରେ ମିଶନ ଶକ୍ତି କାଫେ, ରୋଗୀ ପଂଜିକରଣ କୋଠରୀ, ପିଇବା ପାଣି, ସର୍ବସାଧାରଣ ସୌଚାଳୟ, ମୁଖ୍ୟ ଫାଟକ, ହସ୍‌ପିଟାଲ ମଧ୍ୟରେ ସଂଯୋଗୀକରଣ ରାସ୍ତା, ପାର୍କିଂ ବ୍ୟବସ୍ଥା ଓ ପୁରୁଣା କୋଠାର ରୂପାନ୍ତରିକରଣ ଲାଗି ୨କୋଟି ୫୬ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାଯାଇଛି ।

# ଆମ ହସ୍ପିଟାଲ ରୂପାନ୍ତରିକରଣ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ



ନୀଳଗିରି, ୨୬/୨ (ନି.ପ୍ର): ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ନୀଳଗିରି ଉପଖଣ୍ଡ ହସ୍ପିଟାଲର ରୂପାନ୍ତରିକରଣ 'ଆମ ହସ୍ପିଟାଲ'କୁ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଭର୍ଚୁଆଲ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନୀଳଗିରି ମେଡିକାଲ ଖୁବସୁନ୍ଦର ରୁପାନ୍ତରିତ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସିଡିଏମଓ ଡ. ଦୁଲାଲ ସେନ ଜଗଦେବ, ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ନୀଳଗିରି ବିଡ଼ିଓ ରାହୁଲ ମଣ୍ଡଳ, ନୀଳଗିରି ମେଡିକାଲର ଏସ.ଡି.ଏମ.ଓ ଡାକ୍ତର ସରୋଜିନୀ ପ୍ରଧାନ, ତହସିଲଦାର ଦିପ୍ତିମୟୀ ବେହେରା, ସମେତ ବହୁ ଅଧିକାରୀ ମାନେ ଉପସ୍ଥିତ ଥିଲେ। ନୀଳଗିରି ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ୍.ଏ.ସି, ଅଧକ୍ଷା ଅମ୍ବିକା ଦାସ, ବହୁ ନିର୍ବାଚିତ ଲୋକପ୍ରତିନିଧି ଉପସ୍ଥିତ ଥିଲେ।

# ସେଲ ଆରଏସପି ଦ୍ୱାରା ନୂଆଗାଁ ବ୍ଲକର ଗ୍ରାମୀଣଙ୍କୁ ଛତୁ ଚାଷ ତାଲିମ

ରାଉରକେଲା, ୨୬/୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ପାର୍ଶ୍ୱାଞ୍ଚଳ ଲୋକଙ୍କର ଆର୍ଥିକ ସଶକ୍ତିକରଣ ନିମନ୍ତେ ଏକ ପ୍ରୟାସ ସ୍ୱରୂପ ଛତୁ ଚାଷ ତାଲିମ ପ୍ରଦାନ କରୁଛି। ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ଫେବୃଆରୀ ୧୪ ଓ ୧୫ ତାରିଖରେ ଅନୁଷ୍ଠିତ ଛତୁ ଚାଷ ତାଲିମ କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଅନ୍ତର୍ଗତ ଜହରି ଟୋଲି ର ଭିନ୍ନ ଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୨୦ ଜଣ ସଦସ୍ୟାଙ୍କୁ ଢିଙ୍ଗରୀ ଛତୁ ଚାଷ ତାଲିମ ପ୍ରଦାନ କରାଯାଇଥିଲା। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଢିଙ୍ଗ୍ରି ଛତୁ ଚାଷ ପ୍ରକ୍ରିୟା ଉପରେ ତତ୍ତ୍ୱଗତ ଓ ପ୍ରୟୋଗାତ୍ମକ ତଥ୍ୟ ଅନ୍ତର୍ଭୁକ୍ତ ଥିଲା। ତାଲିମ କାର୍ଯ୍ୟକ୍ରମ ସମାପ୍ତ ହେବା ପରେ ପ୍ରତ୍ୟେକ ହିତାଧିକାରୀଙ୍କୁ ନିଜ ସ୍ଥାନରେ ଚାଷ କରିବା ଏବଂ ଅନ୍ୟମାନଙ୍କୁ ଏଥିସମ୍ବନ୍ଧରେ ଉତ୍ସାହିତ କରିବା ପାଇଁ ଏକ ବୋତଲ ଛତୁ ମଞ୍ଜି ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ ଶେଷରେ ହିତାଧିକାରୀମାନେ ଏହି କାର୍ଯ୍ୟକ୍ରମକୁ ନେଇ ସନ୍ତୁଷ୍ଟି ବ୍ୟକ୍ତ କରିଥିଲେ । ସିଏସଆର ବିଭାଗର ମାଷ୍ଟର ଟ୍ରେନର ଶ୍ରୀ ଟିଣ୍ଟସ୍ ଭେଙ୍ଗ୍ରା, ଶ୍ରୀ ବି ଏକ୍କା, ଓ ଦଳପୋଷ ଆଦର୍ଶ ଇସ୍ପାତ ଗ୍ରାମର ସୁମନ ସ୍ୱୟଂ ସହାୟକ ଗୋଷ୍ଠୀର ମାଷ୍ଟର ଟ୍ରେନର, ସୁଶ୍ରୀ କମଳା ଟପ୍ପୋ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ କାର୍ମିକ ବିଭାଗର ଜିଏମ ଡକ୍ଟର ପି କେ ସାହୁ ଅଧକ୍ଷତା କରି ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସିଏସଆର ବିଭାଗର ଜିଏମ ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣରେ ଆରଏସପିର ବିଭିନ୍ନ ସିଏସଆର ଯୋଜନା ବିଷୟରେ ସୂଚନା ଦେଇଥିଲେ।

# ରାମକୃଷ୍ଣ ବିଦ୍ୟା ନିକେତନର ଦ୍ୱାଦଶ ତମ ବାର୍ଷିକ ଉତ୍ସବ

ବାସୁଦେବପୁର, ୨୬/୨ (ନି.ପ୍ର): ବାସୁଦେବପୁର ସହର ସ୍ଥିତ ଆଦର୍ଶ ଶିକ୍ଷାନୁଷ୍ଠାନ ରାମକୃଷ୍ଣ ବିଦ୍ୟା ନିକେତନର ଦ୍ୱାଦଶ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ନରସିଂହପୁର ମଧ ଇଂରାଜୀ ବିଦ୍ୟାଳୟ ର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରା ସଭାପତିତ୍ୱ କରିଥିଲେ । ସମସ୍ତ ଅତିଥି ରାମକୃଷ୍ଣ ପରମହଂସ ଙ୍କ ଫଟୋଚିତ୍ର ଓ ଭାରତ ମାତା ଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ । ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର କୁମରବର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ କହିଲେ ବିବେକ ବିହୀନ ଶିକ୍ଷାର କୌଣସି ମୂଲ୍ୟ ନାହିଁ । ବର୍ତ୍ତମାନ ଆମ ସମାଜରେ ଅପ ସଂସ୍କୃତି ବୃଦ୍ଧି ପାଇଛି । ହୃଦୟ ର ଭାଷା ହେଉଛି ସ୍ନେହ ମମତା ଓ ପ୍ରେମ । ମାନବିକତା ମୌଳିକତା, ଦେଶପ୍ରେମ, ଦୟା କ୍ଷମା, ନିଷ୍ଠା ତ୍ୟାଗ ଏସବୁ ମନୁଷ୍ୟ ମଧ୍ୟରେ ରହିବା ଉଚିତ୍ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରଫେସର୍ ସୂର୍ଯ୍ୟମଣି ଶତପଥୀ ଧର୍ମ କର୍ମ ସାହିତ୍ୟ ଓ ଆଧାତ୍ମିକ ଚିନ୍ତାଧାରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରଧାନ ଆଚାର୍ଯ୍ୟ ଧୀରେନ୍ଦ୍ର କୁମାର ବାରିକ ସମ୍ମାନିତ ଅତିଥି ଭାବେ ଯୋଗ



ଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସେବା ନିବୃତ୍ତ ଶିକ୍ଷକ ପୁରୁଷୋତ୍ତମ ନାୟକ, ଯୁବ କଣ୍ଠଶିଳ୍ପୀ ଜିତେନ୍ଦ୍ର ମହାକୁଡ, ରାମକୃଷ୍ଣ ବିଦ୍ୟା ନିକେତନର ଆଚାର୍ଯ୍ୟା ମିନତି ମଣି ବାରିକ୍, ଆଦର୍ଶ ମାଆ ସୀମା ରାଣୀ ପଣ୍ଡା, ଲକ୍ଷ୍ମୀ ପ୍ରିୟା ସାହୁ, ମମତା ରାଣୀ ପଲାଇ, ପ୍ରେମ ଲତା ବେହେରା, ସଂଜୁଲତା ବେହେରା ଓ ସରୋଜିନୀ ବେହେରା ଙ୍କୁ ମାନପତ୍ର ଓ ଉପଢ୍ଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇ ଥିଲା । ବିଦ୍ୟା ନିକେତନର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ସ୍ମୃତି ମଗ୍ନା ପଲାଇ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷକ ତପନ ବାରିକ୍ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟା ନିକେତନର ପ୍ରଧାନ ଆଚାର୍ଯ୍ୟ ଧୀରେନ୍ଦ୍ର କୁମାର ବାରିକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଦ୍ୟା ନିକେତନର ଗୁରୁଜୀ ଗୁରୁମା ଅଶୋକ ବିଶ୍ୱାଳ, ମିନତି ବାରିକ୍, ଦୁର୍ଗା ସାହୁ, ଆରତି ବେହେରା, ଶକ୍ତି ମଲିକ, ସୋନାଲିକା ସାମଲ, ନଳିନୀ ମଲିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo